ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ନଭେମ୍ବର ୨୪/୨୦୨୫ (୨୦ ପୃଷ୍ଠା) | Bhubaneswar, Monday, November 24/2025 | Page 20 | ₹ 7.00 | BERHAMPUR
୫୨ଶ ଭାଗ ୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 1 | ମୂଲ୍ୟ ₹୭/-

## ଶ୍ରଦ୍ଧାଞ୍ଜଳି



ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

## ଅଭିନନ୍ଦନ

ଧରିତ୍ରୀର ୫୨ତମ ଜୟନ୍ତୀ ଅବସରରେ ପ୍ରିୟ ପାଠିକାପାଠକ, ଲେଖିକାଲେଖକ, ଶୁଭେଚ୍ଛୁ, ଏଜେଣ୍ଟ, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

## ଆଜିର ସମ୍ପାଦକୀୟ

୫୨

# ଦିଲ୍ଲୀରେ ୪୦୦ ଟପିଲା ଏକ୍ୟୁଆଇ

**ଅସମ୍ଭାଳ ହେଲାଣି ଦେଶର ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ। ଲଗାତର ୧୦ଦିନ ଧରି ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ସ୍ୱାଭାବିକ ଠାରୁ ବହୁ ଅଧିକ ରହୁଛି । ରବିବାର ଦିଲ୍ଲୀର ଏକ୍ୟୁଆଇ ୪୦୦ ଟପିଛି, ଯାହାକି ସାଧାରଣ ଜନଜୀବନ ପାଇଁ ବିପଦ । ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀ ସରକାର ଘରୋଇ ଅନୁଷ୍ଠାନଗୁଡ଼ିକୁ ୫୦% କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍(ଘରେ ରହି କାମ କରିବା) ପାଇଁ ନିର୍ଦ୍ଦେଶ ଦେଇଛନ୍ତି।**



ନୂଆଦିଲ୍ଲୀରେ ରବିବାର ବାୟୁ ପ୍ରଦୂଷଣ ଯୋଗୁ ରାସ୍ତାରେ ଧୂଆଁର ଭ୍ରମ ସୃଷ୍ଟି ହୋଇଛି।

### ଅସମ୍ଭାଳ ବାୟୁ ପ୍ରଦୂଷଣ

### ୫୦% ୱାର୍କ ଫ୍ରମ୍ ହୋମ୍ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୩।୧୧**

ଦିଲ୍ଲୀରେ ଏକ୍ୟୁଆଇ ରବିବାର ପୁଣିଥରେ ୪୦୦ ଅତିକ୍ରମ କରିଥିବାରୁ ବିଷାକ୍ତ ବାୟୁରୁ ଦିଲ୍ଲୀବାସୀଙ୍କୁ ନିସ୍ତାର ନାହିଁ। ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ମାନ ଗମ୍ଭୀର ସ୍ଥିତିରେ ରହିଛି। ଫଳରେ ଦିଲ୍ଲୀରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍ଏପି)କୁ ଆହୁରି କଡ଼ାକଡ଼ି କରାଯାଇଛି। ଜିଆର୍ଏପିର ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ଦିଲ୍ଲୀର ଅଧିକ ପ୍ରଦୂଷିତ ଅଞ୍ଚଳରେ ୫୦ ପ୍ରତିଶତ କର୍ମଚାରୀରେ ଅଫିସ୍ ଚାଲିବାକୁ ଥିବାବେଳେ ଅବଶିଷ୍ଟ କର୍ମଚାରୀ ଘରେ ରହି କାର୍ଯ୍ୟ କରିବେ। ଏଥିସହିତ ପୂର୍ବରୁ ଲାଗୁ ହୋଇଥିବା କଟକଣା ଯଥା ପ୍ରଦୂଷଣ ସୃଷ୍ଟିକାରୀ ଯାନ ଚଳାଚଳ ବନ୍ଦ ରଖିବା ଏବଂ ଅତି ଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟ ସ୍ଥଗିତ ଆଦି ବଳବତ୍ତର ରହିବ।

ଦିଲ୍ଲୀର ଅଧିକାଂଶ ସ୍ଥାନରେ ରବିବାର ସକାଳେ ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୦ ଉପରେ ରହିଥିଲା। ଆନନ୍ଦ ବିହାରରେ ଏକ୍ୟୁଆଇ ୪୨୭ ରେକର୍ଡ କରାଯାଇଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟରୁ ଜଣାପଡ଼ିଛି। ବୁରାରୀରେ ମଧ୍ୟ ବାୟୁ ଗୁଣବତ୍ତା ୪୦୨ରହିଛି। କ୍ରମାଗତ ୧୦ ଦିନ ହେଲା ଜାତୀୟ ରାଜଧାନୀରେ ବାୟୁ ମାନ ଅତ୍ୟନ୍ତ ନିକୃଷ୍ଟ ରହିଆସିଛି। ନରେନଲାରେ ଏକ୍ୟୁଆଇ ୪୧୫ ଥିଲାବେଳେ ଜାହାଙ୍ଗୀରପୁରୀରେ ୪୩୮, ନଏଡ଼ାରେ ୪୩୬, ଗ୍ରେଟର ନଏଡ଼ାରେ ୩୨୫ ଏବଂ ଗାଜିଆବାଦରେ ୪୨୬ ରେକର୍ଡ କରାଯାଇଛି।

ବାୟୁ ପ୍ରଦୂଷଣ ଅଧିକ ବିଗୁଡ଼ୁଥିବାରୁ ଏହାକୁ ରୋକିବା ଲାଗି ଦିଲ୍ଲୀ-ଏନ୍ସିଆର୍ରେ ଜିଆର୍ଏପିକୁ ଅଧିକ କଡ଼ାକଡ଼ି କରାଯାଇଛି। ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଶୁକ୍ରବାର ଷ୍ଟେକ୍ହୋଲ୍ଡରମାନଙ୍କ ସହ ପରାମର୍ଶ କରିବା ପରେ କଟକଣା ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ। ନୂଆ ବ୍ୟବସ୍ଥା ଅନୁଯାୟୀ, ଏକ୍ୟୁଆଇ ୨୦୧ରୁ ୩୦୦ ମଧ୍ୟରେ ରହିଲେ ପୂର୍ବରୁ ଲାଗୁ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟ କଟକଣା(ଜିଆର୍ଏପି-୨)କୁ ଏଣିକି ପ୍ରଥମ ପର୍ଯ୍ୟାୟରେ ଲାଗୁ ହେବ। ସଂଶୋଧିତ କଟକଣା ମଧ୍ୟରେ ଡିଜେଲ ଜେନେରେଟର ବ୍ୟବହାର ବନ୍ଦ କରିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଜାରି ରହିବ, ଗହଳି ସ୍ଥାନରେ ଗାଡ଼ି ଚଳାଚଳକୁ ସୁବ୍ୟବସ୍ଥିତ କରିବା ପାଇଁ ଅତିରିକ୍ତ କର୍ମଚାରୀ ନିୟୋଜିତ ହେବେ ଏବଂ ପ୍ରଦୂଷଣ ସମ୍ପର୍କରେ ଖବରକାଗଜ, ଟିଭି ଏବଂ ରେଡ଼ିଓ ଯୋଗେ ଜନସାଧାରଣଙ୍କୁ ସତର୍କ କରାଯିବ। ପରିବହନ କ୍ଷେତ୍ରରେ ସିଏନ୍ଜି ଏବଂ ବିଦ୍ୟୁତ୍ଚାଳିତ ଯାନ ବ୍ୟବହାର ବୃଦ୍ଧି କରାଯିବ। ସେହିପରି ତୃତୀୟ ପର୍ଯ୍ୟାୟ (ଏକ୍ୟୁଆଇ ୩୦୧ରୁ ୪୦୦) ପାଇଁ ଯେଉଁ କଟକଣା ଲାଗୁ ହେଉଥିଲା, ତାହାକୁ ଦ୍ୱିତୀୟ ପର୍ଯ୍ୟାୟରେ ଲାଗୁ କରାଯିବ। ସେଥିରେ ରହିଛି ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ☞ପୃଷ୍ଠା-୪

# ମା' ନେଇଥିଲେ ଋଣ, ମାଡ଼ ଖାଇଲେ ଝିଅ

**ଭଦ୍ରକ,୨୩।୧୧(ସନାତନ ରାଉତ)**

ମା' ଋଣ ନେଇଥିଲେ। ହେଲେ ଜୀବଦ୍ଦଶା ଭିତରେ ତାହାକୁ ଶୁଝି ପାରିଲେନି। ଏବେ ତାଙ୍କ ମୃତ୍ୟୁ ପରେ ମାଡ଼ ଖାଇଛନ୍ତି ୨ ଝିଅ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସଂଘବଦ୍ଧ ଭାବେ ମୃତା ମହିଳାଙ୍କ ୨ ଝିଅଙ୍କୁ ମାଡ଼ ମାରିଛନ୍ତି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଅରଞ୍ଜି ଗ୍ରାମରେ ଶନିବାର ଏଭଳି ଘଟଣା ଘଟିଥିବା ବେଳେ ରବିବାର ଗ୍ରାମାଞ୍ଚଳ ☞ପୃଷ୍ଠା-୪

# ବାତ୍ୟା ଆଣିବ ବଡ଼ ବର୍ଷା

- **ଲଘୁଚାପ କ୍ଷେତ୍ର ଘନୀଭୂତ, ଆଜି ଅବପାତ**
- **ସର୍ବାଧିକ ୧୦୦ କି.ମି. ବେଗରେ ପବନ**

**ଭୁବନେଶ୍ୱର, ୨୩।୧୧ (ବନ୍ଦନା ସେଠୀ)**

ବଙ୍ଗୋପସାଗରରେ ବାତ୍ୟା ହେବା ନେଇ ଧୀରେ ଧୀରେ ଚିତ୍ର ସ୍ପଷ୍ଟ ହେବାରେ ଲାଗିଛି। ପୂର୍ବରୁ ବିଶ୍ୱସ୍ତରୀୟ ବିଭିନ୍ନ ମଡେଲ ବାତ୍ୟା ହେବା ନେଇ ପୂର୍ବାନୁମାନ କରିଥିବାବେଳେ ଏବେ ଭାରତୀୟ ପାଣିପାଗ ବିଭାଗ ମଧ୍ୟ ଏ ସଂକ୍ରାନ୍ତରେ ସୂଚନା ଦେଇଛି। ତେବେ ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ନେଇ ଆକଳନ ଚାଲିଥିବାବେଳେ ଏଥିଯୋଗୁ ରାଜ୍ୟରେ ପ୍ରବଳ ବର୍ଷା ଓ ପବନ ହେବ ବୋଲି ପାଣିପାଗ ବିଭାଗ କହିଛି। ଆଇଏମ୍ଡିର ସୂଚନା ଅନୁଯାୟୀ, ମଲାକ୍କା ଷ୍ଟ୍ରେଟ୍ ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ☞ପୃଷ୍ଠା-୪

# ଭାରତ ଚାମ୍ପିୟନ

### ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍

**ଭୁବନେଶ୍ୱର,୨୩।୧୧ (ଅନାଦି କର)**

ଦେଶର ମହିଳା କ୍ରିକେଟ ଦଳ ଭଳି ଦୃଷ୍ଟିବାଧିତ ମହିଳା ଦଳ ଇତିହାସ ସୃଷ୍ଟି କରିଛି। ଶ୍ରୀଲଙ୍କାର କଲମ୍ବୋସ୍ଥିତ ପି ସାରା ଓଭାଲ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଫାଇନାଲରେ ନେପାଳକୁ ୭ ଉଇକେଟରେ ପରାସ୍ତ କରି ଭାରତ ଉଦ୍ଘାଟନୀ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ରେ ଚାମ୍ପିୟନ ହୋଇଛି। ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ଫୁଲ ସରେନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ☞ପୃଷ୍ଠା-୪



ଟି୨୦ ବିଶ୍ୱକପ୍ ଚାମ୍ପିୟନ ପରେ ଟ୍ରଫି ସହ ଭାରତର ଦୃଷ୍ଟିବାଧିତ ମହିଳା କ୍ରିକେଟ ଟିମ୍।



# ପ୍ରଯୁକ୍ତି ମାନବକୈନ୍ଦ୍ରିକ ହେଉ

## ଏଆଇ ଉପରେ ଗ୍ଲୋବାଲ କମ୍ପାକ୍ଟ ପାଇଁ ମୋଦିଙ୍କ ଆହ୍ୱାନ

ଜୋହାନ୍ସବର୍ଗ, ୨୩।୧୧

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦୁରୁପଯୋଗ ରୋକିବା ଲାଗି ଏକ ଗ୍ଲୋବାଲ କମ୍ପାକ୍ଟ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଜି୨୦ ସମିଟ୍‌ରେ ଆହ୍ୱାନ ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିଗୁଡ଼ିକ ଅର୍ଥକୈନ୍ଦ୍ରିକ ନ ହୋଇ ମାନବକୈନ୍ଦ୍ରିକ ହେବା ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଇଛନ୍ତି। ଗ୍ଲୋବାଲ କମ୍ପାକ୍ଟ ହେଉଛି ଏକ ଜାତିସଂଘ ଉପକ୍ରମ, ଯାହା ବ୍ୟବସାୟ କ୍ଷେତ୍ରରେ ମାନବାଧିକାର, ଶ୍ରମ, ପରିବେଶ, ଦୁର୍ନୀତି ନିବାରଣ ଆଦି ୧୦ଟି ସିଦ୍ଧାନ୍ତ ଭଳି ସ୍ଥାୟୀ ଏବଂ ସାମାଜିକ ଦାୟିତ୍ୱପୂର୍ଣ୍ଣ ନୀତି ଆପଣାଇବାକୁ ପ୍ରୋତ୍ସାହିତ କରିଥାଏ।

ଜି୨୦ ସମିଟ୍‌ର ତୃତୀୟ ଅଧିବେଶନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତିର ପ୍ରୟୋଗ ଜାତୀୟ ପରିବର୍ତ୍ତେ ବୈଶ୍ୱିକ ହେବା ଆବଶ୍ୟକ। ଏହା ବିଶିଷ୍ଟ ମଡେଲ ବଦଳରେ ମୁକ୍ତ ଉତ୍ସ ଉପରେ ଆଧାରିତ ହେବା ଉଚିତ। ଭାରତର ପ୍ରଯୁକ୍ତି ବ୍ୟବସ୍ଥାରେ ଏହି ଦୃଷ୍ଟିକୋଣକୁ ସନ୍ନିବେଶିତ କରାଯାଇଛି, ଯେଉଁଥିରୁ ଉଲ୍ଲେଖନୀୟ ଫାଇଦା ମିଳିଛି। ମହାକାଶ ପ୍ରଯୁକ୍ତି, ଏଆଇ କିମ୍ବା ଡିଜିଟାଲ ପେମେଣ୍ଟରେ ଏହା ବିଶ୍ୱର ନେତୃତ୍ୱ ନେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। 'ସମସ୍ତଙ୍କ ପାଇଁ ନିଷ୍ପକ୍ଷ ଓ ନିରପେକ୍ଷ ଭବିଷ୍ୟତ- ଗୁରୁତ୍ୱପୂର୍ଣ୍ଣ ଖଣିଜ, ଉତ୍କୃଷ୍ଟ କାର୍ଯ୍ୟ, କୃତ୍ରିମ ବୁଦ୍ଧିମତ୍ତା' ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏଆଇ ଯେପରି ବିଶ୍ୱ ମଙ୍ଗଳ ପାଇଁ ବ୍ୟବହାର ହୁଏ ଏବଂ ଏହାର ଦୁରୁପଯୋଗକୁ ରୋକାଯାଏ, ଏନେଇ ଆମ ସମସ୍ତଙ୍କୁ ସୁନିଶ୍ଚିତ କରିବାକୁ ପଡ଼ିବ। ମାନବ ଜୀବନ, ସୁରକ୍ଷା, ସାର୍ବଜନିକ ବିଶ୍ୱାସ ଉପରେ ପ୍ରଭାବ ପକାଉଥିବା ଏଆଇ ବ୍ୟବସ୍ଥା ଉତ୍ତରଦାୟୀ ଏବଂ ଯାଞ୍ଚ ଯୋଗ୍ୟ ହେବା ଆବଶ୍ୟକ। ଏଆଇ ମାନବ ସାମର୍ଥ୍ୟକୁ ବଢ଼ାଇବା ଉଚିତ। ତେବେ ନିଷ୍ପତ୍ତି ନେବାର ବିକଳ୍ପ ଦାୟିତ୍ୱ ସବୁବେଳେ ଲୋକଙ୍କ ପାଖରେ ରହିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ସଂସ୍କାର ଆଉ ଇଚ୍ଛାଧୀନ ହୋଇ ରହିନାହିଁ ବରଂ ଜରୁରୀ ହୋଇପଡ଼ିଛି। ବୈଶ୍ୱିକ ଶାସନ ସଂସ୍ଥାଗୁଡ଼ିକରେ ପରିବର୍ତ୍ତନ ପାଇଁ ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା ସ୍ପଷ୍ଟ ବାର୍ତ୍ତା ପଠାଇବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା (ଆଇବିଏସ୍‌ଏ) ନେତୃବର୍ଗଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ଗୋଟିଏ ସମୟ ଯେତେବେଳେ ବିଶ୍ୱ ଖଣ୍ଡିତ ଏବଂ ବିଭାଜିତ ପ୍ରତୀତ ହେଉଥାଏ, ସେତେବେଳେ ଆଇବିଏସ୍‌ଏ ଏକତା, ସହଯୋଗ ଓ ମାନବୀୟତାର ବାର୍ତ୍ତା ପ୍ରଦାନ କରିଥାଏ।



ଜି୨୦ ସମିଟ୍ ଅବସରରେ ରବିବାର ଅନୁଷ୍ଠିତ ଆଇବିଏସ୍‌ଏ ନେତାମାନଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା(ବାମ) ଓ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା।

# ବିରୋଧ ପରେ ନରମିଲା କେନ୍ଦ୍ର

## ଚଣ୍ଡିଗଡ଼ ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନି: ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

ଚଣ୍ଡିଗଡ଼, ୨୩।୧୧

କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୨୪୦ ପରିସର ଅଧୀନରେ ଏକ ବିଲ୍ ଆଣିବାକୁ ଯୋଜନା କରୁଥିବା ଅଭିଯୋଗ ହୋଇଥିଲା। ଉକ୍ତ ବିଲ୍ ଆଇନରେ ପରିଣତ ହୋଇଥିଲେ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସକ ଭାବେ ଜଣେ ଉପରାଜ୍ୟପାଳ ନିଯୁକ୍ତିକୁ ଅନୁମତି ମିଳିଥାନ୍ତା। ଏହାକୁ ନେଇ ରାଜନୈତିକ ଉତ୍ତେଜନା ଜୋର୍ ଧରିବା ପରେ କେନ୍ଦ୍ର ସରକାର ନରମିଛନ୍ତି। ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଆଇନ ପ୍ରଣୟନ ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରବିବାର ସ୍ପଷ୍ଟ କରିଛି। ପାର୍ଲାମେଣ୍ଟର ଆଗାମୀ ଶୀତ ଅଧିବେଶନରେ ଏଭଳି କୌଣସି ବିଲ୍ ଆଣିବା ଲାଗି କେନ୍ଦ୍ର ସରକାରଙ୍କର ଉଦ୍ଦେଶ୍ୟ ନ ଥିବା ମନ୍ତ୍ରଣାଳୟ କହିଛି। ସରକାରଙ୍କ ପକ୍ଷରୁ ଆହୁରି ସ୍ପଷ୍ଟ କରିଦିଆଯାଇଛି ଯେ, ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ କେନ୍ଦ୍ର ସରକାରଙ୍କ ଆଇନ ପ୍ରଣୟନ ପ୍ରକ୍ରିୟାକୁ ସରଳୀକୃତ କରିବା ଉକ୍ତ ବିଧେୟକ ପଛର ଉଦ୍ଦେଶ୍ୟ। ଉକ୍ତ ବିଲ୍ ଏବେ କେନ୍ଦ୍ରର ବିଚାରାଧୀନ ରହିଛି।

ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳକୁ ସମ୍ବିଧାନର ଅନୁଚ୍ଛେଦ ୨୪୦ ପରିସରକୁ ଆଣିବା ଉକ୍ତ ବିଲ୍‌ର ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଉଛି। ଏହି ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରାଷ୍ଟ୍ରପତିଙ୍କୁ ପ୍ରତ୍ୟକ୍ଷ ଭାବେ ନିୟମାବଳୀ ଓ ବିଧାନ ଜାରି କରିବାର କ୍ଷମତା ମିଳିଥାଏ। ଚଣ୍ଡିଗଡ଼ର ଶାସନ କିମ୍ବା ପ୍ରଶାସନିକ ଢାଞ୍ଚାରେ ପରିବର୍ତ୍ତନ କରିବାର ଉଦ୍ଦେଶ୍ୟ ନାହିଁ କିମ୍ବା ଚଣ୍ଡିଗଡ଼ ଓ ପଞ୍ଜାବ କିମ୍ବା ହରିୟାଣା ମଧ୍ୟରେ ପାରମ୍ପରିକ ବ୍ୟବସ୍ଥାରେ ପରିବର୍ତ୍ତନର ଲକ୍ଷ୍ୟ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ସମସ୍ତ ଅଂଶୀଦାରଙ୍କ ସହ ବିଚାରବିମର୍ଶ ପରେ ଉପଯୁକ୍ତ ନିଷ୍ପତ୍ତି ନିଆଯିବ। ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ଚଣ୍ଡିଗଡ଼କୁ ଅନୁଚ୍ଛେଦ ୨୪୦ ଅଧୀନକୁ ଆଣିବାକୁ ଯୋଜନା କରୁଥିବା ନେଇ ଖବର ପ୍ରକାଶ ପାଇବା ପରେ ରାଜନୈତିକ ଉତ୍ତେଜନା ଦେଖାଦେଇଥିଲା। ଏହା ଦ୍ୱାରା ରାଷ୍ଟ୍ରପତିଙ୍କୁ ନିୟନ୍ତ୍ରଣ କ୍ଷମତା ମିଳିଥାନ୍ତା। ଏବେ ଚଣ୍ଡିଗଡ଼ ପଞ୍ଜାବ ସରକାରଙ୍କ ଦ୍ୱାରା ଶାସିତ ହେଉଛି ଏବଂ ଏହି ସହର ଉଭୟ ପଞ୍ଜାବ ଓ ହରିୟାଣାର ରାଜଧାନୀ ରହିଛି। ଏଭଳି ପ୍ରସ୍ତାବ ପଞ୍ଜାବ ଉପରେ ଆକ୍ରମଣ ବୋଲି ରାଜ୍ୟର ନେତାମାନେ ଯୁକ୍ତି ଦର୍ଶାଇଥିଲେ। ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍), କଂଗ୍ରେସ ଏବଂ ଅକାଳୀ ଦଳ ଉକ୍ତ ପ୍ରସ୍ତାବକୁ ଜୋର୍‌ଦାର ବିରୋଧ କରିଥିଲେ।

# ସିଜେଆଇ ଭାବେ ଆଜି ଶପଥ ନେବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ

ନୂଆଦିଲ୍ଲୀ, ୨୩।୧୧ (ପି.ଟି.)

ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୋମବାର ଭାରତର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ବିଦାୟୀ ସିଜେଆଇ ବି.ଆର୍. ଗବଇ ରବିବାର ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନୂଆ ସିଜେଆଇ ହେବାକୁ ଯାଉଛନ୍ତି। ଗତ ଅକ୍ଟୋବର ୩୦ରେ ତାଙ୍କୁ ପରବର୍ତ୍ତୀ ସିଜେଆଇ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି ପଦବୀରେ ସେ ପାଖାପାଖି ୧୫ ମାସ ରହି ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ୧୯୬୨ ଫେବୃଆରୀ ୧୦ରେ ହରିୟାଣାର ହିସାରରେ ଜନ୍ମିତ ସୂର୍ଯ୍ୟକାନ୍ତ ଏକ ଛୋଟ ସହରର ଆଇନଜୀବୀରୁ ଦେଶର ସର୍ବୋଚ୍ଚ ନ୍ୟାୟିକ ଅଧିକାରୀ ହୋଇଛନ୍ତି। ଜାତୀୟ ଗୁରୁତ୍ୱ ଏବଂ ସାମ୍ବିଧାନିକ ପ୍ରସଙ୍ଗ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସେ ରାୟ ପ୍ରଦାନ କରିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ, ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ, ପେଗାସସ୍ ସ୍ପାଏୱେୟାର ଆଦି ମାମଲାର ରାୟ ପ୍ରଦାନରେ ସେ ସାମିଲ ଥିଲେ।



# ଗ୍ୟାଙ୍ଗଷ୍ଟର-ଟେରର ମଡ୍ୟୁଲ ପର୍ଦ୍ଦାଫାଶ: ୫ ଗିରଫ

ଚଣ୍ଡିଗଡ଼, ୨୩।୧୧

ପଞ୍ଜାବ ପୋଲିସ ଶନିବାର ଏକ ଗ୍ୟାଙ୍ଗଷ୍ଟର-ଟେରର ମଡ୍ୟୁଲର ପର୍ଦ୍ଦାଫାଶ କରିବା ସହ ୫ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଗତ ୩ ସପ୍ତାହ ମଧ୍ୟରେ ଏଭଳି ୭ଟି ମଡ୍ୟୁଲ୍ ସମ୍ପର୍କରେ ଜଣାପଡ଼ିଲାଣି। ଗିରଫ ବ୍ୟକ୍ତିମାନଙ୍କୁ ପାକିସ୍ତାନ, କାନାଡା ଏବଂ ୟୁରୋପରୁ ସଞ୍ଚାଳିତ ହେଉଥିବା ପରିଚାଳକମାନେ ଟାର୍ଗେଟ୍ କିଲିଂ କାର୍ଯ୍ୟ ଦେଇଥିଲେ। ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇଥିବା ଯୁବକମାନଙ୍କୁ ହ୍ୟାଣ୍ଡ ଗ୍ରେନେଡ୍ ବ୍ୟବହାର ସମ୍ପର୍କରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏହାର ହ୍ୟାଣ୍ଡଲରମାନଙ୍କ ଜରିଆରେ ୟୁଟ୍ୟୁବ୍ ଭିଡିଓ ସହାୟତାରେ ତାଲିମ ପ୍ରଦାନ କରୁଥିଲା। ଉକ୍ତ ଭିଡିଓଗୁଡ଼ିକୁ ପୋଲିସ ଜବତ କରିଛି। ସେଗୁଡ଼ିକ ଡାଉନ୍‌ଲୋଡ୍ କରାଯାଇ ହ୍ୱାଟ୍ସଆପ୍ ଜରିଆରେ ଶେୟାର କରାଯାଉଥିଲା। ଅଭିଯୁକ୍ତମାନେ ହେଲେ ରାଜସ୍ଥାନର ଦୀପକ ଓରଫ ଦୀପୁ, ରାମଲାଲ୍, ପଞ୍ଜାବ ଫିରୋଜପୁରର ଶାମଶେର ସିଂ, ବିହାରର ହର୍ଷ ଓଝା ଏବଂ ହରିୟାଣାର ଅଜୟ। ଲୁଧିଆନାରେ ଆତଙ୍କବାଦୀ ଆକ୍ରମଣରେ ସମନ୍ୱୟ ରକ୍ଷିବା ଓ କାର୍ଯ୍ୟକାରୀ କରିବା ପାଇଁ ଦୀପୁ ଓ ରାମଲାଲ୍ ରାଜସ୍ଥାନରୁ ଆସିଥିଲେ। ପଞ୍ଜାବରେ ଗ୍ରେନେଡ୍ ଆକ୍ରମଣ ପାଇଁ ସେମାନଙ୍କୁ ପାକିସ୍ତାନୀ ପରିଚାଳକ ଯଶବୀର ଓରଫ ଚୌଧରୀ ଦାୟିତ୍ୱ ଦେଇଥିଲେ। ପଞ୍ଜାବରେ ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନୀ ପରିଚାଳକମାନେ ଜାଣିଶୁଣି ଅନ୍ୟ ରାଜ୍ୟରୁ ଯୁବକମାନଙ୍କୁ ନିଯୁକ୍ତି ଦେଉଥିଲେ। ଏହା ପଛରେ ଥିବା ବିଦେଶୀ ଲିଙ୍କ୍‌ର ପର୍ଦ୍ଦାଫାଶ ପାଇଁ ପଞ୍ଜାବ ପୋଲିସ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ସହଯୋଗ ଲୋଡ଼ିଛି। ଅପରେଶନ ସିନ୍ଦୂର ପରେ ଟାର୍ଗେଟ କିଲିଂ ବହୁତ ବଢ଼ିଛି। ଏଥିପାଇଁ ଗ୍ୟାଙ୍ଗଷ୍ଟର-ଆତଙ୍କବାଦୀ ମଡ୍ୟୁଲ୍‌କୁ ହିଟ୍ ଲିଷ୍ଟ ସମେତ ଅସ୍ତ୍ର ଓ ଲଜିଷ୍ଟିକ୍ ସହାୟତା ବିଦେଶରୁ ମିଳୁଛି। ପଞ୍ଜାବରେ ଶାନ୍ତି ଭଙ୍ଗ କରିବା ପାଇଁ ଆଇଏସ୍‌ଆଇ ଉଦ୍ୟମ ଚଳାଇଥିବାର ନିର୍ଭରଯୋଗ୍ୟ ପ୍ରମାଣ ରହିଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

ପଞ୍ଜାବ ସୀମାରେ ଅସ୍ତ୍ର ଚୋରାଚାଲାଣ ୫ ଗୁଣା ବଢ଼ିଛି। ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା ଏକେ-୪୭ ରାଇଫଲ, ଗ୍ରେନେଡ୍, ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ସମେତ ମୋଟ ୩୭୫ଟି ଅସ୍ତ୍ର ଜବତ ହୋଇଛି, ଯାହା ୨୦୨୧ରୁ ୨୦୨୪ ମଧ୍ୟରେ ଜବତ ହୋଇଥିବା ମୋଟ ଅସ୍ତ୍ରଠାରୁ ଅଧିକ ବୋଲି ପଞ୍ଜାବ ପୋଲିସ କହିଛି।




ରାଜଧାନୀରୁ ବୁଲା କୁକୁରଙ୍କୁ ତଡ଼ିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପ୍ରତିବାଦରେ ଚେନ୍ନାଇରେ ସ୍ୱେଚ୍ଛାସେବୀମାନେ ରବିବାର କୁକୁର ଧରି ବିକ୍ଷୋଭ କରୁଛନ୍ତି।

# ମା'କ୍ଷୀରରେ ୟୁରାନିୟମ୍

## ବିହାରରେ ଶିଶୁଙ୍କ ସ୍ୱାସ୍ଥ୍ୟ ବିପଦରେ: ଅଧ୍ୟୟନ

ନୂଆଦିଲ୍ଲୀ, ୨୩।୧୧

ବିହାରରେ ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ କ୍ଷୀରରେ ୟୁରାନିୟମ୍ ରହିଥିବା ଏକ ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିବା ଚିନ୍ତାର ବିଷୟ ହୋଇଛି। ବିହାରର ୬ଟି ଜିଲାରୁ ସଂଗୃହୀତ ମା'କ୍ଷୀର ନମୁନାରୁ ୟୁରାନିୟମ୍ ବାହାରିଥିବା ଜଣାପଡ଼ିଥିବାରୁ ଏହା ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା ସୃଷ୍ଟି କରିଛି। ସାଇଣ୍ଟିଫିକ୍ ରିପୋର୍ଟ୍ସରେ ପ୍ରକାଶିତ ଉକ୍ତ ଅଧ୍ୟୟନରେ କୁହାଯାଇଛି, ବିହାରର ଗାଙ୍ଗେୟ ସମତଳ ଭୂମିରେ ମା'କ୍ଷୀରରେ ୟୁରାନିୟମ୍ ଉପାଦାନ ରହିଥିବା ପ୍ରଥମେ ଚିହ୍ନଟ ହୋଇଛି। ଉକ୍ତ ଅଞ୍ଚଳରେ ଆର୍ସେନିକ, ସିସା ଓ ପାରଦ ଭଳି ଧାତବ ପଦାର୍ଥର କ୍ଷତିକାରକ ପ୍ରଭାବ ପଡୁଥିବା ପୂର୍ବରୁ ଜଣାଶୁଣା।

ଭୋଜପୁର, ସମସ୍ତିପୁର, ବେଗୁସରାଇ, ଖଗରିଆ, କଟିହାର ଏବଂ ନାଳନ୍ଦାରୁ ୧୭ରୁ ୩୫ ବର୍ଷ ବୟସ ମଧ୍ୟରେ ୪୦ ଜଣ ସ୍ତନ୍ୟପାନ କରାଉଥିବା ମହିଳାଙ୍କ କ୍ଷୀର ନମୁନା ଉପରେ ଗବେଷକମାନେ ଅନୁଧ୍ୟାନ କରିଥିଲେ। ମହାବୀର କ୍ୟାନ୍‌ସର ସଂସ୍ଥାନ ଏବଂ ରିସର୍ଚ୍ଚ ସେଣ୍ଟର (ପାଟନା), ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟି, ଏନ୍‌ଆଇପିଇଆର୍ ହାଜିପୁର ଏବଂ ଅନ୍ୟ ଅନୁଷ୍ଠାନର ଏକ ମିଳିତ ଟିମ୍ ଏହି ଅଧ୍ୟୟନ କରିଥିଲେ। ବିଭିନ୍ନ ନମୁନାରେ ଭିନ୍ନ ପରିମାଣର ୟୁରାନିୟମ୍ ରହିଥିବାବେଳେ ପ୍ରତି ନମୁନାରେ ଚିହ୍ନଟଯୋଗ୍ୟ ୟୁରାନିୟମ୍ (ୟୁ-୨୩୮) ମିଳିଛି, ଯାହାର ମୂଲ୍ୟ ୫.୨୫ ଗ୍ରାମ/ଲିଟର ରହିଛି। ମା'କ୍ଷୀରରେ ୟୁରାନିୟମ୍‌ର ଅନୁମତିଯୋଗ୍ୟ ସୀମା କୌଣସି ଅନ୍ତର୍ଜାତୀୟ ସଂସ୍ଥା ଧାର୍ଯ୍ୟ କରି ନ ଥିବାବେଳେ ଶିଶୁ ଖାଦ୍ୟ ଉତ୍ସରେ କୌଣସି ତେଜସ୍କ୍ରିୟ ଉପାଦାନ ରହିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ ବୋଲି କୁହାଯାଉଛି।





# ମୟୂରଭଞ୍ଜରେ ଦ୍ୱିତୀୟ କ୍ୟାମ୍ପସକୁ 'ଏମ୍‌ସ'ର ନା

## ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ଆୟୁର୍ବେଦିକ ମେଡିକାଲ କଲେଜ

ଭୁବନେଶ୍ୱର,୨୩।୧୧
(ରବିନାରାୟଣ ଜେନା)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଥିବା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ) ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜିଲାରେ ଏହାର ଦ୍ୱିତୀୟ କ୍ୟାମ୍ପସ ଖୋଲିବା ପାଇଁ ଅମଙ୍ଗ ହେଉଛି। ସରକାରଙ୍କ ପକ୍ଷରୁ ଏନେଇ ପ୍ରସ୍ତାବ ଦିଆଯାଇଥିଲେ ହେଁ ଭୁବନେଶ୍ୱର ଏମ୍‌ସ କର୍ତ୍ତୃପକ୍ଷ ରାଜି ହେଉ ନ ଥିବା ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ସମୀକ୍ଷା ବୈଠକରୁ ଜଣାଯାଇଛି।

ମୟୂରଭଞ୍ଜରେ ସ୍ୱାସ୍ଥ୍ୟସେବା ଠାରୁ ଆରମ୍ଭ କରି ଶିକ୍ଷା, ଜଙ୍ଗଲ ପରିଚାଳନା ପାଇଁ ମୁଖ୍ୟଶାସନ ସଚିବ ଆହୁଜାଙ୍କ ଅଧ୍ୟକ୍ଷତାରେ ଅକ୍ଟୋବର ୨୩ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୟୂରଭଞ୍ଜ ଜିଲାରେ ଏମ୍‌ସ ସହ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍ କହିଥିଲେ, ଏମ୍‌ସ କର୍ତ୍ତୃପକ୍ଷ ମୟୂରଭଞ୍ଜରେ ସ୍ୱତନ୍ତ୍ର ୟୁନିଟ୍ ପାଇଁ ରାଜି ହେଉନାହାନ୍ତି। ସଚିବ ଆହୁରି ଦର୍ଶାଇଥିଲେ, ଏମ୍‌ସ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇ କହିଛନ୍ତି, ସେଠାରେ ଥିବା ସରକାରୀ ହସ୍ପିଟାଲକୁ ଉନ୍ନୀତ କରି ସେଠାକାର ଅଧିବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ହେବ। ରାଇରଙ୍ଗପୁର ସବ୍‌ଡିଭିଜନ ସରକାରୀ ହସ୍ପିଟାଲରେ ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫଙ୍କୁ ଅଧିକ ତାଲିମ ଦେବା ସହ ଆନୁଷଙ୍ଗିକ ଯନ୍ତ୍ରପାତି ଯୋଗାଇବା ଲାଗି ରାଜ୍ୟ ସରକାର ଏବଂ ଏମ୍‌ସ ଭୁବନେଶ୍ୱର ସହିତ ଏକ ବୁଝାମଣା କରାଯିବ। ଏଥିପାଇଁ ଡ୍ରାଫ୍ଟ କପି ପ୍ରସ୍ତୁତ ହୋଇସାରିଛି ବୋଲି ସ୍ୱାସ୍ଥ୍ୟ ସଚିବ ବୈଠକରେ ଦର୍ଶାଇଥିଲେ। ଏ ପ୍ରସଙ୍ଗରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏମ୍‌ସ କର୍ତ୍ତୃପକ୍ଷ ତୁରନ୍ତ ତାଲିମ ପ୍ରଦାନ କରିବାର ବ୍ୟବସ୍ଥା କରିବା ସହ ଡିସେମ୍ବର ୨୦୨୫ ସୁଦ୍ଧା ଶେଷ ଏହା ଶେଷ ହେବା ଆବଶ୍ୟକ ବୋଲି କହିଥିଲେ।

ଏହି ଅବସରରେ ସ୍ୱାସ୍ଥ୍ୟ ସଚିବ ମୟୂରଭଞ୍ଜ ରାଇରଙ୍ଗପୁରରେ ଆୟୁର୍ବେଦିକ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ସରକାରୀ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବା ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଥିଲେ, ରାଇରଙ୍ଗପୁରରେ ୪୯.୩୫ଏକର ଜମି ଏଥିପାଇଁ ଚିହ୍ନଟ ହୋଇଛି। ସେଠାରେ କେନ୍ଦ୍ର ଓ ରାଜ୍ୟ ସରକାର ଯୁଗ୍ମ ଭାବେ ଆୟୁର୍ବେଦିକ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରିବାପାଇଁ ସହମତି ହୋଇଛନ୍ତି। ଏହି ପ୍ରକଳ୍ପରେ ୮୫.୬୮କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିପାଇଁ ୨୦୨୫-୨୬ ଆର୍ଥିକବର୍ଷରେ ୭୦କୋଟି ଟଙ୍କାର ପ୍ରାବଧାନ 'ଏସ୍ଏଏପି'ରେ ବ୍ୟବସ୍ଥା ହୋଇଛି। ଅବଶିଷ୍ଟ ୧୫.୬୮ କୋଟି ଟଙ୍କା ରାଜ୍ୟ ବଜେଟରୁ ଖର୍ଚ୍ଚ କରିବାପାଇଁ ସ୍ଥିର ହୋଇଛି। ଏହି ଅବସରରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଆପତ୍ତି ଉଠାଇଥିଲେ। ସେ କହିଥିଲେ, ପ୍ରକଳ୍ପର ଅରଜିନାଲ ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ(ଡିପିଆର୍)ରେ ହସ୍ପିଟାଲର ବାଉଣ୍ଡାରୀ ୱାଲ୍ ସମ୍ପର୍କରେ ଉଲ୍ଲେଖ ନାହିଁ। ଏଥିରେ ମୁଖ୍ୟଶାସନ ସଚିବ ହସ୍ତକ୍ଷେପ କରି ତୁରନ୍ତ ଏହି କାର୍ଯ୍ୟ କରାଇବା ଉପରେ ଅର୍ଥ ବିଭାଗକୁ କହିଥିଲେ। ଏହି ଅବସରରେ ମୟୂରଭଞ୍ଜର ରାଇରଙ୍ଗପୁରରେ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ ଭଳି ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

# ୨୬ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୩।୧୧
(ରବିନାରାୟଣ ଜେନା)

### ଗୃହରେ ଉଠିବ ନୂଆପଡ଼ା, ନାରୀ ନିର୍ଯାତନା ଓ ବାଲିଚୋରି



ବିଧାନସଭାର ଶୀତକାଳୀନ ଅଧିବେଶନ ତଥା ଅତିରିକ୍ତ ବଜେଟ ଅଧିବେଶନ ନଭେମ୍ବର ୨୭ରୁ ଆରମ୍ଭ ହେବ। ପ୍ରଥମଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହରେ ଅଭିଭାଷଣ ରଖିବାକୁ ରହିଥିବାବେଳେ ୨୮ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିରିକ୍ତ ବଜେଟ ଗୃହରେ ଆଗତ କରିବେ। ପ୍ରାୟ ୨୯ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନକୁ ନେଇ ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ୨୬ରେ ସର୍ବଦଳୀୟ ବୈଠକ ଆହୂତ କରିଛନ୍ତି। ଏନେଇ ବିଧାନସଭା ପକ୍ଷରୁ ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସହିତ ସିପିଆଇଏମ୍‌କୁ ମଧ୍ୟ ଅବଗତ କରାଯାଇଛି।

ସୂଚନା ଅନୁଯାୟୀ,ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ୨୬ ତାରିଖ ମଧ୍ୟାହ୍ନ ୧୨ଟା ୩୦ମିନିଟରେ ଅନୁଷ୍ଠିତ ହେବାକୁ ଥିବା ଏହି ସର୍ବଦଳୀୟ ବୈଠକରେ ଗୃହକାର୍ଯ୍ୟ କିଭଳି ସୁରୁଖୁରୁରେ ଚାଲିବ ସେନେଇ ବିସ୍ତୃତ ଆଲୋଚନା ହେବ। ପୂର୍ବ ଅଧିବେଶନରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟ ବହୁବାର ବନ୍ଦ ହେଉଥିବା ନଜିର ରହିଛି। ଏଥର ଅତିରିକ୍ତ ବଜେଟ ଅଧିବେଶନଟି ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ବାଚସ୍ପତି ସବୁଦଳର ସହଯୋଗ କାମନା କରିବେ ବୋଲି ଜଣାଯାଇଛି। ତେବେ ଏଥିପାଇଁ କେଉଁ ନୂତନ ସର୍ତ୍ତ ରହିବ ତାହା ବୈଠକ ପରେ ଜଣାପଡ଼ିବ।

ବିଧାନସଭାର ଶୀତ ଅଧିବେଶନକୁ ନେଇ ରାଜ୍ୟର ପ୍ରମୁଖ ତିନିଦଳ ଭାଜପା, ବିଜେଡି ଓ କଂଗ୍ରେସ ପକ୍ଷରୁ ଏବେଠାରୁ ମାନସମନ୍ଥନ ଆରମ୍ଭ ହୋଇଛି। ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜନୈତିକ ବ୍ୟାପାର କମିଟି(ପିଏସି)ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂଆପଡ଼ା ନିର୍ବାଚନର ପୋଷ୍ଟମର୍ଟମ କରାଯିବା ସହିତ ବିଧାନସଭାରେ ବିରୋଧୀ ଦଳର ଭୂମିକା କ'ଣ ରହିବ ସେ ବିଷୟରେ ଆଲୋଚନା ହୋଇଛି।

ଏ ସଂକ୍ରାନ୍ତରେ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ନୂଆପଡ଼ାରେ ସରକାର କଳ, ବଳ କୌଶଳ ବ୍ୟବହାର କରି ଜନାଦେଶକୁ ନିଜ ସପକ୍ଷରେ କରାଇଛନ୍ତି। ଏନେଇ ଦଳ ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଉଛି, ତଥ୍ୟ ମିଳିବା ପରେ ବିଭିନ୍ନ ଫୋରମରେ ଲଢ଼େଇ ହେବ। ସେ କହିଥିଲେ, ବିଧାନସଭାରେ ବିରୋଧୀ ଦଳ ବିଜେଡିର ରଣନୀତି କ'ଣ ରହିବ ତାହା ଉପରେ ଆଲୋଚନା ହୋଇଛି। ଆଗାମୀ ଦିନରେ ଏହା ଉପରେ ପୁନର୍ବାର ଦଳର ବୈଠକ ବସି ପରବର୍ତ୍ତୀ ପନ୍ଥା ଗ୍ରହଣ କରାଯିବ। ଗୃହରେ ନୂଆପଡ଼ା ସମେତ ନାରୀ ନିର୍ଯାତନା ଭଳି ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବହୁ ପ୍ରସଙ୍ଗ ଉଠିବ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ପୂର୍ବ ମୌସୁମୀ ଅଧିବେଶନ କାଳରେ କଂଗ୍ରେସ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲା। ହେଲେ ସରକାରୀ ଦଳ କୌଶଳ ପ୍ରୟୋଗ କରି ଏହାକୁ ଏଡ଼ାଇ ଦେଲେ। ମାତ୍ର ଏଥର ନୂଆପଡ଼ା ନିର୍ବାଚନରେ ଭୋଟ ଚୋରି, ବାଲି ଚୋରି, ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କଂଗ୍ରେସ ସରକାରଙ୍କୁ ଘେରିବ। ଏନେଇ ଦଳ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇ ଦଳର ପରବର୍ତ୍ତୀ ରଣନୀତି ସ୍ଥିର କରାଯିବ ବୋଲି କାଡ଼ାମ କହିଛନ୍ତି।

ଅନ୍ୟପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଗତ ୧୭ମାସରେ ରାଜ୍ୟ ସରକାର ଯେଉଁ ଜନହିତକର କାର୍ଯ୍ୟ କରିଛନ୍ତି ତାକୁ ନୂଆପଡ଼ାବାସୀ ଗତ ଉପନିର୍ବାଚନରେ ପ୍ରମାଣିତ କରିଛନ୍ତି। ଏହାବାଦ୍ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିରୋଧୀ ଯାହା ବି ପ୍ରସ୍ତାବ ଆଣିବେ ତାହା ଉପରେ ସରକାର ଆଲୋଚନା କରିବାପାଇଁ ପ୍ରସ୍ତୁତ ବୋଲି ଡ. ମହାଲିଙ୍ଗ କହିଛନ୍ତି।

# ପୋଲିସ ଗୁଳିରେ ୩ ଡକାୟତ ଆହତ



ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଏସ୍‌ପି ସୂଚନା ଦେଉଛନ୍ତି।

## ଝାଡ଼ଖଣ୍ଡୀ ଡକାୟତ ଦଳର ୮ ସଦସ୍ୟ ଗିରଫ

ରାଉରକେଲା, ୨୩।୧୧
(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅଧୀନ ଲାଠିକଟା ଓ ଚାନ୍ଦିପୋଷ ଥାନା ଅଞ୍ଚଳରେ ରବିବାର ଭୋର୍ ସମୟରେ ପୋଲିସ ଗୁଳିରେ ଏକ ଡକାୟତ ଦଳର ୩ଜଣ ଆହତ ହୋଇଛନ୍ତି। ଆହତ ଡକାୟତମାନେ ହେଲେ ଝାଡ଼ଖଣ୍ଡ ଖୁଣ୍ଟି ଅଞ୍ଚଳର ଚାନ୍ଦେ ନାଏକ(୩୧), କେ. ବଲାଙ୍ଗ ଥାନା ଲଙ୍ଗଲକଟା ଅଞ୍ଚଳର ରାଜେଶ ସିଂହ(୩୬) ଏବଂ ଝାଡ଼ଖଣ୍ଡ ଗୁମଲା ଜିଲାର ପାରସ ରାମ(୩୩)। ସମସ୍ତ ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଏକାଧିକ ଡକାୟତି ଘଟଣାରେ ସମ୍ପୃକ୍ତ ଏହି ଡକାୟତ ଦଳର ଆହତ ୩ ସଦସ୍ୟଙ୍କ ସମେତ ୮ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଖୁଣ୍ଟି ଅଞ୍ଚଳର ଜେମ୍‌ସ ଟପ୍ପୋ(୩୦), ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଅଞ୍ଚଳର ସୂରଜମୁନୀ ପୂର୍ତ୍ତି(୩୦), ଖୁଣ୍ଟି ଅଞ୍ଚଳର ସୁଏଲ ପୂର୍ତ୍ତି(୨୪), ଏତୁଆ ନାଏକ(୪୨) ଏବଂ କେ. ବଲାଙ୍ଗ ଥାନା ରକ୍ସି ପ୍ଲଟ୍‌ର ସାନିଆ କେର୍କେଟା(୨୨)। ସେମାନଙ୍କଠାରୁ ଡକାୟତିରେ ବ୍ୟବହୃତ ଏକ ସ୍କର୍ପିଓ, ୨ ବାଇକ୍, ୨ ଦେଶୀ ପିସ୍ତଲ, ଗୋଟିଏ ରିଭଲଭର୍, ୮ଟି ଅଫୁଟା ଗୁଳି ଏବଂ ନଗଦ ୭୬ ହଜାର ଟଙ୍କା ଜବତ ହୋଇଛି। ପୋଲିସ କେ. ବଲାଙ୍ଗ ଥାନାରେ ମାମଲା (ନଂ.୧୧୮/୨୫), କୋଇଡ଼ା ଥାନାରେ ମାମଲା(ନଂ.୨୩୧/୨୫ ଓ ନଂ.୨୪୦/୨୫) ଏବଂ ଲହୁଣୀପଡ଼ା ଥାନାରେ ଏକ ମାମଲା (ନଂ.୨୫୪/୨୫) ରୁଜୁ କରିଛି। ଏ ନେଇ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ରବିବାର ଅପରାହ୍ନ ୨ଟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।

ଏସ୍‌ପି ୱାଧୱାନୀ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଝାଡ଼ଖଣ୍ଡର ଏହି ଡକାୟତ ଦଳ ଦୀର୍ଘ ୧ମାସରୁ ଊର୍ଦ୍ଧ୍ୱ ସମୟ ଧରି ସୁନ୍ଦରଗଡ଼ ଜିଲା ବଣେଇ, କୋଇଡା, ଲହୁଣୀପଡ଼ା ସମେତ ବିଭିନ୍ନ ଅଞ୍ଚଳରେ ଡକାୟତି କରୁଥିଲେ। ଶନିବାର ବିଳମ୍ବିତ ରାତିରେ ଉକ୍ତ ଡକାୟତ ଦଳ ଅନ୍ୟ ସ୍ଥାନରେ ଡକାୟତି କରିବାକୁ ଉଦ୍ୟମ କରୁଥିବା ସୂଚନା ପାଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବଣେଇ ଏବଂ ଝାଡ଼ଖଣ୍ଡ ସୀମାନ୍ତ ରୁଟ୍‌କୁ ନାକାବନ୍ଦୀ କରାଯାଇଥିଲା। ରବିବାର ଭୋର ୪ଟା ସମୟରେ ଗୋଟିଏ ସ୍କର୍ପିଓ ଓ ୨ଟି ବାଇକ୍‌ରେ କିଛି ଡକାୟତ ପୋଲିସ ନାକାବନ୍ଦୀ ଦେଖି ଅନ୍ୟ ଆଡକୁ ଖସି ପଳାଇଥିଲେ। କେ. ବଲାଙ୍ଗ ଏବଂ କୋଇଡ଼ା ପୋଲିସ ସେମାନଙ୍କୁ ପିଛା କରି ଲାମସୀ ନିକଟରେ ସ୍କର୍ପିଓକୁ ଅଟକାଇବାକୁ ଚେଷ୍ଟା କରିଥିଲା। ଡକାୟତମାନେ ନ ଅଟକିବାରୁ ପୋଲିସ ଗୁଳି ଚାଳନା କରିଥିଲା। ଏଥିରେ ପାରସ ରାମ ଆହତ ହୋଇଥିଲେ। ଏହାପରେ ଅନ୍ୟମାନେ ଚାନ୍ଦିପୋଷ ଥାନା ଅଞ୍ଚଳକୁ ପଳାଇଥିଲେ। ସକାଳ ୬ଟାରେ ଚାନ୍ଦିପୋଷ ଏବଂ ଗୁରୁଣ୍ଡିଆ ଥାନା ନିକଟରେ ଥିବା କୁଚେଇତା ଗ୍ରାମରେ ଡକାୟତମାନେ ପୋଲିସ ଗାଡିକୁ ଧକ୍କା ଦେଇ ପଳାଇବାବେଳେ ପୋଲିସ ଗୁଳି ଚଳାଇଥିଲା। ଏଥିରେ ଚାନ୍ଦେ ଏବଂ ରାଜେଶ ଆହତ ହୋଇଥିଲେ। ଚାନ୍ଦେଙ୍କ ନାଁରେ କୋଇଡ଼ା, ଲହୁଣୀପଡ଼ା, କେ. ବଲାଙ୍ଗ ଆଦି ଥାନାରେ ୭ ଆପରାଧିକ ମାମଲା ରହିଛି। ସେହିପରି ରାଜେଶଙ୍କ ନାଁରେ ୫, ପାରସଙ୍କ ନାଁରେ ୪, ଜେମ୍ସଙ୍କ ନାଁରେ ୪, ସୁରଜମୁନୀଙ୍କ ନାଁରେ ୪, ସୁଏଲଙ୍କ ନାଁରେ ୪, ଏତୁଆଙ୍କ ନାଁରେ ୪ ଏବଂ ସାନିଆଙ୍କ ନାଁରେ ୪ ଆପରାଧିକ ମାମଲା ରହିଛି ବୋଲି ୱାଧୱାନୀ ସୂଚନା ଦେଇଥିଲେ। ଲହୁଣୀପଡ଼ା ଥାନାଧିକାରୀ ସୁରଜ ଝାଙ୍କର, କୋଇଡ଼ା ଥାନାଧିକାରୀ ଜ୍ୟୋତି ପତି, ଗୁରୁଣ୍ଡିଆ ଥାନାଧିକାରୀ ରାମେଶ୍ୱର ସିଂ, ଚାନ୍ଦିପୋଷ ଥାନାଧିକାରୀ ପି. କେ. ସେଠୀଙ୍କ ସମେତ ବରିଷ୍ଠ ପୋଲିସ କର୍ମୀ ତଥା ସାଇବର ସେଲ୍ ସହଯୋଗ କରିଥିଲେ।




ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର
Social Security & Empowerment of Persons With Disabilities Department, Government of Odisha

ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ନିମିତ୍ତ ସହାୟତା ଓ ପ୍ରୋତ୍ସାହନ ପ୍ରଦାନ ସହ ବୈଷୟିକ, ବୃତ୍ତିଗତ ଓ ଧନ୍ଦାମୂଳକ ତାଲିମ୍ ପ୍ରଦାନ କରି ସେମାନଙ୍କୁ ରୋଜଗାରକ୍ଷମ କରିବା ଓ ସମାଜର ଉପଯୋଗୀ ସଦସ୍ୟ ଭାବେ ଗଢି ତୋଳିବା ବାଣୀଶ୍ରୀ ଶିକ୍ଷାବୃତ୍ତି ପରିଯୋଜନାର ମୁଖ୍ୟ ଉଦ୍ଦେଶ୍ୟ।
ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ସରକାର ନିମ୍ନଲିଖିତ ହାରରେ ଏହି ଶିକ୍ଷାବୃତ୍ତି ପ୍ରଦାନ କରୁଛନ୍ତି।

| କ୍ରମିକ ସଂଖ୍ୟା | ଶ୍ରେଣୀ | | ମାସିକ ଶିକ୍ଷାବୃତ୍ତିର ପରିମାଣ |
|---|---|---|---|
| ୧(କ) | ପ୍ରାଥମିକ ସ୍ତର (ପ୍ରଥମରୁ ପଞ୍ଚମ ଶ୍ରେଣୀ) | | ଟ. ୪୦୦/- |
| (ଖ) | ମଧ୍ୟ ଇଂରାଜୀ ଏବଂ ଉଚ୍ଚ ବିଦ୍ୟାଳୟ (ଷଷ୍ଠରୁ ଦଶମ ଶ୍ରେଣୀ) | | ଟ. ୫୦୦/- |
| (ଗ) | ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସ୍ନାତକ ଶ୍ରେଣୀ (+୨ ଓ +୩) | | ଟ. ୬୦୦/- |
| (ଘ) | ସ୍ନାତକୋତ୍ତର ଶ୍ରେଣୀ | | ଟ. ୭୦୦/- |
| (ଙ) | ବୈଷୟିକ ଏବଂ ଧନ୍ଦାମୂଳକ ତାଲିମ | | ଟ. ୭୦୦/- |
| ୨ | ରାଜ୍ୟ ବାହାରେ ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ରଛାତ୍ରୀ (ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ସାଧାରଣ / ବୈଷୟିକ / ବୃତ୍ତିଗତ ଶିକ୍ଷା ଲାଭ କରୁଥିବା) | | ଟ. ୭୦୦/- |
| ୩(କ) | ଦୃଷ୍ଟିବାଧିତ (ପାଠକ ଭତ୍ତା) | ପ୍ରାଥମିକ ସ୍ତର (ପ୍ରଥମରୁ ପଞ୍ଚମ ଶ୍ରେଣୀ) | ଟ. ୨୦୦/- |
| (ଖ) | | ମଧ୍ୟ ଇଂରାଜୀ ଏବଂ ଉଚ୍ଚ ବିଦ୍ୟାଳୟ (ଷଷ୍ଠରୁ ଦଶମ ଶ୍ରେଣୀ) | ଟ. ୩୦୦/- |
| (ଗ) | | ଅନ୍ୟାନ୍ୟ ଶିକ୍ଷା | ଟ. ୪୦୦/- |
| ୪ | ଚଳନବାଧିତ (ପରିବହନ ଭତ୍ତା) | ୭୫% କିମ୍ବା ତା'ଠାରୁ ଅଧିକ ଭିନ୍ନକ୍ଷମତା ପାଇଁ | ଟ. ୨୦୦/- |

ଯୋଗ୍ୟ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଏହି ଶିକ୍ଷାବୃତ୍ତି ଲାଭ କରିବା ପାଇଁ https://ssepd.gov.in ପୋର୍ଟାଲରେ ଆବେଦନ କରିପାରିବେ।

ssepd.gov.in SSEPD SSEPD2 ssepd_odisha @SSEPDDept

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏଆଇସିସିଟିୟୁ ପକ୍ଷରୁ ୪ଟି ଶ୍ରମ କୋଡ୍ ରଦ୍ଦକୁ ନେଇ ପ୍ରତିବାଦ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିଧାନସଭା ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଆପ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପାର୍ଟି ଅଫିସ୍, ନୀଳକଣ୍ଠ ନଗର, ନୟାପଲ୍ଲୀ, ସମୟ: ଅପରାହ୍ନ ୪ଟା।

## କଟକ
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: କଟକ ସଦର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ତୃତୀୟ ବାସୁଦେବ କର ସ୍ମାରକୀ ବକ୍ତୃତା, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍, ସମୟ: ସମୟ: ପୂର୍ବାହ୍ନ ୧୧ଟା ୩୦।
- କଟକ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଖୋଖୋ କନିଷ୍ଠ ଖେଳାଳି ଚୟନ ଶିବିର,ସ୍ଥାନ:ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର,ସମୟ:ସକାଳ ୮ଟା।
- ବନ୍ଦେ ମାତରମ୍ କାର୍ଯ୍ୟକ୍ରମ, ସ୍ଥାନ:ବ୍ଲକ ଛକ, ବାଲିଆପାଳ,ସମୟ:ସକାଳ ୮ଟା
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ଜଳେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରସାଦ ସେବନ, ସ୍ଥାନ:ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିକ୍ଷୋଭ ସମାବେଶ, ସ୍ଥାନ:ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ରେମୁଣା,ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଲୋକ ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା।
- ଶ୍ରୀଗୁରୁ ତେଗ୍ ବାହାଦୁର ଜୀଙ୍କ ବଳିଦାନ ଦିବସ,ସ୍ଥାନ:ହୋଟେଲ ଫାଣ୍ଟାସି, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା୩୦।

## ଭଦ୍ରକ
- ତ୍ୟାଗଭୂମି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ବ୍ଲକ୍ କଳା ସଂସ୍କୃତି ସଙ୍ଘ ତରଫରୁ ବୈଠକ , ସ୍ଥାନ :ମରେଇଗାଁ, ହାଟଡିହୀ, ସମୟ : ପୂର୍ବାହ୍ନ ୧୧ଟା ।

## ମୟୂରଭଞ୍ଜ
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗୀ ଫୁଲ,ସ୍ଥାନ:ରାଣୀଭୋଳ ଆଶ୍ରମ ବିଦ୍ୟାଳୟ, ବାରିପଦା ବ୍ଲକ୍, ସମୟ:ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।
- ବହୁଭାଷୀ ନାଟକ ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ପାଳନ, ସ୍ଥାନ: ବୁଗୁଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ: ସକାଳ ୭ଟା।
- ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ ପାଳନ, ସ୍ଥାନ: ଭଞ୍ଜନଗର ଶ୍ରୀ ଅରବିନ୍ଦ ଶକ୍ତିପୀଠ ଭଞ୍ଜନଗର, ସମୟ: ସକାଳ ୯ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ ଶିବିର, ସ୍ଥାନ: ବୁଗୁଡ଼ା ବ୍ଲକ ପୋଚାଲୁଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲା ପ୍ରଶାସନ ପକ୍ଷରୁ ଜନ ଶୁଣାଣି, ସ୍ଥାନ: ଗଞ୍ଜାମ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଭ୍ରମରପୁର ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ଆସିକା ବ୍ଲକ ଗଙ୍ଗାପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବ ଭାରତୀୟ ଫୁଟବଲ ଖେଳ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ଜେଲ ପଡ଼ିଆ, ସମୟ: ଅପରାହ୍ନ ୩ ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଗୁରୁ ତେଗ୍‌ବାହାଦୁରଙ୍କ ସହୀଦ ଦିବସ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମେଳା, ପଞ୍ଚାୟତ ଅଫିସ ପଡିଆ, କୁଜଙ୍ଗ, ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଓ ମେଡିକାଲ ଗୃହର ଶିଳାନ୍ୟାସ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା, ତାଲିମ ଶିବିର, ସ୍ଥାନ: ମାର୍ଶାଘାଇ କଲେଜ, ମାର୍ଶାଘାଇ, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଜିଲାପାଳ ଓ ଏସପିଙ୍କ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ସୁକିନ୍ଦା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ:ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ।
- ହନୁମାନ ମନ୍ଦିରରେ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ:ନୟାଗଡ ବ୍ଲକ ଦେଉଳପଲ୍ଲୀ, ସମୟ:ଅପରାହ୍ନ ୨ଟା ୧୫ ।
- ତ୍ରିନାଥ ଠାକୁରଙ୍କ ଜନ୍ମ ଉତ୍ସବର ୨ୟ ଦିବସରେ ନାଟକ ରାମଜନ୍ମ, ସ୍ଥାନ:ନୟାଗଡ ତ୍ରିନାଥ ଛକ, ସମୟ:ଅପରାହ୍ନ ୩ଟା ।
- ଜିଲାସ୍ତରୀୟ ଧାନ କିଣା କମିଟି ବୈଠକ, ସ୍ଥାନ:ନୟାଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ଅପରାହ୍ନ ୪ଟା ।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦ୍ରପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଡି ଡିଆରଡିଏଙ୍କ ଚନ୍ଦ୍ରପୁର ପଞ୍ଚାୟତ ପରିଦର୍ଶନ, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବିକ୍ରମପୁର, ଗୁଣପୁର, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର
- ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି , ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ପରବ ମହୋତ୍ସବରେ ମଶାଲ ଶୋଭାଯାତ୍ରା, ସ୍ଥାନ: ଜଡ଼ାଗୁଡ଼ା ଶିବ ମନ୍ଦିର ପରିସର, ସୁନାବେଡା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଦଶମନ୍ତପୁର ବ୍ଲକ୍ ସଭାଗୃହ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରେଙ୍ଗା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ପରବ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ପଟ୍ଟାଙ୍ଗି,ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ମାଣ୍ଡିଆ ସଂଗ୍ରହ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ବାଘ ଖୁଆଡା ସକାଶେ ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଜୁ, ସମୟ : ୯ଟା ୩୦ ।
- . ଜିଲାସ୍ତରୀୟ ସମବାୟ ସପ୍ତାହ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା ।
- ସାଂସଦ ଖେଳ ମହୋତ୍ସବ-୨୦୨୫ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ।
- ଶ୍ରୀହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହ ସକାଶେ ନିର୍ବନ୍ଧ କାର୍ଯ୍ୟକ୍ରମ, ସ୍ଥାନ : ବୁଡ୍ଢାଵିଲ ସ୍ଥିତ ହନୁମାନ ମନ୍ଦିର ପରିସର, ସମୟ : ଅପରାହ୍ନ ୫ଟା ।
- ସୁଲେମାନ ଦିୱାନା ଆୟୋଜନରେ ଅକ୍ଷୟ ମହାନ୍ତି ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା ।

## ରାଉରକେଲା
- ଆୟୁଷ ଛାତ୍ରଙ୍କ ତାଲାବନ୍ଦ ଆନ୍ଦୋଳନ, ସ୍ଥାନ: ସେକ୍ଟର-୨୧ ନୟାବଜାର, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ଗ୍ଲୋବାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୯, ସମୟ: ଅପରାହ୍ନ ୪ଟା ୩୦।
- ସାନ୍ତାଳୀ ଭାଷାର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧୯, ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୫ ୩୦।

## ସୁନ୍ଦରଗଡ଼
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକତା ପଦଯାତ୍ରା,ସ୍ଥାନ:ଡିଆରଡିଏ ଛକ,ସମୟ:ସକାଳ ୮ଟା୩୦।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।
- ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ:ସନ୍ଧ୍ୟା ୫ଟା।
- ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ:ହାଟପଦା ସଞ୍ଚାର ମଣ୍ଡଳୀ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ଜାତୀୟ ସମ୍ମାନ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ନିଜ ଗୁଳିରେ ଯୁବକ ମୃତ

**ପାରଳାଖେମୁଣ୍ଡି,୨୩।୧୧ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ଗୁମ୍ମା ବ୍ଲକ ଭୁବୁନି ପଞ୍ଚାୟତ ଅନ୍ତର୍ଗତ ଶିତିରିଗୁଡା ଗ୍ରାମରେ ଗୁଳି ଫୁଟିଛି। ଗୁଳି ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବିରସାନି ଗମାଙ୍ଗ (୩୪)। ଶନିବାର ବିଳମ୍ବିତ ରାତିରେ ନିଜ ଦେଶୀ ବନ୍ଧୁକରୁ ନିଜ ଉପରକୁ ଗୁଳି ମାଡ କରି ବିରସାନି ମୃତ୍ୟୁ ବରଣ କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ବିରସାନି ଅଧିକାଂଶ ସମୟରେ ନିଶା ସେବନ କରିନ୍ତି। ଶନିବାର ରାତିରେ ସେ ନିଶାସକ୍ତ ହୋଇ ଘରକୁ ଆସିଥିଲେ। ପରିବାର ଲୋକେ ଶୋଇଥିବା ବେଳେ ସେ ନିଜ ଦେଶୀ ବନ୍ଧୁକରୁ ନିଜ ଉପରକୁ ଗୁଳିମାଡ଼ କରିଥିଲେ। ଗୁଳିମାଡ଼ ଶବ୍ଦ ଶୁଣି ପରିବାର ଲୋକେ ତାଙ୍କ ନିକଟରେ ପହଞ୍ଚିବା ବେଳକୁ ବିରସାନିଙ୍କ ମୃତ୍ୟୁ ହୋଇ ସାରିଥିଲା। ତାଙ୍କୁ ସଙ୍ଗେସଙ୍ଗେ ସେରଙ୍ଗ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ବିରସାନିଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରବିବାର ଘଟଣା ସମ୍ପର୍କରେ ସେରଙ୍ଗ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳକୁ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କ ସହ ସାଇଣ୍ଟିଫିକ ଟିମ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି। ଏନେଇ ସେରଙ୍ଗ ଥାନାରେ ନଂ. ୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରମୋଦ ଖଣ୍ଡୁଆଳ କହିଛନ୍ତି। ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଈଶ୍ୱର ଯାହା କରନ୍ତି,**
**ତାହା ପ୍ରାଣୀର ମଙ୍ଗଳ ନିମନ୍ତେ ।**

ଈଶ୍ୱର ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ସର୍ବଶକ୍ତିମାନ୍ ଓ ସର୍ବବିଦ୍ୟମାନ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ସେ ଯାହା ବି କରନ୍ତି ସେ ସବୁଥିରେ ପ୍ରାଣୀର ମଙ୍ଗଳ ନିହିତ ରହିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଉପର କେଡ଼େ ସୁନ୍ଦର**
**ଭିତର ପୋଡ଼ା ଅଙ୍ଗାର ।**

ମହାକାଳ ଫଳ ଦେଖିବାକୁ କେତେ ସୁନ୍ଦର ଅଥଚ ଭିତରେ ପୋଡ଼ା ଅଙ୍ଗାର। ସେହିପରି ବାହାରେ ମିଷ୍ଟଭାଷୀ ବୋଲାଉଥିବା କିଛି ବ୍ୟକ୍ତି ଭିତରେ ଭିତରେ କପଟାଚରଣ କରୁଥିବାର ଦେଖିବାକୁ ମିଳୁଥିବାବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୪ ଯୁବକଙ୍କ ଉପରେ ଚଢ଼ିଗଲା ବସ୍, ଜଣେ ମୃତ

**ଯାଜପୁର ସଦର/ଯାଜପୁର ଟାଉନ,୨୩।୧୧(ପ୍ରୟକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ)**



ଗ୍ରାମବାସୀ କ୍ଷତିପୂରଣ ଓ ନ୍ୟାୟ ଦାବିରେ ଟାୟାର ଜାଳି ଧୋବାଗଳି ନିକଟରେ ରାସ୍ତାରୋକୋ କରିଛନ୍ତି। ମୃତକ ଅଭୟ ଜେନା

ଯାଜପୁର ସଦର ଥାନା ଅଧୀନ ବରୀ-ବରୁଆଁ ରାସ୍ତାର କୁଖାଲା ଛକ ଅନତି ଦୂର ଧୋବାଗଳି ନିକଟରେ ରବିବାର ସକାଳ ପ୍ରାୟ ୭ଟା୩୦ରେ ଏକ ଦୁର୍ଘଟଣା ଘଟିଛି। ୪ଜଣ ଯୁବକଙ୍କ ଉପରେ ଏକ ବସ୍ ଚଢ଼ିଯାଇଛି। ଏଥିରେ ଜଣକର ମୃତ୍ୟୁ ହୋଇଛି। ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କୁଖାଲା ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ ଅଭୟ(୨୦)। ଗୁରୁତର ହେଲେ ସେହି ଗ୍ରାମର ବୀରକିଶୋର ଜେନାଙ୍କ ପୁଅ ରାକେଶ(୧୮), ବସନ୍ତ ଜେନାଙ୍କ ପୁଅ କିଶୋର(୧୮) ଓ ବିପିନ ଜେନାଙ୍କ ପୁଅ ମନମୋହନ(୧୮)। ସମସ୍ତେ ରାସ୍ତାରେ ପ୍ରାତଃଭ୍ରମଣ ସାରି ଫେରୁଥିଲେ। ଏହି ସମୟରେ ଓଡି୦୫ଏଏନ୦୫୭୦ ନମ୍ବର ବିଶିଷ୍ଟ ହରଗୌରୀ ନାମକ ଘରୋଇ ବସ୍ ବରୀରୁ କଟକ ଯାଉଥିଲା। ବସ୍‌ଟି ଭାରସାମ୍ୟ ହରାଇ ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ଅଭୟଙ୍କ ମୃତ୍ୟୁ ହୋଇଥିଲା।

ଏହି ଘଟଣା ପରେ ମୃତକଙ୍କ ଗ୍ରାମବାସୀ କ୍ଷତିପୂରଣ ଓ ନ୍ୟାୟ ଦାବିରେ ଟାୟାର ଜାଳି ଧୋବାଗଳି ନିକଟରେ ରାସ୍ତାରୋକୋ କରିଥିଲେ। ଏଥିସହିତ ବସ୍ ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇଥିବା ଅଭିଯୋଗ କରିଥିଲେ। ଖବର ପାଇ ସଦର ଥାନା ଅଧିକାରୀ ଚିନ୍ମୟୀ ବେହେରା ସଦଳବଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଏଥିରେ ସେ ବିଫଳ ହୋଇଥିଲେ। ଏହାପରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ଟାଉନଥାନା ଅଧିକାରୀ ବାମଦେବ ନନ୍ଦ, ଯାଜପୁର ଅତିରିକ୍ତ ତହସିଲଦାର ଜି. ହରେକୃଷ୍ଣ, ଯାଜପୁର ବିଧାୟିକା ସୁଜାତା ସାହୁ, ଭାଜପା ନେତା ସଂଗ୍ରାମ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଆନ୍ଦୋଳନରୁ ଓହରି ଯିବାକୁ ଅନୁରୋଧ କରିଥିଲେ। ମଧ୍ୟାହ୍ନ ୧୨ଟାରେ ରାସ୍ତାରୋକ ହଟିଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପରେ ପୋଲିସ ବସ୍‌କୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ. ୩୭୩/୨୫ ରୁଜୁ ହୋଇଛି। ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବାତ୍ୟା ଆଣିବ ...

ରବିବାର ଏକ ସୁଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ସୋମବାର ବେଳକୁ ଏହା ଅଧିକ ଘନୀଭୂତ ହୋଇ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବା ସମ୍ଭାବନା ରହିଛି। ତେବେ ବାତ୍ୟାରେ ପରିଣତ ହେବା ପରେ ଏହା କେଉଁ ଆଡକୁ ମୁହାଁଇବ ଏବଂ ଏହାର ଦିଗ କ'ଣ ରହିବ ସେ ନେଇ ଚିତ୍ର ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ସମ୍ଭାବ୍ୟ ବାତ୍ୟାକୁ ନେଇ ଆକଳନ କରୁଥିବା ବିଭିନ୍ନ ମଡେଲ ଅନୁଯାୟୀ, ୨୫ତାରିଖ ସନ୍ଧ୍ୟାରୁ ଉପକୂଳ ଅଞ୍ଚଳରେ ପବନର ବେଗ ବଢିବ। ଘଣ୍ଟାପ୍ରତି ବେଗ ୫୦ରୁ ୬୦ କି.ମି ରହିବ। ସେହିପରି ୨୬ ତାରିଖ ସକାଳୁ ପବନର ବେଗ ୬୦ରୁ ୭୦ କି.ମିରେ ରହି ସର୍ବାଧିକ ୮୦ କି.ମି ହେବ। ୨୭ ତାରିଖ ସକାଳୁ ପବନର ବେଗ ସର୍ବାଧିକ ୧୦୦ କି.ମି ରହିପାରେ ବୋଲି ଆକଳନ କରାଯାଇଛି।

### ଭାରତ ଚାମ୍ପିୟନ...

ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଡ. ହରିଣୀ ଅମରାସୁରିୟା ଯୋଗଦେଇ ଚାମ୍ପିୟନ ଭାରତୀୟ ଦଳକୁ ବିଶ୍ୱକପ୍ ଟ୍ରଫି ପ୍ରଦାନ କରିଛନ୍ତି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେବା ସହ ମ୍ୟାଚ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ଖୁବ୍ ଶସ୍ତାରେ ମୁଖ୍ୟ ବ୍ୟାଟର ତଥା ଅଧିନାୟିକା ବିନିତା ପୁନଙ୍କ ଉଇକେଟ ହରାଇଥିଲା। ସରିତା ଘିମିରେଙ୍କ ୩୫, ବିମଳା ରାଇଙ୍କ ୨୬ ଓ ଅତିରିକ୍ତ ୨୫ ରନ ଯୋଗୁ ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୧୪ ରନ କରିଥିଲା। ଜବାବରେ ଭାରତ ଆରମ୍ଭରୁ ଅଧିନାୟିକା ଦୀପିକା ଓ ଷ୍ଟାର ବ୍ୟାଟର ଅନେଖା ଦେବୀଙ୍କ ଉଇକେଟ ହରାଇଥିଲା। ଓଡ଼ିଶା ଖେଳାଳି ଫୁଲ ସରେନ ୨୭ ବଲରେ ବିସ୍ଫୋରକ ୪୪ ଓ କରୁଣା ୨୭ ବଲରେ ୪୨ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ଓଡ଼ିଶାର ଅନ୍ୟତମ ଖେଳାଳି ବାସନ୍ତି ହାଁସଦା ୧୨ ବଲରେ ୧୩ ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଫଳରେ ଭାରତ ୧୨ ଓଭରରେ ୩ ଉଇକେଟ ହରାଇ ୧୧୭ ରନ କରି ମ୍ୟାଚ୍ ଜିତି ନେଇଥିଲା। ଭାରତୀୟ ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଫୁଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସେହିଭଳି ବି୧ ଓ ବି୨ କାଟେଗୋରିରେ ଯଥାକ୍ରମେ ନେପାଳର ସୁଷମା ତମାଙ୍ଗ ଓ ମୀନାକ୍ଷୀ ଚୌଧାରୀ ଏବଂ ବି୩ କାଟେଗୋରିରେ ପାକିସ୍ତାନର ମେହରିନ ଅଲୀଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

### ଦିଲ୍ଲୀରେ ୪୦୦ ଟପିଲା ...

ଗାଜିଆବାଦ ଏବଂ ଗୌତମବୁଦ୍ଧ ନଗରରେ ଥିବା ପୌର କାର୍ଯ୍ୟାଳୟ ଏବଂ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଅଫିସ ଟାଇମ୍ ଅଲଗା ଅଲଗା କରାଯିବ। ଅନ୍ୟ ଜିଲାଗୁଡ଼ିକ ପାଇଁ ମଧ୍ୟ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେବେ। ସେହିପରି ଚତୁର୍ଥ ପର୍ଯ୍ୟାୟ କଟକଣା(ଏକ୍ୟୁଆଇ ୪୦୧ରୁ ୫୦୦)କୁ ଏବେ ତୃତୀୟ ପର୍ଯ୍ୟାୟରେ ଲାଗୁ କରାଯିବ। ଏହା ଫଳରେ ୫୦ ପ୍ରତିଶତ କର୍ମଚାରୀରେ ଅଫିସ୍ ଚାଲିବାକୁ ଥିବାବେଳେ ଅବଶିଷ୍ଟ କର୍ମଚାରୀ ଘରୁ କାର୍ଯ୍ୟ କରିବେ। କେନ୍ଦ୍ର ସରକାର ମଧ୍ୟ ଏହାର କର୍ମଚାରୀମାନଙ୍କ ପାଇଁ ଅନୁରୂପ ବ୍ୟବସ୍ଥା କରିବେ।

### ମା' ନେଇଥିଲେ ...

ଥାନାରେ ଏନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅରଞ୍ଜି ଗ୍ରାମର ବଜରଙ୍ଗବାଲି ନାମକ ସ୍ୱୟଂ ସହାୟକ ଗୋଷ୍ଠୀରେ ସ୍ୱର୍ଗତା ମନୋରମା ମହାପାତ୍ର ଜଣେ ସଦସ୍ୟା ଥିଲେ। ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଗୋଷ୍ଠୀ ପକ୍ଷରୁ ଅଣାଯାଇଥିବା ଋଣରୁ ସେ ୭୦ ହଜାର ଟଙ୍କା ନେଇଥିଲେ। ସେଥିମଧ୍ୟରୁ ୩୦ ହଜାର ଟଙ୍କା କିଛି ସେ ଶୁଝିସାରିଥିଲେ। ଗତ ଜୁଲାଇରେ ତାଙ୍କର ହଠାତ୍ ମୃତ୍ୟୁ ହୋଇଥିଲା। ଅବଶିଷ୍ଟ ଋଣ କିସ୍ତି ଶୁଝିବା ପାଇଁ ତାଙ୍କ ୨ ଝିଅଙ୍କୁ ଗୋଷ୍ଠୀର ଅନ୍ୟ ସଦସ୍ୟାମାନେ ବାରମ୍ବାର ଚାପ ପକାଇବା ସହ ଧମକ ଦେଉଥିଲେ। ଶନିବାର ସକାଳେ ଗୋଷ୍ଠୀର କେତେଜଣ ସଦସ୍ୟା ଓ ସେମାନଙ୍କ ସ୍ୱାମୀ ସଂଘବଦ୍ଧ ଭାବେ ତାଙ୍କ ଘରେ ପଶି ଟଙ୍କା ମାଗିଥିଲେ। ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ମୃତା ମନୋରମାଙ୍କ ଝିଅ ସ୍ମୃତିରେଖା ଅଭିଯୋଗରେ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି କଲ୍ୟାଣଚନ୍ଦ୍ର ହେତୁ ସୌଭାଗ୍ୟପ୍ରଦ ଯୋଗ ଜନିତ କାର୍ଯ୍ୟସିଦ୍ଧି, ବନ୍ଧୁମିଳନର ଆନନ୍ଦ ଉପଭୋଗ କରିବେ। ଉଲ୍ଲାସ ଭୂମି ସମ୍ବନ୍ଧିତ କର୍ମକ୍ଷେତ୍ର, ସ୍ୱାସ୍ଥ୍ୟ ଉନ୍ନତ ସ୍ଥିତିରେ ରହିବ। ଅସାଧ୍ୟ ସାଧନ ସହ ସହକର୍ମୀଙ୍କ ସହାୟତାରେ ସିଦ୍ଧିଲାଭ ଘଟିବ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ ।

**ବୃଷ** - ଷଷ୍ଠଭାବରେ ଗ୍ରହମାନେ ଆପଣଙ୍କୁ ଶତ୍ରୁତାର ସମାଧାନ, ଋଣ ପରିଶୋଧ, ଦୂରଯାତ୍ରା ଦିଗରେ ଅନୁପ୍ରେରିତ କରିପାରନ୍ତି। ଘରେ ହେଉ କିମ୍ବା ବାହାରେ ସବୁଠି ଆଜି ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇବେ। ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଅଫିସ କାମରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ମିଥୁନ** - ଧନାଧିପ ସପ୍ତମସ୍ଥ ରହି ଆପଣଙ୍କ ଆର୍ଥିକ ସ୍ଥିତିକୁ ବୃଦ୍ଧି କରିପାରନ୍ତି। ଆନୁଷ୍ଠାନିକ କାମରେ, ବ୍ୟବସାୟିକ ସ୍ଥିତିରେ ଓ ପରିବହନରେ ଉନ୍ନତମାନର ଫଳ ପାଇବେ। ସଭା ସମିତିରେ ଏବଂ ମାଙ୍ଗଳିକ କାମରେ ସୁବିଧା ଓ ସୁଯୋଗ ଲାଭ ହେବ। ଅଯଥା ବାକ୍ୟାଳାପ କରି ସାଧାରଣ କଥାରେ ଯୁକ୍ତି ତର୍କ କରି କଳହକୁ ନିମନ୍ତ୍ରଣ କରିପାରନ୍ତି।

**କର୍କଟ** - ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ଦୂରଯାତ୍ରା କରିପାରନ୍ତି କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁଙ୍କ ବ୍ୟବହାରରେ ବିପରୀତ ପ୍ରତିକ୍ରିୟା ପରିଲକ୍ଷିତ ହେବ, ଯାହାକି ଚିନ୍ତାକୁ ବଢ଼ାଇପାରେ। ବାଣିଜ୍ୟ, ପରିବହନ ଏପରିକି ଆମଦାନୀ କାରବାରରେ ଲାଭବାନ୍ ହେବେ।

**ସିଂହ** - ଆଜି ଭାଗ୍ୟଭାବକୁ ବୁଧ ଓ ଶୁକ୍ରଙ୍କ ଶୁଭଦୃଷ୍ଟି ଫଳରେ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ପାଇବେ। ଆଜିର କୌଣସି ସ୍ଥାନକୁ ଯିବା ସମୟରେ ନିଜର ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ପାରିବାରିକ ଜୀବନରେ ଆଶ୍ୱସ୍ତି ମିଳିବ। ଅଫିସରେ ଚୁକ୍ତିପତ୍ର, ଜମିଜମା, ଗୃହ, ଯାନବାହନ କ୍ରୟ ବିକ୍ରୟରେ ଉନ୍ନତି ଘଟିପାରେ।

**କନ୍ୟା** - ଚତୁର୍ଥକେନ୍ଦ୍ରରେ ଚନ୍ଦ୍ରଙ୍କ ପ୍ରଭାବରେ ସତ୍‌ଚିନ୍ତା ଏବଂ ସତ୍‌କର୍ମ ଲୋକପ୍ରିୟତା ବୃଦ୍ଧି କରିବ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କ୍ଷେତ୍ରସନାରି ଜିନିଷ, ଧାତୁଅଳଙ୍କାର, ଔଷଧପତ୍ର ଓ ସୌଖୀନଦ୍ରବ୍ୟ କ୍ରୟ କରିପାରନ୍ତି। ଶନିଙ୍କ ସ୍ଥିତି କାରଣରୁ ଶିଳ୍ପ, ବ୍ୟବସାୟ ତଥା ଯୋଜନାଦିର ଗତି ମନ୍ଥର ହୋଇପାରେ।

**ତୁଳା** - ଆଜି ରାଶ୍ୟାଧିପ ଶୁକ୍ର ନିଜ ରାଶିରେ ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇପାରିବେ। ଛୋଟ କଥାକୁ କେନ୍ଦ୍ର କରି ଘରେ ସାଧାରଣ କଥାରେ ଝଗଡା ହେବାର ସମ୍ଭାବନା ରହିଛି। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ କିଣା ବିକାରେ ସତର୍କ ନ ହେଲେ ଠକି ଯିବେ।

**ବିଛା** - ସୁଖଭାବରେ ଚନ୍ଦ୍ର ଥିବାରୁ ଆର୍ଥିକ ଉନ୍ନତି ସାଙ୍ଗକୁ ଲୋକପ୍ରିୟତା ବୃଦ୍ଧି କରିବ। ତଥାପି କଳୁଷିତ ଚିନ୍ତାଧାରା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ଅନ୍ୟମାନଙ୍କ ବିଷୟ ଚିନ୍ତା କରି ନିଜ ପ୍ରତି ଅବହେଳା କରିପାରନ୍ତି। ପୂର୍ବାଲୋଚନାନୁଯାୟୀ ବନ୍ଧୁଙ୍କଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇପାରିବେ।

**ଧନୁ** - ବୃହସ୍ପତିଙ୍କ ଶୁଭଦୃଷ୍ଟିଜନିତ ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ କର୍ମ ସମ୍ପାଦନ କରିପାରିବେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। ଗୃହ, ଜମିଜମା, ଫ୍ଲାଟ କାରବାର, ଏଜେନ୍ସିପ୍ ସମ୍ପର୍କୀୟ କ୍ଷେତ୍ରରୁ ସୁଫଳ ପାଇବେ। ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳିବା କାରଣରୁ ଦୃଢ଼ ମନୋବଳ ଯୁକ୍ତ ହୋଇପାରନ୍ତି।

**ମକର** - କର୍ମାଧିପ ଭାଗ୍ୟାଧିପତିଙ୍କ ସହ ସଂଯୋଗ କାରଣରୁ କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ଭଲ ରହିବ। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା ସମ୍ବନ୍ଧୀୟ କାର୍ଯ୍ୟରୁ ସଫଳତା ମିଳିବ। ବୈବାହିକ ସମ୍ବନ୍ଧ ନେଇ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ରଚନାତ୍ମକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରୁ ପ୍ରିୟ ବନ୍ଧୁଙ୍କଠାରୁ ଆଦର ଅଭ୍ୟର୍ଥନା ମିଳିବ।

**କୁମ୍ଭ** - ଧନାଧିପଙ୍କ ଶୁଭଦୃଷ୍ଟି ପ୍ରଭାବରୁ ଅର୍ଥନୈତିକ ପ୍ରଗତିଜନିତ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ଯାହା କହିବା ପାଇଁ ଭାବୁଥିବେ ତାହା ବନ୍ଧୁଙ୍କୁ କହିପାରିଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ଦାୟିତ୍ୱ ବଢ଼ିବ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ବ୍ୟବସାୟ, କଚେରି ମାମଲା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ର ଅପରିବର୍ତ୍ତିତ ରହିବ।

**ମୀନ** - ଆଜି ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ଥଣ୍ଡା, କାଶଜନିତ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ବନ୍ଧୁମିଳନ ଏବଂ କୃତିତ୍ୱଜନିତ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଈର୍ଷାପର ବନ୍ଧୁ ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଦୂରେଇ ଯାଇପାରନ୍ତି। ପରିବାରର ଦୀର୍ଘ ଦିନର ଅଶାନ୍ତି ଦୂର ହେବାର ସୂଚନା ରହିଛି।

ଆଜି ନଭେମ୍ବର ୨୪ ତାରିଖ, ମାର୍ଗଶିର ଶୁକ୍ଳ ଚତୁର୍ଥୀ ସୋମବାର। ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୦୪ ଗତେ ଘ.୦୭।୨୬ ମଧ୍ୟେ, ଘ.୦୮।୫୯ ଗତେ ଘ.୧୧।୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ପ୍ରାତଃ ଘ.୦୭।୨୬ ଗତେ ଘ.୦୮।୪୮ ମଧ୍ୟେ ରାହୁ କାଳ ।

# ‘ସମାଜ ବଦଳାଇବାର ଶକ୍ତି ବ୍ୟଙ୍ଗରେ ରହିଛି’

ନନ୍‌ଷ୍ଟପ୍ ସୁଶାନ୍ତ ଓରଫ ସୁଶାନ୍ତ କୁମାର ମହାନ୍ତି। ସେ କେବଳ ଜଣେ ବ୍ୟଙ୍ଗ କବି ନୁହନ୍ତି, କମେଡ଼ି, ଟ୍ରାଜେଡି ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ପରିଚିତ। ସୋସିଆଲ୍ ମିଡିଆରୁ ପରିଚିତ ହୋଇଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କଲ୍ୟାଣପୁରର ୩୦ ବର୍ଷୀୟ ସୁଶାନ୍ତ ଏବେ ନିଜ ବ୍ୟଙ୍ଗ କବିତା ମାଧ୍ୟମରେ ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲରେ ସଫଳ ହେବାରେ ଲାଗିଛନ୍ତି। ନିଜ ବ୍ୟଙ୍ଗରେ ପାରିବାରିକ, ପ୍ରେମ ଏବଂ ସାମାଜିକ ବାର୍ତ୍ତାକୁ ନିଆରା ଭାବେ ଉପସ୍ଥାପନା କରିଥିବା ସୁଶାନ୍ତଙ୍କ ସହ ‘ଧରିତ୍ରୀ’ ପକ୍ଷରୁ ସ୍ୱତନ୍ତ୍ର ଆଳାପ।

ସାକ୍ଷାତ୍‌କାର- ସୌମ୍ୟରଞ୍ଜନ ରାଉତ



**ଧରିତ୍ରୀ ଆଳାପ**
**ନନ୍‌ଷ୍ଟପ୍ ସୁଶାନ୍ତ**

**▶▶ ବ୍ୟଙ୍ଗ ବାଟରେ ଯାତ୍ରା କେବେଠୁ?**

ଉ- କଳା ପ୍ରତି ଅହେତୁକ ଆଗ୍ରହ ବହୁତ ଆଗରୁ ଥିଲା। ୨୦୧୭ ମସିହାଠାରୁ କମେଡ଼ି, ଟ୍ରାଜେଡି ଓ ସଙ୍ଗୀତ ସବୁ କ୍ଷେତ୍ରରେ ଚେଷ୍ଟା ଜାରି ରଖିଥିଲି। କିନ୍ତୁ ୨ ବର୍ଷ ତଳୁ ଯେବେ ମୁଁ ବ୍ୟଙ୍ଗ କହିବା ଆରମ୍ଭ କଲି ଲୋକେ ମୋତେ ଜାଣିବା ଆରମ୍ଭ କଲେ। ସେବେଠୁ ଆଜିଯାଏ ବ୍ୟଙ୍ଗ ବାଟରେ ଚାଲିଛି, ପଛକୁ ଫେରି ଚାହିଁ ନାହିଁ।

**▶▶ ନିଜର କେଉଁ ବ୍ୟଙ୍ଗ କବିତା ଅଧିକ ଆତ୍ମସନ୍ତୋଷ ଦେଇଛି?**

ଉ- ସବୁ କବିତା ମୋ ମାନସ ସନ୍ତାନ। ବାପା ନଜରରେ ସବୁ ସନ୍ତାନ ସମାନ, ତଥାପି କିଛି କବିତା ମୋତେ ଅଧିକ ପରିଚୟ ନିଶ୍ଚୟ ଦେଇଛି। ଯେମିତି ‘ଭତ୍ତା ୩୫୦୦’, ‘ବିଜୁଳି ୩୦୦ ୟୁନିଟ୍’, ‘ଧାର କରି ଗାଁକୁ ଫେରୁଛି’, ‘ଏତିକି ଟିକିଏ ଦେଶଟିଏ ଆତଙ୍କବାଦୀର ଫ୍ୟାକ୍ଟେରୀ ସିଏ’, ‘ଚନ୍ଦା’ ଏମିତି କିଛି କ୍ଷୁଦ୍ର କବିତା ସବୁ ଭଲ ଲାଗେ।

**▶▶ ବର୍ତ୍ତମାନ ସମୟରେ ବ୍ୟଙ୍ଗ କବିତାର କ’ଣ ଗୁରୁତ୍ୱ ରହିଛି?**

ଉ- ବ୍ୟଙ୍ଗ କବିତାର ମୂଲ୍ୟ ନ ଥିଲେ ବ୍ୟଙ୍ଗ କହି ମୁଁ କ’ଣ ଧରିତ୍ରୀ ଖବରକାଗଜ ଯାଏ ପହଞ୍ଚି ପାରିଥାନ୍ତି? ସମାଜକୁ ବଦଳାଇ ଦେବାର ଶକ୍ତି ବ୍ୟଙ୍ଗରେ ରହିଛି। ଯାହା ସିଧା କହିହୁଏ ନାହିଁ, ବ୍ୟଙ୍ଗ ମାଧ୍ୟମରେ ତାହାକୁ ସମାଜ ଗ୍ରହଣ କରେ। ସଚେତନ ଓ ସତର୍କ ହୁଏ। ଯେଉଁଥିପାଇଁ ବର୍ତ୍ତମାନ ସମୟରେ ବ୍ୟଙ୍ଗକୁ ଯୁବପିଢି ପସନ୍ଦ କରୁଛନ୍ତି।

**▶▶ ଆପଣଙ୍କ ଗୁରୁ ଓ ପ୍ରିୟ ବ୍ୟଙ୍ଗ କବି?**

ଉ- ଜ୍ଞାନ ହୋତା ସାର୍ ମୋର ସବୁଠାରୁ ପ୍ରିୟ। ମୁଁ ପିଲାଦିନରୁ ତାଙ୍କର ବ୍ୟଙ୍ଗକୁ ଶୁଣିବାକୁ ବହୁତ ଭଲ ପାଏ। ଅନୁକରଣ, ଅନୁସରଣ ମଧ୍ୟ କରେ।

**▶▶ ବ୍ୟଙ୍ଗ ମାଧ୍ୟମରେ ସମାଜକୁ କ’ଣ ବାର୍ତ୍ତା ଦେବାକୁ ଚାହାନ୍ତି ?**

ଉ- ବ୍ୟଙ୍ଗ ମାଧ୍ୟମରେ ଅନ୍ୟାୟ ବିରୋଧରେ ସଭ୍ୟ ଉପାୟରେ ବିରୋଧ ପ୍ରଦର୍ଶନ କରିବାର କଳାକୌଶଳ ଭେଟି ଦେବାକୁ ଚାହେଁ। ପ୍ରଶଂସକମାନଙ୍କୁ ଏତିକି କହିବି ଭଲ ଦେଖ, ଭଲ ଶୁଣ, ଭଲ ପଢ଼ ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉଠେଇବା ଶିଖ।

**▶▶ କ୍ୟାରିୟରକୁ ନେଇ କ’ଣ ଯୋଜନା ରହିଛି ?**

ଉ- ପ୍ରାଇଭେଟ ଚାକିରି ଖଣ୍ଡେ ଅଛି, ସଂସାର ଭଲରେ ଚାଲିଛି। ତେଣୁ କ୍ୟାରିୟର ପାଇଁ ସେମିତି କିଛି ବିଶେଷ ଯୋଜନା ନାହିଁ। କିନ୍ତୁ ବ୍ୟଙ୍ଗ ପାଇଁ ମୋର କେବଳ ଗୋଟିଏ କଥା କହିବି। ବ୍ୟଙ୍ଗକୁ ପୁରୁଣା ଢାଞ୍ଚାରେ ନ ଲେଖି ସେଥିରେ ଆଧୁନିକ ଯୁବପିଢିଙ୍କ ସ୍ୱାଦ ଅନୁଯାୟୀ ଛୁଙ୍କ ଦେଇପାରିଲେ ବ୍ୟଙ୍ଗର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ।

**▶▶ ଓଡ଼ିଶାର ଯୁବପିଢ଼ିଙ୍କୁ କ’ଣ ବାର୍ତ୍ତା ଦେବେ?**

ଉ- ଓଡିଶାର ଯୁବପିଢ଼ିଙ୍କୁ ଏତିକି ବାର୍ତ୍ତା ଦେବି - ସେଇଆ ଶୁଣ, ଯାହା ଅନ୍ୟ ୧୦ ଜଣଙ୍କ ଆଗରେ ଶୁଣି ପାରିବ। ସେଇଆ କୁହ, ଯାହା ସଭ୍ୟ ସମାଜ ଆଗରେ କହିଲା ବେଳେ କୁଣ୍ଠାବୋଧ ହେବ ନାହିଁ। ସେଇଆ ଦେଖ, ଯାହାକୁ ଦେଖିଲା ବେଳେ ଆଖି ଏପଟସେପଟ କରି ଦେଖିବାକୁ ପଡ଼ିବନି ଯେ କେହି ଆସିଗଲେ କି? ଆପଣ ଯଦି ବ୍ୟଙ୍ଗ ଶୁଣୁଛନ୍ତି ତା’ ହେଲେ ଆପଣ ସତରେ ଜଣେ ସରଳ, ନିରୀହ, ନିଷ୍କପଟ ଏବଂ ସମାଜର ଶୁଭଚିନ୍ତକ ହୋଇଥିବେ।



କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ମାହୁନ୍ତଙ୍କ ସହ ହାତୀ

# ବେସାହାରା ହାତୀଙ୍କ ଭରସା

କାହାକୁ ମାତ୍ର ୧୫ ଦିନ ତ କାହା ବୟସ ୧୫ ବର୍ଷ। କିଏ ଗୋଠଛାଡ଼ି ଆସିଛି ତ ଆଉ କିଏ ଅଲଗା ହୋଇଯାଇଛି ମା’ ନିକଟରୁ। ଅସୁସ୍ଥ, ଆହତ, ଆତଙ୍କ ରଚିଥିବା ହାତୀଙ୍କୁ ମଧ୍ୟ ଦିଆଯାଉଛି ସାହାରା। ଛୁଆ ହାତୀଙ୍କ ପାଇଁ ମା’ ସାଜୁଛନ୍ତି ମାହୁନ୍ତ। ଆହତଙ୍କ ଉପଯୁକ୍ତ ଯତ୍ନ ନିଆଯିବା ସହ ନରହନ୍ତା, ଉତ୍ପାତିଆ ହାତୀଙ୍କ ବ୍ୟବହାରରେ ଅଣାଯାଉଛି ପରିବର୍ତ୍ତନ। ଏପରି ବେସାହାରା ହାତୀଙ୍କୁ ବର୍ଷ ବର୍ଷ ଧରି କୋଳେଇ ନେବାରେ ଲାଗିଛି କପିଳାସ ହାତୀ ଉଦ୍ଧାର କେନ୍ଦ୍ର।

ହାତୀ ହେଉଛି ଜାତୀୟ ଐତିହ୍ୟ ପ୍ରାଣୀ। ଏହାର ସୁରକ୍ଷା ନିତାନ୍ତ ଜରୁରୀ। ରାଜ୍ୟର ହାତୀ ପ୍ରବଣ ଜିଲା ଭାବରେ ଢେଙ୍କାନାଳ ଚିହ୍ନଟ ହୋଇଛି। ହାତୀ-ମଣିଷ ବିବାଦରେ ମଧ୍ୟ ରାଜ୍ୟରେ ଆଗରେ ରହିଛି ଢେଙ୍କାନାଳ। ତେବେ ଅନେକ ସମୟରେ ହାତୀ ଓ ମଣିଷ ମୁହାଁମୁହିଁ ବେଳେ କେତେବେଳେ ମଣିଷ ତ ପୁଣି କେବେ ଯାଉଛି ଐତିହ୍ୟ ପ୍ରାଣୀଙ୍କ ଜୀବନ। ଆହତ ମଧ୍ୟ ହେଉଛନ୍ତି ହାତୀ। ଏପରି ଆହତ କିମ୍ବା ରୋଗଗ୍ରସ୍ତ ହାତୀଙ୍କ ସମେତ ଅନ୍ୟ ଅସୁସ୍ଥ ବନ୍ୟପ୍ରାଣୀଙ୍କ ପାଇଁ ଭରସା ପାଲଟିଛି ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ର।



ହାତୀ ଉଦ୍ଧାର କେନ୍ଦ୍ର ପରିସରରେ ଦୁଇ ହାତୀଛୁଆ

ରାଜ୍ୟର ଚନ୍ଦକା ପରେ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ର ପ୍ରମୁଖ ହାତୀ ଉଦ୍ଧାର କେନ୍ଦ୍ର ଭାବେ ପରିଚିତ। ବର୍ତ୍ତମାନ ଏହି କେନ୍ଦ୍ରରେ ବାହାର ଜିଲା ସମେତ ଜିଲା ମଧ୍ୟରୁ ପ୍ରାୟ ୯ଟି ହାତୀ ରହି ଚିକିତ୍ସିତ ହେଉଛନ୍ତି। ୨୦୦୭ରେ କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ର ପରିସରର ୪ ହେକ୍ଟର ଜାଗାରେ ହାତୀ ଉଦ୍ଧାର କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ୨୦୧୦ ଜୁଲାଇ ୭ରେ କଟକ ଜିଲା ଆଠଗଡ଼ ଡିଭିଜନରୁ ଏକ ୧୦ ବର୍ଷର ହାତୀଛୁଆ ଉଦ୍ଧାର ହୋଇ ଏହି ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା, ଯାହାର ନାମ କାର୍ତ୍ତିକ ରଖାଯାଇଥିଲା। ଏହାପରେ ୨୦୧୧ ଡିସେମ୍ବର ୨୪ରେ ବରଗଡ଼ ବନଖଣ୍ଡ ଡିଭିଜନରୁ ୮ ବର୍ଷର ଅଣ୍ଡିରା ହାତୀଛୁଆ ଉଦ୍ଧାର ହୋଇ ଚିକିତ୍ସା ପାଇଁ ଏହି କେନ୍ଦ୍ରକୁ ଆସିଥିଲା। ଉକ୍ତ ଛୁଆ ହାତୀର ନାମ ଚନ୍ଦୁ ରଖାଯାଇଥିଲା। ସେହିପରି ୨୦୧୨ ସେପ୍ଟେମ୍ବର ୪ରେ ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜ୍‌ରୁ ୭ବର୍ଷର ମାଈ ହାତୀ ଉମା ଉଦ୍ଧାର ହୋଇ ଆସିଥିଲା। ପରେ ବ୍ରହ୍ମପୁର, ସମ୍ବଲପୁର ଓ ବାମରା ବନଖଣ୍ଡରୁ ଦୁଇ ହାତୀଛୁଆ, ଯେଉଁମାନେ କି ହିରୋ ଓ ପଦ୍ମା ନାମରେ ନାମିତ ହୋଇଥିଲେ ସେମାନେ ମଧ୍ୟ ଆସିଥିଲେ। ଏହି ଉଦ୍ଧାର କେନ୍ଦ୍ରରେ ଥିବା ହାତୀମାନଙ୍କୁ ନଡ଼ିଆ, ବିଭିନ୍ନ ଫଳ, ଗହମ, ଧାନ ଆଦି ଖାଇବାକୁ ଦିଆଯାଉଛି। ଚିକିତ୍ସା ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ସମେତ କର୍ମଚାରୀ ମଧ୍ୟ ରହିଛନ୍ତି। ଏଠାରେ ହାତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି। ମାହୁନ୍ତମାନଙ୍କୁ ତାଲିମ ପ୍ରଦାନ କରାଯାଇଥିବାବେଳେ ସେମାନେ ହାତୀମାନଙ୍କ ଚିକିତ୍ସା ନିମନ୍ତେ ବିଶେଷଜ୍ଞମାନଙ୍କୁ ସହାୟତା କରୁଛନ୍ତି। ସୁରକ୍ଷା ବଳୟରେ ଏହି ଉଦ୍ଧାର କେନ୍ଦ୍ରରେ ହାତୀମାନଙ୍କୁ ରଖାଯାଇଛି। ନିକଟରେ ବନ୍ତଲାରୁ ମଧ୍ୟ ଏକ ହାତୀଛୁଆ ଅଣାଯାଇ ଚିକିତ୍ସା ପାଇଁ ଏଠାରେ ଭର୍ତ୍ତି କରାଯାଇଛି। ତେବେ ଦିନକୁ ଦିନ ଉଦ୍ଧାର ହାତୀଙ୍କ ସଂଖ୍ୟା ଏଠାରେ ବଢୁଥିବାରୁ ଅଧିକ ପ୍ରାଣୀ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଜିଲା ବନଖଣ୍ଡ ପକ୍ଷରୁ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଯେହେତୁ ଗୋଠଛାଡ଼ି ତଥା ମା’କୁ ଛାଡ଼ି ହାତୀଛୁଆମାନେ ଉଦ୍ଧାର ହୋଇ ଏହି କେନ୍ଦ୍ରକୁ ଆସୁଛନ୍ତି, ତେଣୁ ମାହୁନ୍ତମାନେ ଠିକ୍ ଭାବେ ଲାଳନ ପାଳନ କରି ପରିବାର ସଦସ୍ୟ ଭାବେ ରଖୁଛନ୍ତି। ସେହିପରି ଅମାନିଆ ହାତୀଙ୍କୁ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ କରିବା ନିମନ୍ତେ କାଠର କ୍ରାଲ୍ ତଥା ଖୁଆଡ଼ୋ ମଧ୍ୟରେ ରଖାଯାଉଛି। ଏଥିପାଇଁ ତାଲିମପ୍ରାପ୍ତ ମାହୁନ୍ତମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ଯେହେତୁ ଢେଙ୍କାନାଳ ସମେତ ରାଜ୍ୟର ଅନ୍ୟ ଜିଲାଗୁଡିକରୁ ଆସୁଥିବା ଅସୁସ୍ଥ ହାତୀଙ୍କ ଚିକିତ୍ସା କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ କରାଯାଉଛି, ତେଣୁ ଏହାକୁ ଅଧିକ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ବର୍ତ୍ତମାନ ସୁଦ୍ଧା ୯ଟି ହାତୀଛୁଆ ଉଦ୍ଧାର ହୋଇ ଏଠାରେ ଚିକିତ୍ସିତ ହେଉଛନ୍ତି।

ରିପୋର୍ଟ- **ରତନ ନାୟାର,** ଢେଙ୍କାନାଳ

## ସାଇଟେଡ୍‌ରେ ଯୋଗଦେବେ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା

**ଭୁବନେଶ୍ୱର,୨୩।୧୧**
**(ଅନୁରାଧା ମହାରଣା)**

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ବାର୍ଷିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମେଳା ‘ସାଇଟେଡ୍’ର ନବମ ସଂସ୍କରଣ ଆସନ୍ତା ୨୬ରେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରଙ୍କୁ ଏହା ଭବିଷ୍ୟତର ନୂତନ ଉଦ୍ଭାବକ, ଗବେଷକ ହେବାକୁ ପ୍ରେରଣା ଯୋଗାଇବ। ଜାତୀୟ ଓ ଅନ୍ତର୍ଜାତୀୟ ବିଜ୍ଞାନ କ୍ଷେତ୍ରରେ ଛାତ୍ରୀଛାତ୍ର ନିର୍ଭୀକ ଭାବରେ କଳ୍ପନା କରିବା, ସାହସିକ ଭାବରେ ଉଦ୍ଭାବନ ଓ ଶିକ୍ଷଣର ସୀମାକୁ ଆଗକୁ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଭୁବନେଶ୍ୱର ଅନ୍ତର୍ଗତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏହି ମେଳାରେ ଅଂଶଗ୍ରହଣ କରିବେ। ଏଥିରେ ପ୍ରାୟ ୧୦୦ରୁ ଅଧିକ ପ୍ରୋଜେକ୍ଟକୁ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଥିବାବେଳେ ମହାକାଶଯାତ୍ରୀ ତଥା ଇସ୍ରୋର ଗଗନଯାତ୍ରୀ ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳା ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେବେ।


श्रम एवं रोजगार मंत्रालय
भारत सरकार
MINISTRY OF LABOUR & EMPLOYMENT
GOVERNMENT OF INDIA

ଗିଗ୍ ଓ ପ୍ଲାଟ୍‌ଫର୍ମ କର୍ମୀଙ୍କ
ପାଇଁ
ଏକ ନୂଆ ଯୁଗ

“ରାଷ୍ଟ୍ର ନିଜର କାର୍ଯ୍ୟବଳକୁ ନେଇ ଗର୍ବିତ । ଶ୍ରମେବ ଜୟତେ!”
- ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦୀ



ଚାରିଟି ଶ୍ରମ ସଂହିତା
କାର୍ଯ୍ୟାନ୍ୱିତ

ଗିଗ୍ ଓ ପ୍ଲାଟ୍‌ଫର୍ମ କର୍ମୀଙ୍କ ପାଇଁ
ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

- ଗିଗ୍ ଓ ପ୍ଲାଟ୍‌ଫର୍ମ କର୍ମୀ ଏବଂ ଏଗ୍ରିଗେଟରଙ୍କୁ ପ୍ରଥମ ଥର ପାଇଁ ଔପଚାରିକ ଭାବେ ପରିଭାଷିତ କରାଯାଇଛି
- ସାମାଜିକ ସୁରକ୍ଷା ପାଣ୍ଠିର ବ୍ୟବସ୍ଥା: ଏଗ୍ରିଗେଟର୍‌ମାନେ ବାର୍ଷିକ କାରବାରର ୧-୨% ଯୋଗଦାନ କରିବେ, ଯାହା ଗିଗ୍ ଓ ପ୍ଲାଟ୍‌ଫର୍ମ କର୍ମୀଙ୍କୁ ଦିଆଯାଇଥିବା କିମ୍ବା ଦିଆଯିବାକୁ ଥିବା ମୋଟ ଦେୟର ୫% ପର୍ଯ୍ୟନ୍ତ ସୀମିତ ହେବ
- ଜୀବନ ଏବଂ ଭିନ୍ନକ୍ଷମତା କଭର, ଦୁର୍ଘଟଣା ବୀମା, ସ୍ୱାସ୍ଥ୍ୟ ଏବଂ ମାତୃତ୍ୱ ଲାଭ, ବାର୍ଦ୍ଧକ୍ୟକାଳୀନ ସୁରକ୍ଷା ଆଦି ପାଇଁ ସାମାଜିକ ସୁରକ୍ଷା ଯୋଜନା
- ଆଧାର-ସଂଯୁକ୍ତ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ସମସ୍ତ ରାଜ୍ୟରେ ଲାଭର ପୋର୍ଟେବିଲିଟି ଓ ଅବାଧ ଯୋଗାଣକୁ ସୁନିଶ୍ଚିତ କରିବ

CBC 23101/13/0004/2526



ଆତ୍ମନିର୍ଭର ଭାରତ ପାଇଁ ଶ୍ରମ ସଂସ୍କାର



BGU BIRLA GLOBAL UNIVERSITY BHUBANESWAR
ADMISSIONS OPEN
www.bgu.ac.in
A Hub of Excellence in Education

OUR SCHOOLS & PROGRAMS

Birla School of Management (BSoM)
- BBA (3/4 yrs.)
- MBA - Dual Specializations Offered
- MBA Business Analytics Co-delivered by BSoM & KPMG
  - MBA Business Analytics degree from BGU & course completion certificate by KPMG in India

Birla School of Commerce (BSoC)
- B.Com (3/4 yrs.)
- M.Com
- MBA FinTech Co-delivered by BSoC & BSoET

Birla School of Communication (BSoCom)
- BA in Journalism & Mass Comm (3/4 yrs.)
- MBA in Communication Management Co-delivered by BSoCom & BSoM

Birla School of Economics
- B.Sc. Economics (3/4 yrs.)
- M.Sc. Economics

Birla School of Law (BSoL)
- BBA LLB (Hons.- 5 yrs.)
- LLM (1 yr.)

Birla School of Applied Science (BSoAS)
- BCA (3/4 yrs.)
- MCA

Birla School of Engineering & Technology (BSoET)
- B. Tech in Computer Science & Engineering
  - Regular Entry 4-yrs. & Lateral Entry-3 yrs.

B.K. Birla & Sarala Birla Academic Merit Scholarships

Apply online forms.bgu.ac.in

IDCO Plot No. 2, Institutional Area, Gothapatna, Bhubaneswar – 751029
WhatsApp/Call: 9776129900, 7381058307
Email: admission@bgu.ac.in
scan to apply



ଇମ୍ୟୁନିଟିର ଅସଲି ସ୍ୱାଦ ଏବେ ଗୁଡ଼ ସହିତ

ବୈଦ୍ୟନାଥ
ଅସଲି ଆୟୁର୍ବେଦ

NEW LAUNCH

ଇମ୍ୟୁନିଟି ବଢ଼ାଏ
ଗୁଡ଼ ପାଚନ ଶକ୍ତି ବୃଦ୍ଧି କରେ
ବଳ ଏବଂ ସ୍ଫୁର୍ତ୍ତି ବଢ଼ାଏ




8969377738, 9438464270
www.baidyanath.com

ଶିଖର ଚିରଦିନ ଆକର୍ଷଣ କରୁଥାଏ ନିମ୍ନଭୂମିକୁ। କାରଣ ସେ ଚାହେଁ– ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ୍ୟ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ। –ଶ୍ରୀଅରବିନ୍ଦ



# ୫୨

ଭାରତୀୟ ଗଣମାଧ୍ୟମ ଏବେ ଏକ ବିଷମ ସ୍ଥିତି ଦେଇ ଗତି କରୁଛି। ବିଷମ ସ୍ଥିତିଟି ବୋଇଲେ ଏହା ପୂର୍ବାପେକ୍ଷା ତା'ର ସ୍ୱାତନ୍ତ୍ର୍ୟ ହରାଇ ବସିଲା ଭଳି ଦେଖାଯାଉଛି। ଏହା ଜଣାଶୁଣା ଯେ, ଗଣମାଧ୍ୟମ ତିଷ୍ଠିବା ପାଇଁ ବିଜ୍ଞାପନ ଉପରେ ନିର୍ଭର କରିବା ବାଧ୍ୟତାମୂଳକ। ଅନ୍ୟପକ୍ଷରେ ଯେହେତୁ ସରକାର ବିଜ୍ଞାପନ ଦେଉଛନ୍ତି ତାଙ୍କ କଥା ଖବରକାଗଜ ହେଉ ବା ଟେଲିଭିଜନ୍ ସବୁଥିରେ ପ୍ରସାର କରାଯିବା ଥୟ। ସରକାରୀ ପ୍ରୋତ୍ସାହନ ମିଳୁଥିବାରୁ ପ୍ରାୟ ଗଣମାଧ୍ୟମ ସଂସ୍ଥା ସରକାରଙ୍କୁ ସମାଲୋଚନା କରିପାରୁନାହାନ୍ତି ବୋଲି କଥା ଉଠିଛି। ସେଥିପାଇଁ ଆଜିର ସ୍ଥିତିରେ ଗଣମାଧ୍ୟମର ସ୍ୱରୂପକୁ ଦେଖି ଅନେକେ ତାହାକୁ ଗୋଦି ମିଡିଆ ବା କୋଳାଶ୍ରିତ ଗଣମାଧ୍ୟମ ଆଖ୍ୟା ଦେଲେଣି। ଶାସନରେ ଥିବା ବ୍ୟକ୍ତିଙ୍କୁ ପ୍ରଶଂସା ଶୁଣିବାକୁ ଭଲ ଲାଗୁଛି। ପୂର୍ବରୁ ଭାଟଙ୍କ ବିଷୟରେ ଅନେକ କାହାଣୀ ଶୁଣିଛେ। ରାଜା କିମ୍ବା ଜମିଦାରଙ୍କୁ ଖୁସି କରିବା ଲାଗି ଭାଟମାନେ ସେମାନଙ୍କର ପ୍ରଶଂସା କରୁଥିଲେ। ପ୍ରତିବଦଳରେ ଉପହାର ପାଇବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଯଦି ପ୍ରତିଟି ଗଣମାଧ୍ୟମ କେବଳ ପ୍ରଶସ୍ତିଗାନରେ ରହିବେ, ତେବେ ତାହା ଗଣତନ୍ତ୍ରକୁ କ୍ଷତି ପହଞ୍ଚାଇବ। ପ୍ରଶଂସା ପାଇ ସେଥିରେ ଭୋଳି ଯାଉଥିବା ବ୍ୟକ୍ତି କଦାପି ନିଜର ଦୁର୍ବଳତା ଜାଣିପାରି ନ ଥାଆନ୍ତି। ଯେତେବେଳେ ସରକାର ସ୍ଥିତି ଅନୁଧ୍ୟାନ କିମ୍ବା କୋର୍ସ କରେକ୍ସନ କରିବାକୁ ଚାହିଁଥାଆନ୍ତି ସେତେବେଳକୁ ସମୟ ପାଇ ନ ଥାଆନ୍ତି। ତେଣୁ ଏହାଦ୍ୱାରା ଶାସକ ଅଧିକ ମନମୁଖି ହୋଇଯାଆନ୍ତି କିମ୍ବା ଲୋକଙ୍କ ସମସ୍ୟାଠାରୁ ଦୂରେଇ ଯାଇଥାଆନ୍ତି। ଏହା ଓଡ଼ିଶାବାସୀ ପୂର୍ବ ସରକାର ସମୟରେ ଭଲଭାବେ ହୃଦ୍‌ବୋଧ କରିଥିଲେ।

ଅପରେଶନ ସିନ୍ଦୂର ବିଷୟରେ ସବୁ ଗଣମାଧ୍ୟମ ଏତେ ପ୍ରଚାର କଲେ ମଧ୍ୟ ଫଳାଫଳ କ'ଣ ହେଲା ସମସ୍ତେ ଜାଣନ୍ତି। ପହଲଗାମ ଆକ୍ରମଣ ଯାଇ ଲାଲକିଲ୍ଲାର କାର୍ ବିସ୍ଫୋରଣ ହୋଇଥିଲେ ମଧ୍ୟ ପୂର୍ବ ଆକ୍ରମଣର ମାଷ୍ଟରମାଇଣ୍ଡଙ୍କୁ ଅଦ୍ୟାବଧି ଠାବ କରାଯାଇପାରିନାହିଁ। ଏପରିକି ଲାଲ୍‌କିଲ୍ଲା ଆତଙ୍କବାଦୀ ବିସ୍ଫୋରଣ ପରେ କୌଣସି ସରକାରୀ ଅଧିକାରୀ ଥରେ ମଧ୍ୟ ପାକିସ୍ତାନର ନାମ ଉଚ୍ଚାରଣ କରିବାକୁ ସାହସ କଲେ ନାହିଁ। ସମସ୍ତଙ୍କ ମନେ ଥିବ ୧୭ ନଭେମ୍ବରରେ ଭାରତର ସ୍ଥଳସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ବିନା କୌଣସି କାରଣରେ ବିବୃତି ଦେଲେ ଯେ ଅପରେଶନ ସିନ୍ଦୂର ସମୟରେ ଭାରତ ତରଫରୁ ୮୮ ଘଣ୍ଟିଆ ଟ୍ରେଲର ଦେଖାଯାଇଥିଲା। ତତ୍‌କ୍ଷଣାତ୍ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ କହିଲେ ଯେ ପାକିସ୍ତାନ ସମ୍ପୂର୍ଣ୍ଣ ସତର୍କ ରହିଛି ଓ ଭାରତ ବିପକ୍ଷରେ ଯୁଦ୍ଧ ପାଇଁ ପ୍ରସ୍ତୁତ ଅଛି। ଉପେନ୍ଦ୍ରଙ୍କ ମନ୍ତବ୍ୟକୁ ଭାରତୀୟ ଗଣମାଧ୍ୟମ ଯଥେଷ୍ଟ ଗୁରୁତ୍ୱ ଦେଇ ବାରମ୍ବାର ଦୋହରାଇବାକୁ ପସନ୍ଦ କରିଥିବା ବେଳେ ପାକିସ୍ତାନର ପାଲଟା ଜବାବକୁ ପ୍ରାୟତଃ ପ୍ରାଧାନ୍ୟ ଦେଇନାହିଁ। ଉଚ୍ଚକୋଟୀର ସାମ୍ବାଦିକତା ଦୃଷ୍ଟିରୁ ଦେଖିଲେ ଏଭଳି ଖବର ପ୍ରସାରଣ ଭାରତୀୟ ନାଗରିକଙ୍କ ପାଇଁ କ୍ଷତିକାରକ ହୋଇପାରେ। ଏହା ପଛର କାରଣ ହେଉଛି ପୂର୍ବରୁ ପାକିସ୍ତାନ ତରଫରୁ ଏଭଳି ଆକ୍ରମଣାତ୍ମକ ମନ୍ତବ୍ୟ ପ୍ରକାଶ ପାଉ ନ ଥିଲା, ସେଥିପାଇଁ ଅସିଫ୍‌ଙ୍କ ମନ୍ତବ୍ୟକୁ ଘୋଡ଼ାଇଦେଲେ। ସାଧାରଣ ଭାରତୀୟ ପରିସ୍ଥିତିକୁ ଉଚିତ ଢଙ୍ଗରେ ବୁଝିପାରିବେ ନାହିଁ। ଆଜିର ପୃଥିବୀରେ ସଚ୍ଚୋଟ ଡାଟା ବା ତଥ୍ୟ ସବୁଠାରୁ

## ତଥାଗତ ସତପଥୀ

ଅଧିକ ଗୁରୁତ୍ୱ ଧାରଣ କରିଥାଏ। ନାଗରିକଙ୍କଠାରୁ ସେହି ତଥ୍ୟ ଲୁକ୍କାୟିତ ରଖିବା ଏକ ମାରାତ୍ମକ ଅପରାଧ ଭାବେ ପରିଗଣିତ ହେବା ଉଚିତ। ଦେଶପ୍ରେମ ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ ଏବଂ ସେଥିରେ କାହାରି ଦ୍ୱିମତ ହେବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ଦେଶପ୍ରେମ ନାମରେ ରାଷ୍ଟ୍ରର ଦୁର୍ବଳତାକୁ ଘୋଡ଼ାଇବାର ଉଦ୍ୟମ ପଛରେ ଅତ୍ୟନ୍ତ ମନ୍ଦ ଉଦ୍ଦେଶ୍ୟ ଦେଖାଯାଇଥାଏ। ନିଃସନ୍ଦେହରେ କୁହାଯାଇପାରେ, ମନ୍ତ୍ରୀମାନଙ୍କ ଅଫିସ ତରଫରୁ ପ୍ରସ୍ତୁତ କରାଯାଉଥିବା ବିରାଟକାୟ ଲେଖା ଓ ଫଟୋ ଛପାଇବା ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ। ଅପରପଟରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟର ପର୍ଦ୍ଦାଫାଶ କରିବା ପାଇଁ ସୁଯୋଗ ମିଳିବା ଦରକାର। ପ୍ରଶ୍ନ ଉଠିପାରେ ଯେ ସୁଯୋଗ ପାଇଁ ବିନମ୍ର ହୋଇ ମାଗିବାର ପ୍ରୟୋଜନ କାହିଁକି ଉଠୁଛି। ଯେତେବେଳେ ବଡ଼ ଅଧିକାରୀମାନେ ଗଣମାଧ୍ୟମ ପ୍ରତି ଅଣଦେଖା କିମ୍ବା ଅସହିଷ୍ଣୁତା ପ୍ରଦର୍ଶନ କରୁଛନ୍ତି ସେତେବେଳେ ତଳତଳିଆ ସରକାରୀ କର୍ମଚାରୀ ଆହୁରି ଦଶ ପାଦ ଆଗକୁ ଚାଲିଯାଉଛନ୍ତି। ଉଦାହରଣ ସ୍ୱରୂପ, ଏବକାର ଭାରତରେ ଜିଲା ପ୍ରଶାସନର ଅଧିକାରୀମାନେ ପୂର୍ବାପେକ୍ଷା ଗଣମାଧ୍ୟମ ପ୍ରତି ଅଧିକ କ୍ରୋଧ ପ୍ରକଟ କରୁଛନ୍ତି, ଯାହାଫଳରେ ଖବରଦାତାମାନେ ଅନେକ ସମୟରେ ଏକତରଫା ଖବର ଦେବାକୁ ବାଧ୍ୟ ହେଉଛନ୍ତି। ପ୍ରଶ୍ନ ପଚାରିଲେ ଅଫିସର ବିରକ୍ତ ହୋଇ କହୁଛନ୍ତି, ହ୍ୱାଟ୍ସଆପ୍‌ରେ ପଠାଯାଇଥିବା ତଥ୍ୟ ବସାଇଦିଅ ବା ପ୍ରସାରଣ କରିଦିଅ। ଅନ୍ୟ ଭାଷାରେ କହିଲେ ଏହାର ଅର୍ଥ ହେଉଛି 'ଧାଡ଼ିରେ ଛିଡ଼ାହୋଇ ରୁହ, ବେଶି ଖୋଳତାଡ଼ କଲେ ଅସୁବିଧାରେ ପଡ଼ିବ'।

ଏଭଳି ମାନସିକତା ପୋଷଣ କରୁଥିବା ଅଫିସର ଓ ରାଜନେତାଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ଗୋଡ଼ାଣିଆ ଗୋଦି ମିଡିଆ ପ୍ରତିନିଧି ସର୍ବନିମ୍ନରୁ ସର୍ବୋଚ୍ଚସ୍ତର ପର୍ଯ୍ୟନ୍ତ ବିଛେଇ ହୋଇ ଅଛନ୍ତି। ଏହି ଗୋଦି ମିଡିଆର ମାଲିକ ଓ ଖବରଦାତାମାନେ ସାମ୍ବାଦିକତାର ମୌଳିକ ଚାହିଦା– କ୍ଷମତାକୁ ପ୍ରଶ୍ନ କରିବା–ଠାରୁ ଦୂରେଇ ରହୁଛନ୍ତି। ମନେରଖିବାକୁ ହେବ ଯେ ଗଣମାଧ୍ୟମ କୌଣସି ଭାବେ ଭାରତୀୟ ସମ୍ବିଧାନରେ ସ୍ଥାନ ପାଇନାହିଁ। ଚତୁର୍ଥ ସ୍ତମ୍ଭର ଆଖ୍ୟା ବାରମ୍ବାର ଦୋହରା ଯାଉଥିବା ସତ୍ତ୍ୱେ ଭାରତୀୟ ସମ୍ବିଧାନରେ ସେଭଳି କୌଣସି ଉଲ୍ଲେଖ କରାଯାଇନାହିଁ। ସେଥିପାଇଁ ଗଣମାଧ୍ୟମ ଅର୍ଥାତ୍ ଛାପା, ଟେଲିଭିଜନ କିମ୍ବା ଡିଜିଟାଲ ଗଣମାଧ୍ୟମକୁ କୌଣସି ମୌଳିକ ସୁରକ୍ଷା ଭାରତୀୟ ବ୍ୟବସ୍ଥାରେ ଦିଆଯାଇ ନାହିଁ। ନିକଟରେ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ୨୦୨୩ ଓ ତା' ସମ୍ପର୍କରେ ୨୦୨୫ରେ ଅଣାଯାଇଥିବା ନିୟମାବଳୀ ବ୍ୟକ୍ତିବିଶେଷର ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟ ସୁରକ୍ଷା କରିବାର ଆଢୁଆଳରେ ସ୍ୱଚ୍ଛ ସାମ୍ବାଦିକତାକୁ ଏକ କଠୋର ଆଘାତ ଦେବାର ବ୍ୟବସ୍ଥା କରାଯାଇଛି। ସରକାରରେ ଥିବା ରାଜନେତା ଓ ରାଜନୈତିକ ଦଳର ପରିବର୍ତ୍ତନ ଆମେ ଓଡ଼ିଶାବାସୀ ଦେଖିଆସୁଛୁ। ବିଶେଷକରି କଂଗ୍ରେସ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୪ ବର୍ଷ ଏବଂ ବିଜୁ ଜନତା ଦଳ ଓ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନ ଓଡ଼ିଶାକୁ କେଉଁ ରୂପ ଦେଇଛି ତାହା ନିକଟରେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ଓ ବିଜେଡି ଫଳାଫଳରୁ ସ୍ପଷ୍ଟ ଜଣାପଡ଼ିଲା। ଭାରତ ତୁଳନାରେ ଆମେରିକାକୁ ଦେଖାଗଲେ ସେଠାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକଛତ୍ରବାଦୀ ହେବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ସାମ୍ବାଦିକମାନେ ତାଙ୍କୁ ବାରମ୍ବାର ପ୍ରଶ୍ନ ପଚାରି ହଡ଼ବଡ଼େଇ ଦେଇପାରୁଛନ୍ତି। ଟ୍ରମ୍ପ ପ୍ରାୟ ପ୍ରତ୍ୟେକ ଦିନ ସାମ୍ବାଦିକ ସମ୍ମିଳନୀ କରିବା ପାଇଁ ବାଧ୍ୟ ହେଉଛନ୍ତି। ତାହା ହିଁ ପ୍ରକୃତ ଗଣତନ୍ତ୍ର ଯେଉଁଠି ଗଣମାଧ୍ୟମ ନିରପେକ୍ଷ ଭାବେ ବଞ୍ଚି ବଢ଼ିବାର ସୁଯୋଗ ପାଉଛି।

୫୨ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାର ପକ୍ଷରୁ ଆମେ ଆମର ପାଠିକାପାଠକ, ବିଜ୍ଞାପନଦାତା, ବିତରକ ଏବଂ ଶୁଭେଚ୍ଛୁମାନଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରୁଛୁ।

# ଆଧ୍ୟାତ୍ମିକ ରାଷ୍ଟ୍ରଭକ୍ତି ଓ ଶ୍ରୀଅରବିନ୍ଦ



ଡ.ପ୍ରଫୁଲ୍ଲ କୁମାର ସାହୁ

ଶ୍ରୀଅରବିନ୍ଦଙ୍କ ଆବିର୍ଭାବ (୧୫।୮।୧୮୭୨) କେବଳ ଭାରତ ପାଇଁ ନୁହେଁ, ସମଗ୍ର ମାନବ ଜାତି ତଥା ବିଶ୍ୱ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା। ଭାରତର ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଯୋଗଦାନ ଅବଧି (୧୯୦୪–୧୯୧୦) ସ୍ୱଳ୍ପ କାଳ ପାଇଁ ହେଲେ ମଧ୍ୟ ତାହା ଥିଲା ମୁକ୍ତି ସଂଗ୍ରାମ ଇତିହାସର ସ୍ୱତନ୍ତ୍ର ଅଧ୍ୟାୟ। କାରଣ ସେ ଥିଲେ ପ୍ରାକ୍ ଗାନ୍ଧୀ ପର୍ଯ୍ୟାୟର ସବୁଠାରୁ ଉତ୍ସର୍ଗୀକୃତ ନେତା। ଜାତୀୟତାବାଦର ଜଣେ ପ୍ରଚଣ୍ଡ ପ୍ରବକ୍ତା। ତାଙ୍କର ଅଧ୍ୟୟନ, ଅନୁଧ୍ୟାନ ଓ ବୈପ୍ଳବିକ ଚିନ୍ତନକୁ ଆଧାରକରି ପ୍ରସ୍ତୁତ ହୋଇଥିଲା ମୁକ୍ତି ସଂଗ୍ରାମର ଆଦ୍ୟ ଖସଡ଼ା। ତାଙ୍କ ଦୃଷ୍ଟିରେ ମାତୃଭୂମି କେବଳ ବଣ ପର୍ବତ ଓ ନଦୀ ଆଦିକୁ ନେଇ ସାମାନ୍ୟ ଭୂଖଣ୍ଡଟିଏ ବା ଜଡ଼ ପଦାର୍ଥ ନୁହେଁ, ତାହା କୋଟି କୋଟି ଭାରତୀୟଙ୍କ ପ୍ରାଣଶକ୍ତିର ଏକ ସମନ୍ୱିତ ବିଗ୍ରହ। ଶାଶ୍ୱତ ଏହି ଭୂମି। ଶାଶ୍ୱତ ଏହାର ଅଧିବାସୀ। ଶାଶ୍ୱତ ଏହାର ଧର୍ମ। ମୁକ୍ତିଦ୍ରଷ୍ଟା ଶ୍ରୀଅରବିନ୍ଦ ଥିଲେ ପ୍ରଗତିଶୀଳ ବିଚାରର ପ୍ରତୀକ। ବୈପ୍ଳବିକ ବିଚାରଧାରାର ଆତ୍ମ ମନ୍ଥନରୁ ତାଙ୍କର ଜନ୍ମ। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି (୧୮୯୨) ଭାରତ ଫେରିଆସିବା ପରେ ଅଧ୍ୟାପନାରୁ ଆରମ୍ଭ ହୋଇଥିଲା ତାଙ୍କର କର୍ମମୟ ଜୀବନ। ମାତ୍ର ତାଙ୍କ ପ୍ରାଣକୁ ଅହରହ ଆନ୍ଦୋଳିତ କରିଥିଲା ମାତୃଭୂମିରୁ ଇଂରେଜ ଆଧିପତ୍ୟର ଅହଂକାରକୁ ଚୂର୍ଣ୍ଣ କରିବାର ଚିନ୍ତା। ବେଙ୍ଗଲ ନ୍ୟାଶନାଲ କଲେଜର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲା ପରେ ବିଦାୟକାଳୀନ ସଭାରେ ବିଦ୍ୟାର୍ଥୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ– ଗୋଟିଏ ଜାତିର ଇତିହାସରେ ଏମିତି ଏକ ସମୟ ଆସେ, ଯେତେବେଳେ ଦେଶବାସୀଙ୍କ ପାଇଁ ଅନିବାର୍ଯ୍ୟ ହୋଇପଡ଼େ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ନିମନ୍ତେ ନିଷ୍ଠାପର କର୍ମସାଧନା। ଅନ୍ୟ ସବୁ ଲକ୍ଷ୍ୟ ଯେତେ ମହାନ୍ ଓ ମହତ୍ ହେଉନା କାହିଁକି, ସବୁରି ଊର୍ଦ୍ଧ୍ୱକୁ ଚାଲିଯାଏ ଦେଶସେବା। ଆମ ଜାତୀୟ ଜୀବନରେ ସେମିତି ଏକ ସମୟ ଉପନୀତ ଏବଂ ଆମକୁ ଅନେକ କିଛି ତ୍ୟାଗ କରିବାକୁ ପଡ଼ିବ ଦେଶମାତୃକା ପାଇଁ।

ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ ମଧ୍ୟ ସେ ଥିଲେ କଂଗ୍ରେସର ସମାଲୋଚକ। କାରଣ ସ୍ୱାଧୀନତାକୁ ନେଇ ତାଙ୍କର ଆକାଂକ୍ଷା ଓ କଂଗ୍ରେସର ଦାବି ମଧ୍ୟରେ ଥିଲା ବିରାଟ ବ୍ୟବଧାନ। କଂଗ୍ରେସ ପାଇଁ ସ୍ୱାଧୀନତା ଥିଲା ଏକ ବ୍ୟବସ୍ଥାଗତ ପରିବର୍ତ୍ତନ। ମାତ୍ର ଶ୍ରୀଅରବିନ୍ଦଙ୍କ ଭାରତ ଭାବନା କେବଳ ଉପନିବେଶୀୟ ଶିକୁଳିରୁ ଦେଶକୁ ମୁକ୍ତ କରିବା ଭିତରେ ସୀମିତ ନ ଥିଲା, ବରଂ ତାହା ଥିଲା ଭାରତ ନିର୍ମାଣ ତଥା ତା'ର ଆଧ୍ୟାତ୍ମିକ ଭୂମିକାକୁ ସୁନିଶ୍ଚିତ କରିବାର ସଂକଳ୍ପ। ସେ ଚାହୁଁଥିଲେ ଭାରତର ଆତ୍ମାର ମୁକ୍ତି, ଯାହା ଦେଶର ସାମଗ୍ରିକ ବିକାଶ ସହିତ ସହବନ୍ଧିତ। ତାଙ୍କ ମତରେ



ଭାରତର ସୁଦୀର୍ଘ ଯାତ୍ରା ପଥରେ ସ୍ୱାଧୀନତା ପ୍ରାପ୍ତି ଏକ ପାହାଚ ମାତ୍ର। ନିଜର ରାଜନୈତିକ ଚିନ୍ତନ ଓ କଠୋର ଆଭିମୁଖ୍ୟ ପାଇଁ ସେ ଥିଲେ ବଙ୍ଗଳା ବୈପ୍ଳବିକ ଆନ୍ଦୋଳନର ସୂତ୍ରଧର। ସେ କେବଳ ବିପ୍ଳବ ସଂଗଠିତ କରୁ ନ ଥିଲେ, ଏଥି ସହିତ ବିଭିନ୍ନ ରାଜନୈତିକ ଓ ବିଚାରଗତ ପ୍ରଶ୍ନ ଉପରେ ଗଭୀର ଅଧ୍ୟୟନ ପୂର୍ବକ ଲେଖୁଥିଲେ ଉଚ୍ଚମାନର ପ୍ରବନ୍ଧ। ବିଶେଷକରି 'ଯୁଗାନ୍ତର','ବନ୍ଦେ ମାତରମ୍' ଓ 'ଇନ୍ଦୁପ୍ରକାଶ' ଆଦି ପତ୍ରିକାରେ ପ୍ରକାଶ ପାଇଥିବା ତାଙ୍କ ପ୍ରବନ୍ଧଗୁଡ଼ିକ ଭାରତୀୟ ଯୁବପ୍ରାଣରେ ସୃଷ୍ଟି କରିଥିଲା ରାଷ୍ଟ୍ରଭକ୍ତିର ତେଜୋଦୀପ୍ତ ଝଡ଼। ସ୍ୱରାଜ୍ୟ, ସ୍ୱଦେଶୀ ଓ ଅସହଯୋଗ ଭଳି ପ୍ରସଙ୍ଗରେ ତାଙ୍କର ବକ୍ତବ୍ୟ ଥିଲା ଅତ୍ୟନ୍ତ ସ୍ପଷ୍ଟ, ଯାହାକୁ ପରବର୍ତ୍ତୀ ସମୟରେ ଗ୍ରହଣ କରି ନେଇଥିଲେ ଗାନ୍ଧିଜୀ। ତାଙ୍କ ମତରେ ରାଜନୀତିକ ଆଦର୍ଶବାଦ ଭୀରୁତାର ଲକ୍ଷଣ ନୁହେଁ, ମାତ୍ର ଆଦର୍ଶ ନାମରେ ଅପରିମିତ ଶକ୍ତିସମ୍ପନ୍ନ ଭାରତର ସନ୍ତାନ ଦୁର୍ବଳ ହେବା ରାଷ୍ଟ୍ରଭକ୍ତିର ପରିପନ୍ଥୀ। ବିଶେଷ କରି ସ୍ୱାଧୀନତା ହାସଲ ପାଇଁ ବିଦେଶୀ ଶାସନ ପ୍ରତି ଆନୁଗତ୍ୟ, ତୋଷାମଦ ଓ ସମର୍ଥନ ନିର୍ବୋଧତାର ପରିଚୟ।

ଶ୍ରୀଅରବିନ୍ଦଙ୍କ ରାଜନୀତିକ ଦର୍ଶନ ଏକ ପ୍ରବୁଦ୍ଧ ବୌଦ୍ଧିକ ତତ୍ତ୍ୱ, ଯାହାର ଆଧାର ହେଉଛି ରାଷ୍ଟ୍ରଭକ୍ତି। ତାଙ୍କ ମତରେ ରାଷ୍ଟ୍ରଭକ୍ତି କିଛି ରାଜନୈତିକ ସ୍ଲୋଗାନ ନୁହେଁ, ଏକ ଧର୍ମସାଧନା। ଧର୍ମ କହିଲେ ଏଠି ଧର୍ମୀୟ ଅତିଶୟତା ବା ଧର୍ମାନ୍ଧତାକୁ ବୁଝାଏ ନାହିଁ, ତାହା ଏକ ଅନନ୍ୟ ଆଲୋଡ଼ନ ବା ଆଧ୍ୟାତ୍ମିକ ରାଷ୍ଟ୍ରଭକ୍ତି। ସେ ଥିଲେ ଶାନ୍ତିକାମୀ ଓ ଅହିଂସାର ପକ୍ଷଧର। କିନ୍ତୁ ଅହିଂସାର ପ୍ରୟୋଗକୁ ନେଇ ତାଙ୍କ ଚିନ୍ତନରେ ଯେଉଁ ମୌଳିକତା ରହିଛି, ତାହା ଗାନ୍ଧୀ ନୀତିଠାରୁ ଅଲଗା ଓ ଅଧିକ ମହତ୍ତ୍ୱପୂର୍ଣ୍ଣ। ଶାସନର କ୍ରୂର ଓ ବର୍ବରୋଚିତ କାର୍ଯ୍ୟ ବିରୋଧରେ ସତ୍ୟାଗ୍ରହ ଥିଲା ଗାନ୍ଧିଜୀଙ୍କର ଶେଷ ଅସ୍ତ୍ର। ମାତ୍ର ଶ୍ରୀଅରବିନ୍ଦ କହୁଥିଲେ ଶାସନର ନିଷ୍ଠୁରତା ବିରୋଧରେ ଆନ୍ଦୋଳନ ଯଦି ଯଥେଷ୍ଟ ନ ହୁଏ, ତେବେ ତାହା ସଶସ୍ତ୍ର ରୂପନେବା ଆବଶ୍ୟକ। ଗୀତା କହେ ଯୁଦ୍ଧ କ୍ଷେତ୍ରରେ ଲଢ଼େଇ କରିବା ବୀରର ଧର୍ମ। ଗୀତା ଅଧ୍ୟୟନ ପରେ ତାଙ୍କର ସମସ୍ତ ଦୁର୍ବଳତା ଦୂର ହୋଇଯାଇଥିଲା ଏବଂ ତାଙ୍କ ମନରେ ଭରି ଯାଇଥିଲା ଅମିତ ଶକ୍ତି ଓ ସାହସ। ନୈତିକତାକୁ ପ୍ରାଧାନ୍ୟ ଦେଇ ସେ କହନ୍ତି, ନୈତିକତାର ଅର୍ଥ ପ୍ରେମ ଦ୍ୱାରା ଘୃଣାର ପ୍ରଶମନ ବା ନ୍ୟାୟ ଦ୍ୱାରା ଅନ୍ୟାୟର ଅବସାନ। ମାତ୍ର ଅନ୍ୟାୟ ବିରୋଧରେ ରକ୍ତକ୍ଷରା ଲଢ଼େଇ ଦୋଷାବହ ନୁହେଁ, ବରଂ ଧର୍ମଯୁଦ୍ଧ। ସଶସ୍ତ୍ର ବିପ୍ଳବ ମଧ୍ୟ ଆଧ୍ୟାତ୍ମିକ ରାଷ୍ଟ୍ରଭକ୍ତି, ଯାହାକୁ ଆଧାର କରି ପରିପୁଷ୍ଟ ହୁଏ ଜାତୀୟ ଜୀବନ। ଅନ୍ୟପକ୍ଷରେ ସତ୍ୟର ସାମ୍ନା କରି ନ ପାରି ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବା ପାପ ଓ ନୈତିକତାର ପରିପନ୍ଥୀ। ଏହା କେବଳ ଦୁର୍ବଳ ନୀତିବାଦୀ ଓ ଅସହାୟ ଶାନ୍ତିବାଦୀଙ୍କ ସାହାରା। ତେଣୁ ଅସହଣୀୟ ଉତ୍ପୀଡ଼ନ, ନିଷ୍ପେଷଣ ତଥା ଭାରତମାତାର ଗୌରବ ଭୂଲୁଣ୍ଠିତ ଅବସ୍ଥା ଦେଖି ତା'ର ସୁଯୋଗ୍ୟ ସନ୍ତାନଗଣ ନୀରବ ରହିବେ କାହିଁକି ? ସଶସ୍ତ୍ର ମୁକ୍ତି ସଂଗ୍ରାମ ପାଇଁ ସେ ଯେଉଁ ମୂଳଦୁଆ ପକେଇ ଥିଲେ ତା'ରି ଉପରେ ପାଦ ରଖି କଂଗ୍ରେସ ଆଗକୁ ବଢ଼ିଥିଲା ଏବଂ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନ ହୋଇଥିଲା ଦେଶ।

ଶ୍ରୀଅରବିନ୍ଦ ଥିଲେ ଭାରତୀୟ ଜାତୀୟତାର ଅଗ୍ରଦୂତ ତଥା ନବ ଭାରତର ଦିଗ୍‌ଦର୍ଶକ। ବହୁଚର୍ଚ୍ଚିତ ଆଲିଗଡ ବୋମାମାଡ ଘଟଣାରେ ଅଭିଯୁକ୍ତ ହୋଇ ବନ୍ଦୀହେବା ପର୍ଯ୍ୟନ୍ତ ସେ ଥିଲେ ଈଶ୍ୱରଙ୍କ ସତ୍ତାକୁ ନେଇ ପ୍ରଶ୍ନ କରୁଥିବା ଜଣେ ପ୍ରଚଣ୍ଡ ନାସ୍ତିକ। ତାଙ୍କର ଅନ୍ତର୍ମାନସ ଥିଲା ନାସ୍ତିକର ନିବାସସ୍ଥଳ। ମାତ୍ର ଆଲିଗଡ଼ ବନ୍ଦୀଶାଳାରେ ତାଙ୍କ ଚେତନା ରାଜ୍ୟରେ ଆସିଲା ପରିବର୍ତ୍ତନ। କାରାମୁକ୍ତ ହେବା ପରେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେଇ ବାଛିନେଲେ ଆଧ୍ୟାତ୍ମିକ ସାଧନାର ପଥ। ଉତ୍ତରିତ ମାନବାତ୍ମାର ସନ୍ଧାନ ପାଇଁ ଆରମ୍ଭ ହେଲା ଜଣେ ଜୀବନ ଯୋଗୀର ଅତୀନ୍ଦ୍ର ସାଧନା। ମାତ୍ର ବଦଳିଲା ନାହିଁ ରାଜନୈତିକ ଦର୍ଶନ। ସେ କହୁଥିଲେ ସ୍ୱାଧୀନତା ହେଉଛି ଅସୀମ ଏକତାର ଜୀବନ ତତ୍ତ୍ୱ। ଉତ୍ତୁଙ୍ଗ ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟର ଅଧିକାରୀ ହେଲା ପରେ ବି ସ୍ୱାଧୀନତା ଆନ୍ଦୋଳନକୁ ନେଇ ଅପରିବର୍ତ୍ତନୀୟ ହୋଇ ରହିଗଲା ଶ୍ରୀଅରବିନ୍ଦୀୟ ସୂତ୍ର।

ଶ୍ରୀଅରବିନ୍ଦ କେବଳ ସଶସ୍ତ୍ର ବିପ୍ଳବର ସୂତ୍ରଧର ଓ ଆଧ୍ୟାତ୍ମିକ କ୍ରିୟାର ସଂସ୍କାରକ ନୁହନ୍ତି, ଅଧିକନ୍ତୁ ଜଣେ ବିଦ୍ୱାନ୍, ଭାଷାବିତ୍ ଓ କାବ୍ୟିକ କ୍ରାନ୍ତିଦ୍ରଷ୍ଟା। ଭାରତର ଅଧିକାଂଶ ରାଜନେତା ଯେତେବେଳେ ରାଜନୈତିକ ସ୍ୱାଧୀନତା ଆହରଣ ପ୍ରତି ଦୃଷ୍ଟି ନିବଦ୍ଧ କରିଥିଲେ, ସେତେବେଳେ ସେ ଏକାନ୍ତରେ ବସି ଗଢୁଥିଲେ ଭାରତର ଆଧ୍ୟାତ୍ମିକ ଭାଗ୍ୟ। ଜଣେ ଭବିଷ୍ୟଦ୍ରଷ୍ଟା ଭାବରେ ସେ କହିଥିଲେ, ଭାରତର ଶକ୍ତି, ମହାନତା ଓ ଦିବ୍ୟତା ଅବଲୁପ୍ତ ନୁହେଁ, ତିମିରାଚ୍ଛନ୍ନ। ଖୁବ୍‌ଶୀଘ୍ର ଭାରତ ସେଥିରୁ ମୁକ୍ତ ହେବ ଏବଂ ଏକ ସାର୍ବଭୌମ ରାଷ୍ଟ୍ରରୂପେ ଗୌରବାନ୍ୱିତ ହେବ ସାରା ବିଶ୍ୱରେ। ସତ ହେଲା ତାଙ୍କ ଭବିଷ୍ୟବାଣୀ। ତାଙ୍କ ପବିତ୍ର ଜନ୍ମ ଦିବସରେ ସ୍ୱାଧୀନ ହେଲା ଭାରତ। କାବ୍ୟ ଜଗତରେ ତାଙ୍କ କଳ୍ପନା ପ୍ରକୃତିପ୍ରେମ ଓ ଆଧ୍ୟାତ୍ମିକ ଚେତନା ସହ ଯୋଡିହୋଇ ରହିଛି ଦେଶଭକ୍ତିର ପରାକାଷ୍ଠା। ତାଙ୍କର 'ସାବିତ୍ରୀ' 'ଦିବ୍ୟ ଜୀବନ' ଓ 'ଯୋଗ ସମନ୍ୱୟ' ଆଦି ଗ୍ରନ୍ଥର କାବ୍ୟିକ ଦୃଷ୍ଟି ଅସୀମ ଓ ଅତଳଦର୍ଶୀ। ଅତଏବ ମୁକ୍ତି ସଂଗ୍ରାମର ସେନାନୀ ଭାବରେ ଶ୍ରୀଅରବିନ୍ଦଙ୍କ ଜୀବନ ଯେତିକି ରୋମାଞ୍ଚକର, କବି ଦାର୍ଶନିକ ଓ ପରମ ଯୋଗୀ ଭାବରେ ସେତିକି ରହସ୍ୟମୟ।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଅଳସୀର ହସ



ରାଜେଶ ରାୟ

ଓଡ଼ିଶାର ଦକ୍ଷିଣ ପ୍ରାନ୍ତରେ ଶୋଭା ପାଉଥିବା କୋରାପୁଟ ଜିଲା ନିଜର ଅସରନ୍ତି ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସ୍ୱତନ୍ତ୍ର ଆଦିବାସୀ ପରମ୍ପରାକୁ ନେଇ ବେଶ୍ ପରିଚିତ। ଏହାର କୋଣ ଅନୁକୋଣରେ ଦେଖାଯାଉଥିବା ସୁନ୍ଦର ସବୁଜିମାଭରା ପରିବେଶ ଯେକୌଣସି ଆଗନ୍ତୁକକୁ ନିଜ ବକ୍ଷରେ ଚିରଦିନ ଯାଏ ବାନ୍ଧିରଖେ। କିଛିଦିନ ପୂର୍ବେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋରାପୁଟ କଫିର ମନଭରି ପ୍ରଶଂସା କରିଥିଲେ। ସତକଥା କହିଲେ କୋରାପୁଟର ଗର୍ଭରେ ଏମିତି ଅନେକ ପ୍ରାକୃତିକ ସମ୍ପଦ ଲୁଚି ରହିଛି ଯାହାର ପରିଚୟ ବିଶ୍ୱରେ ଅନନ୍ୟ। ଠିକ୍ ସେହିପରି ଏକ ସମ୍ପଦ ହେଉଛି 'ଅଳସୀ ଫୁଲ'। ମୃଦୁ ମଳୟର ଆଭାକୁ ଭୂପୃଷ୍ଠରେ ବିଞ୍ଚିଦେଇ ଆଶ୍ୱିନ ମାସ ବିଦାୟ ନେବା ପରେ ଶୀତଳ ଚାଦରକୁ ସାଙ୍ଗରେ ନେଇ ଓହ୍ଲାଇ ଆସେ ପୁଣ୍ୟର ମାସ କାର୍ତ୍ତିକ ଯାହାର ସଞ୍ଜୀବନୀ ସ୍ପର୍ଶ ଦ୍ୱାରା କୋରାପୁଟ ମାଟିରେ ଜନ୍ମନିଏ ଅଳସୀ। ରାସ୍ତାରେ ଚାଲିଗଲା ବେଳେ କ୍ଷେତରେ ସଜେଇ ହୋଇଥିବା ହଳଦୀ ଗୁରୁଗୁରୁ ଅଳସୀ ଫୁଲର ହସ ଦେଖି ଯେକୌଣସି ବାଟୋଇ କିଛି ସମୟ ପାଇଁ ଅଟକିଯାଏ। ଅଳସୀର ଆକର୍ଷଣୀୟ ରୂପକୁ ଫଟୋ, ସେଲ୍‌ଫି ଏବଂ ଭିଡିଓ ମାଧ୍ୟମରେ ବନ୍ଦୀ କରିବା ପାଇଁ ଅପରାହ୍ନରେ ଅଳସୀ କ୍ଷେତ ପାଖେ ଯୁବତୀ ଯୁବକଙ୍କ ଭିଡ଼ ଜମେ। ସେଥିପାଇଁ କୋରାପୁଟ ଡାଏରୀରେ ଅଳସୀର ସ୍ଥାନ ସବୁବେଳେ ନିଆରା। ଏହାକୁ ପ୍ରମୁଖ ତୈଳବୀଜ ଫସଲ ଭାବେ ଚାଷ କରାଯାଏ। ଏକ ସୂଚନା ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲାରେ ବସବାସ କରୁଥିବା ପରଜା, କନ୍ଧ, ଗାଦବା, ଭୂମିଆ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ପାଖାପାଖି ୬୦୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ପ୍ରତିବର୍ଷ ୮୦୦୦ରୁ ଅଧିକ ହେକ୍ଟର ଜମିରେ ଅଳସୀ ଚାଷକରି ସ୍ୱାବଲମ୍ବୀ ହେଉଛନ୍ତି। ତେଣୁ କୋରାପୁଟ ଜିଲାକୁ ଅଳସୀର ହବ୍ ବା ପ୍ରମୁଖ କେନ୍ଦ୍ର କହିଲେ କିଛି ଭୁଲ୍ ହେବନାହିଁ।

ଅଳସୀର ରୂପ ଦେଖିବାକୁ ଯେତିକି ଆକର୍ଷଣୀୟ ତା'ର ଗୁଣ ମଧ୍ୟ ସେତିକି ଉଚ୍ଚ। ବୈଜ୍ଞାନିକ ଗବେଷଣା ଅନୁସାରେ ଅବିଭକ୍ତ କୋରାପୁଟ ଜିଲାରେ ଚାଷ କରାଯାଉଥିବା ସ୍ଥାନୀୟ ପ୍ରଜାତିର ଅଳସୀ ମଞ୍ଜିରେ ଅନେକ ପ୍ରକାରର ପୋଷକତତ୍ତ୍ୱ ଭରି ରହିଛି ଯଥା ଓମେଗା ଫ୍ୟାଟି ଏସିଡ୍–୩, ଶର୍କରା, ତନ୍ତୁ, ଭିଟାମିନ–C, ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ, ମ୍ୟାଗ୍ନେସିୟମ ଏବଂ ଜିଙ୍କ୍ ଯାହା ପାଖରେ ହୃଦ୍‌ରୋଗ, ମଧୁମେହ ଏବଂ କ୍ୟାନ୍‌ସର ପରି ରୋଗକୁ ଭଲ କରିବାର କ୍ଷମତା ରହିଛି। ଏହାକୁ ଛାଡ଼ିଦେଲେ କେତେକ ବିଶେଷ ଆଞ୍ଚଳିକ ପ୍ରଜାତିର ଅଳସୀ ଯଥା ମାଙ୍ଗରଦୋରା, ଗଞ୍ଜେଇ ପଦର୍ ଏବଂ



କୋଲାବନଗରରେ ଫ୍ଲାଭୋନଏଡ, ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନ–ସି ବହୁଳ ପରିମାଣରେ ରହିଛି ଯାହା ପୋଷକତତ୍ତ୍ୱ ଦୃଷ୍ଟିକୋଣରୁ ଉନ୍ନତ ପ୍ରଜାତି ବୋଲି ବୈଜ୍ଞାନିକମାନେ ଗବେଷଣା କରି କହିଛନ୍ତି। ୨୦୨୦ ମସିହାରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲାରେ ପାଖାପାଖି ୩୦ ପ୍ରକାର ସ୍ଥାନୀୟ ପ୍ରଜାତିର ଅଳସୀ ଚାଷ କରାଯାଉଛି, ତନ୍ମଧ୍ୟରୁ ବନ୍ଧଗୁଡ଼ା, ଢେପଗୁଡ଼ା, ସର୍ଗୀଗୁଡ଼ା, କୁମ୍ଭିଗୁଡ଼ା, ସରାବତି, ଦେଓମାଳି ଓ ପରଜା ଦେଓମାଳି ଅନ୍ୟତମ। ସରକାରଙ୍କ ଜୈବ ବିବିଧତା ଏବଂ ପ୍ରାକୃତିକ ବିଜ୍ଞାନ ବିଭାଗ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହ ମିଶି ଅନେକ ଆଞ୍ଚଳିକ ପ୍ରଜାତିର ଅଳସୀକୁ ଚିହ୍ନଟ କରି ତା'ର ସଂରକ୍ଷଣ ପାଇଁ ମଧ୍ୟ ଉଦ୍ୟମ କରିଛି। ପ୍ରତିବର୍ଷ ଅଗଷ୍ଟ–ସେପ୍ଟେମ୍ବରରେ ଅଳସୀକୁ ବୁଣାଯାଏ ଏବଂ ନଭେମ୍ବର – ଡିସେମ୍ବରରେ ଅମଳ କରାଯାଏ। ଏହା ପରେ ଅଳସୀକୁ କ୍ଷେତରୁ ନେଇ ଖଳାରେ ଶୁଖାଯାଏ ଏବଂ ବଳଦ କିମ୍ବା ମଇଁଷି ସାହାଯ୍ୟରେ ବେଙ୍ଗଳା ପକାଇ ମଞ୍ଜିଗୁଡ଼ିକୁ ଅଲଗା କରିଦିଆଯାଏ। ପରବର୍ତ୍ତୀ ସମୟରେ ସେହି ମଞ୍ଜିକୁ ଭଲଭାବେ ସଫାକରି କିଲୋ ପିଛା ୬୦ରୁ ୭୦ ଟଙ୍କା ଯାଏ ବିକ୍ରି କରାଯାଏ। ଅଳସୀ ଚାଷ ପାଇଁ ଉଦ୍ଦିଷ୍ଟ ଥିବା ତାପମାତ୍ରା ହେଉଛି ୧୦ରୁ ୩୦ ଡିଗ୍ରୀ ସେଲ୍‌ସିୟସ ଏବଂ ଏହା ଠିକ୍ ଭାବେ ବୃଦ୍ଧି ପାଇବା ପାଇଁ ୭୦୦ରୁ ୭୫୦ ମିଲିମିଟର ପର୍ଯ୍ୟନ୍ତ ବୃଷ୍ଟିପାତ ଆବଶ୍ୟକ କରେ। ସେହିପରି ଅଳସୀ ମଞ୍ଜିରୁ ବାହାରୁଥିବା ତେଲକୁ ଲିଟର ପିଛା ୩୦୦ରୁ ୪୦୦ ଟଙ୍କା ଏବଂ ଏହାର ଖାଦ (ପିଡ଼ିଆ)କୁ କିଲୋଗ୍ରାମ ପିଛା ୩୦ରୁ ୪୦ ଟଙ୍କାରେ ବିକ୍ରି କରାଯାଉଛି।

ଓଡ଼ିଶା ମିଲେଟ୍ ମିଶନ ଅଧୀନରେ କୋରାପୁଟ ଅଳସୀକୁ ଅନ୍ତର୍ଭୁକ୍ତ କରି ପ୍ରଚାର ପ୍ରସାର ନିମନ୍ତେ ଉଦ୍ୟମ ହେଉଛି କିନ୍ତୁ ଉପଯୁକ୍ତ ବଜାରର ଅଭାବରେ ଏହାର ଚାହିଦା ସେତେ ଆଖିଦୃଶିଆ ହୋଇପାରୁନି। ଓରମାସ ସହଯୋଗରେ ଜୟପୁର ସହରଠାରେ ଗଢ଼ି ଉଠିଥିବା ଜଗନ୍ନାଥ ମିଲେଟ୍ ହବ୍ ବର୍ତ୍ତମାନ ଅଳସୀ ମଞ୍ଜିରୁ ପ୍ରସ୍ତୁତ ଲଡ୍ଡୁ, ବିସ୍କୁଟ ଏବଂ ତେଲ ଆଦି ପ୍ରସ୍ତୁତ କରି ବିକ୍ରି କରୁଛି। ଆଗାମୀ ଦିନରେ ଯଦି କୋରାପୁଟ ଅଳସୀକୁ ଭୌଗୋଳିକ ସୂଚକାଙ୍କ (ଜିଆଇ ଟ୍ୟାଗ୍)ଦେବା ପାଇଁ ଉଦ୍ୟମ କରାଯାଆନ୍ତା ଏବଂ ସ୍ଥାନୀୟ ପ୍ରଜାତିଗୁଡ଼ିକୁ ଉପଯୁକ୍ତ ସଂରକ୍ଷଣ କରାଯାଇ ଏହାର ଚାଷକୁ ବିସ୍ତାର କରିବା ଏବଂ ବଜାରକୁ ଉନ୍ନତ କରିବା ପାଇଁ ପଦକ୍ଷେପ ନିଆଯାଆନ୍ତା ତେବେ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ପରିଚୟ ନିଶ୍ଚୟ ଆଉ ପାଦେ ଆଗକୁ ବଢ଼ନ୍ତା। ଏବେ ବିଶୀତଦିନ ଆସିଲେ କୋରାପୁଟ କୋଳରେ ଅଳସୀ ହସେ ଏବଂ ନିଜର ଅସ୍ତିତ୍ୱକୁ ମନଖୋଲି ଉପସ୍ଥାପନ କରେ।

**ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ,**
**ଜୟପୁର, କୋରାପୁଟ**
**ମୋ: ୬୩୭୧୫୫୫୯୪୦**

## ଏଇ ଭାରତରେ

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଲାଣି। ଏବେ ସହରର ଏକ୍ୟୁଆଇ ୪୦୦କୁ ଟପିଗଲାଣି, ଯାହାକି ଏକ ଅତି ବିପଜ୍ଜନକ ସ୍ତର। ଏଥିଯୋଗୁ ଦିଲ୍ଲୀରେ ପିଲାମାନେ ବିଭିନ୍ନ ପ୍ରକାର ଶ୍ୱାସଜନିତ ରୋଗରେ ପୀଡ଼ିତ ହେଉଛନ୍ତି। ଏପରି କି ସେମାନେ ସ୍କୁଲ ଯିବା ଏବଂ ବାହାରେ ଖେଳିବା ସମ୍ଭବ ହେଉନାହିଁ। ବାୟୁ ପ୍ରଦୂଷଣର ଏଭଳି ଭୟାବହତାକୁ ଲକ୍ଷ୍ୟକରି ଭାବରିନ କାନ୍ଧାରି ଏ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ପ୍ରଥମେ ୨୦୨୦ରେ ୫ ଜଣ ମା'ଙ୍କୁ ନେଇ ସେ ଏହି ଅଭିଯାନ ଆରମ୍ଭ କରିଥିଲେ। ଏବେ ଦିଲ୍ଲୀ ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡରେ ୧୫୦୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହୋଇଗଲେଣି। ଏମାନଙ୍କୁ କୁହାଯାଉଛି 'ୱାରିଅର ମମ୍' ବା 'ଯୋଦ୍ଧା ମା'। ନାଗପୁରରେ ମହିଳାମାନେ 'ଚୁଲାମୁକ୍ତ ଭାରତ' ଅଭିଯାନ ମଧ୍ୟ ଆରମ୍ଭ କରିଛନ୍ତି। ଦିଲ୍ଲୀରେ ୫୦ ପ୍ରତିଶତ ବାୟୁ ପ୍ରଦୂଷଣ ଯାନବାହନ ଯୋଗୁ ହେଉଥିବାରୁ ଏମାନେ ସାଇକେଲ ଲେନ ଓ ଅଧିକ ବସ୍ ଚଳାଇବା ପାଇଁ ଦାବି କରିଛନ୍ତି। ଏହା ସହ ସ୍କୁଲ ନିକଟରେ ପ୍ରଦୂଷଣ ମୁକ୍ତ ଅଞ୍ଚଳ ସୃଷ୍ଟି କରିବା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୪ ନଭେମ୍ବର ୧୯୭୬

- ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ଆଙ୍ଗୋଲାକୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ନିରାପତ୍ତା ପରିଷଦରେ ଏକ ପ୍ରସ୍ତାବ ଗୃହୀତ।
- ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ସମୂହ ନିମନ୍ତେ ୩ୟ ବିଶ୍ୱ ସମ୍ବାଦ ସରବରାହ ସଂସ୍ଥା ପ୍ରତିଷ୍ଠାକୁ ୟୁନେସ୍କୋ ଅଧିବେଶନରେ ଅନୁମୋଦନ କରିଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 5 | | |
| | 7 | | | 8 | | | 3 | |
| | | | 5 | 4 | 7 | | | 8 |
| 9 | 6 | | | | | 1 | | |
| | | | 3 | | | 6 | 8 | 9 |
| | | 8 | | | 5 | 2 | | |
| | 4 | | | 9 | | | 1 | |
| 2 | 8 | | | | | | | |
| | | 6 | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 5 | 4 | 6 | 8 | 2 | 1 | 3 |
| 2 | 1 | 4 | 7 | 3 | 5 | 8 | 6 | 9 |
| 3 | 6 | 8 | 2 | 9 | 1 | 5 | 7 | 4 |
| 4 | 3 | 7 | 5 | 2 | 9 | 1 | 8 | 6 |
| 5 | 8 | 6 | 1 | 7 | 4 | 9 | 3 | 2 |
| 9 | 2 | 1 | 3 | 8 | 6 | 7 | 4 | 5 |
| 1 | 4 | 9 | 8 | 5 | 3 | 6 | 2 | 7 |
| 6 | 7 | 3 | 9 | 1 | 2 | 4 | 5 | 8 |
| 8 | 5 | 2 | 6 | 4 | 7 | 3 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବଙ୍କ ସୁରକ୍ଷା ଜଗତ ରକ୍ଷା

ମହାଶୟ,

ଈଶ୍ୱରଙ୍କ ସୃଷ୍ଟିରେ ବନ୍ୟପ୍ରାଣୀ ଏକ ଅଂଶବିଶେଷ। ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ବନ୍ୟପ୍ରାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ବର୍ତ୍ତମାନ ସମୟରେ ସେମାନଙ୍କ ଜୀବନ ସଙ୍କଟାପର୍ଣ୍ଣ ଅବସ୍ଥାରେ ଅଛି। ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ମନୁଷ୍ୟ ଜଙ୍ଗଲ କାଟୁଛି । ଫଳରେ ବାସସ୍ଥାନ ନଷ୍ଟ ହେବାରୁ ଜୀବଜନ୍ତୁ ଗ୍ରାମ ଏବଂ ସହରମୁହାଁ ହେଉଛନ୍ତି। ବିଶେଷକରି ଏବେ ହାତୀ, ବାଘ, ଭାଲୁ ପରି ଜନ୍ତୁମାନେ ପାହାଡ଼ ପାଖ ଗ୍ରାମକୁ ଆସୁଛନ୍ତି। ବନ୍ୟପ୍ରାଣୀଙ୍କ ଉପଯୁକ୍ତ ସୁରକ୍ଷା ନ ହେବାରୁ ଧୀରେ ଧୀରେ ଅନେକଙ୍କ ବଂଶ ଲୋପ ପାଇବାରେ ଲାଗିଛି । ଅନେକ ସମୟରେ ଦେଖାଯାଏ ପଶୁପକ୍ଷୀଙ୍କୁ ନିର୍ମମ ଭାବେ ଶିକାର କରି ତାଙ୍କର ମୂଲ୍ୟବାନ ଦାନ୍ତ, ଚମଡା,ପର, ଶିଙ୍ଗକୁ ବିକ୍ରି କରାଯାଉଛି । ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୟନ କରାଯାଇଛି। ଏହି ଆଇନ ଅନୁଯାୟୀ ବନ୍ୟପ୍ରାଣୀଙ୍କୁ ଶିକାର କରାଯାଇ ପାରିବ ନାହିଁ । କିନ୍ତୁ ଅବାଧରେ ଶିକାର ଚାଲିଛି। ହାତୀଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ 'ହାତୀ କରିଡର' କରାଯାଇଛି । ଅନେକ ସ୍ଥାନରେ ଅଭୟାରଣ୍ୟ, ଜୈବମଣ୍ଡଳ, ଚିଡ଼ିଆଖାନା କରାଯାଇ ବନ୍ୟପ୍ରାଣୀଙ୍କ ସୁରକ୍ଷା କରାଯାଉଛି । ପ୍ରତିବର୍ଷ ବିଭିନ୍ନ ସମୟରେ ଜୀବଜନ୍ତୁଙ୍କ ସଂଖ୍ୟା ମଧ୍ୟ ଗଣନା କରାଯାଇ ସମୀକ୍ଷା କରାଯାଉଛି । ଆସନ୍ତୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ମିଳିତ ଉଦ୍ୟମ କରିବା । ସେମାନେ ନିରୀହ ସତ କିନ୍ତୁ ନିରନ୍ତର ପ୍ରକୃତିର ରକ୍ଷକ। ସେମାନେ ଅଛନ୍ତି ବୋଲି ଆଜି ମାନବ ସଭ୍ୟତା ଅଛି । ନିଜର ପରପିଢ଼ିଙ୍କ ସୁରକ୍ଷା ପାଇଁ ଏବେଠାରୁ ସମସ୍ତେ ସଜାଗ ହେବା ଆବଶ୍ୟକ ।

**–ରାଜସ୍ମିତା ବାରିକ, ନୀଳଗିରି, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅନ୍ଧକାରେ ଗନ୍ଧ କା'ର
ଆସିଲା ଏଥି ଛୁଟି
ଚରଣ କା'ର କମଳ ସମ ଉଠିଲା ଫୁଟି !
ସନ୍ଧ୍ୟାପଥେ ଚରଣ ଚାଲି
ରୂପସୀ କେଉଁ ବାଳୀ
ଲୁଚାଏ ରୂପ ମୃତ୍ ପ୍ରଦୀପ ଜାଳି ।
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜିନତ୍ ଶାବକଙ୍କ ଅପେକ୍ଷାରେ ଶିମିଳିପାଳ



ମହାରାଷ୍ଟ୍ରରୁ ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟକୁ ୨୦୨୪ରେ ଅଣାଯାଇଥିବା ମହାବଳ ବାଘୁଣୀ ଜିନତ୍ ଉପରେ ରହିଛି ସମସ୍ତଙ୍କ ନଜର। କାରଣ କିଛିଦିନ ତଳେ ପିସିସିଏଫ୍ ପ୍ରେମ କୁମାର ଝା ଦେଇଥିବା ସୂଚନା ଅନୁଯାୟୀ, ଜିନତ୍ ମା' ହେବାକୁ ଯାଉଛି। ତା' ଠାରୁ ଜନ୍ମ ନେବାକୁ ଥିବା ଶାବକଙ୍କ ଅପେକ୍ଷାରେ ରହିଛି ଶିମିଳିପାଳ। ଜିନତ୍ ଛୁଆ ଜନ୍ମ ଦେଲେ ଶିମିଳିପାଳରେ ବଂଶ ବୃଦ୍ଧି ସାଙ୍ଗକୁ ମହାବଳ ବାଘର ଜେନେଟିକ୍‌ରେ ପରିବର୍ତ୍ତନକୁ ନେଇ ବିଭାଗ ଯେଉଁ ପ୍ରୟାସ ଚଳାଇଛି ତାହା ସଫଳ ହେବ। ଜିନତ୍ ମା' ହେବା ଖବର ଶୁଣି ପ୍ରାଣୀପ୍ରେମୀମାନେ ମଧ୍ୟ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

ଜିନତ୍‌କୁ ଶିମିଳିପାଳ ଜାତୀୟ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଛଡ଼ାଯିବାର ଇତିମଧ୍ୟରେ ଏକ ବର୍ଷ ପୂରିଗଲାଣି। ୨୦୨୪ ନଭେମ୍ବର ୨୪ରେ ଜିନତ୍‌କୁ ଏନ୍‌କ୍ଲୋଜରରୁ ଜଙ୍ଗଲ ମଧ୍ୟରେ ଛଡ଼ାଯାଇଥିଲା। ଏହି ସମୟ ମଧ୍ୟରେ ଜିନତ୍ ମା' ହେବା ଖବର ପ୍ରଚାର ହେବାପରେ ସବୁଠି ଆନନ୍ଦ ପ୍ରକାଶ ପାଇଥିଲା। ତେବେ ଜିନତ୍‌ର ଶାବକ ଜନ୍ମ ହୋଇଛି କି ନାହିଁ ତାହା ସମସ୍ତଙ୍କୁ ସନ୍ଦେହରେ ପକାଇଛି। ଅଦ୍ୟାବଧି ପ୍ରକଳ୍ପରେ ଲାଗିଥିବା କ୍ୟାମେରା ସମ୍ମୁଖରେ ଶାବକକୁ ଧରି ବୁଲୁ ଥିବା ଫଟୋ ଭିଡିଓ ଆସି ନ ଥିବାରୁ ଅନିଶ୍ଚିତତା ଦେଖାଦେଇଛି। ତେବେ ପୂର୍ବରୁ ଆସିଥିବା ବାଘୁଣୀ ଯମୁନା ଓ ଜିନତ୍‌କୁ ନେଇ ବିଭାଗ ପକ୍ଷରୁ ଅନେକ ଆଶା କରାଯାଇଛି। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ଜଙ୍ଗଲରୁ ଆଣି ଜିନତକୁ ଏନ୍‌କ୍ଲୋଜର ମଧ୍ୟରେ ରଖାଯିବାର ୧୦ଦିନ ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଛଡ଼ାଯାଇଥିଲା। ଉତ୍ତର ଡିଭିଜନରେ କିଛି ଦିନ ନିର୍ଭୟରେ ଘୂରିବୁଲିବା ପରେ ସେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ଜଙ୍ଗଲକୁ ପଳାଇଥିଲା। ସେଠାରୁ ଅଣାଯାଇ ପୁନର୍ବାର ଏନ୍‌କ୍ଲୋଜରକୁ ବୃଦ୍ଧି କରାଯାଇ ରଖାଯିବା ପରେ ୨୦୨୫ ଜାନୁଆରୀ ୧ରେ ତାକୁ ଜଙ୍ଗଲରେ ଛଡ଼ାଯାଇଥିଲା। ନିଜର ବାସସ୍ଥାନ ପାଇଁ ଜଙ୍ଗଲରେ ଘୁରିବୁଲିବା ସମୟରେ ଜୁନ ମାସରେ ଅଣ୍ଡିରା ବାଘ ସହିତ ତା'ର ସମ୍ପର୍କ ଗଢ଼ି ଉଠିଥିବା ପିସିସିଏଫ୍ ଝା ପ୍ରକାଶ କରିଥିଲେ। ମାତ୍ର ସମୟ ଅବଧି ଶେଷ ହୋଇଥିଲେ ସୁଦ୍ଧା ଜିନତ୍ ମା' ହେବା ଘଟଣାର ସତ୍ୟାସତ୍ୟ ବିଭାଗ ପକ୍ଷରୁ ଅବଗତ କରାଯାଇ ନାହିଁ। ତେବେ ଦୁଇ ବାଘୁଣୀ ପ୍ରତି ବିଭାଗ ସତର୍କତା ଅବଲମ୍ବନ କରିଥିବା ବେଳେ ଯମୁନା ଓ ଜିନତ୍‌କୁ ନେଇ କରାଯାଇଥିବା ମିଶନ ସଫଳ ହେବ ବୋଲି ପ୍ରାଣୀପ୍ରେମୀମାନେ ଆଶାବ୍ୟକ୍ତ କରିଛନ୍ତି।

ରିପୋର୍ଟ: **ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା



ମହାବଳ ବାଘୁଣୀ ଜିନତ୍

# ଆଦିବାସୀ ସଂସ୍କୃତିର ଅନ୍ୟତମ ବିଭବ: ଇଡିତାଲ



ଇଡିତାଲ ଚିତ୍ରକଳା

ଆଦିବାସୀ ସମାଜରେ ପ୍ରଚଳିତ ଚିତ୍ରକଳା ମଧ୍ୟରେ ସଉରା ସମାଜର ଇଡିତାଲ ଅନ୍ୟତମ। ଇଡିର ଅର୍ଥ ଚିତ୍ର ଓ ତାଲର ଅର୍ଥ କାନ୍ଥ। କାନ୍ଥ ଉପରେ ଚିତ୍ର ଅଙ୍କନ କରାଯାଉଥିବାରୁ ଏହାକୁ ଇଡିତାଲ କୁହାଯାଏ। ରାୟଗଡ଼ା ଜିଲା ପୁଟାସିଂ ଅଞ୍ଚଳରେ ବସବାସ କରୁଥିବା ସୌରାମାନେ ଚାଉଳ ପିଠଉରେ ସରୁ ବାଉଁଶ କାଠି ସାହାଯ୍ୟରେ ବିଭିନ୍ନ ଦେବଦେବୀଙ୍କୁ ଆବାହନକରି ଘରକାନ୍ଥରେ ଏହି ଝୋଟିଚିତ୍ର ଆଙ୍କିଥାନ୍ତି। ଘରର ପ୍ରତ୍ୟେକ ଶୁଭ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେମାନେ ଚିତ୍ରରେ ସ୍ଥାନିତ ଦେବଦେବୀଙ୍କୁ ପୂଜାକରି ଏବଂ ବଳିପକାଇ ସନ୍ତୁଷ୍ଟ କରିଥାନ୍ତି। ଏପରିକି କେହି ରୋଗରେ ପଡ଼ିଲେ ଆଦିବାସୀମାନେ ଇଡିତାଲକୁ ପୂଜାକରି ରୋଗୀର ଆରୋଗ୍ୟ କାମନା କରିଥାନ୍ତି। ଆଦିବାସୀ ଜନଜୀବନରେ ପ୍ରଚଳିତ ଏହି ଚିତ୍ରକଳା ପ୍ରାଚୀନ ଆଦିବାସୀ କଳା ସଂସ୍କୃତିର ଏକ ସନ୍ତକ ବୋଲି ଅନେକ ଚିତ୍ରପ୍ରେମୀ ମତ ଦିଅନ୍ତି।

ଆଦିବାସୀମାନେ ଦେବଦେବୀଙ୍କ ଭଳି ପିତୃପୁରୁଷଙ୍କୁ ମଧ୍ୟ ଯଥେଷ୍ଟ ସମ୍ମାନ ଦେଇଥାନ୍ତି। ପିତୃପୁରୁଷଙ୍କ ଅଲୌକିକ ଶକ୍ତି ରହିଛି, ସେମାନଙ୍କୁ ସ୍ମରଣକଲେ ଅର୍ଥାତ୍ ସେମାନଙ୍କୁ ଉକ୍ତ ଚିତ୍ରରେ ସ୍ଥାନିତକଲେ ଘରର ମଙ୍ଗଳ ହୁଏ ବୋଲି ସେମାନଙ୍କ ଧାରଣା ରହିଛି। ତେଣୁ ଇଡିତାଲରେ ପିତୃପୁରୁଷଙ୍କ ସାଙ୍କେତିକ ଚିତ୍ର ବେଶି ଦେଖିବାକୁ ମିଳିଥାଏ। ଆଦିବାସୀମାନେ ଇଡିତାଲ ମାଧ୍ୟମରେ ଦେବଦେବୀ ଓ ପିତୃପୁରୁଷଙ୍କୁ ପୂଜା କରୁଥିଲେ ମଧ୍ୟ ସେଥିରେ ପ୍ରତ୍ୟକ୍ଷ ଭାବେ କୌଣସି ଦେବଦେବୀଙ୍କ ଚିତ୍ର ଆଙ୍କି ନ ଥାନ୍ତି। ମୁଖ୍ୟତଃ ନିଜର ପ୍ରତ୍ୟକ୍ଷ ଅନୁଭୂତି ତଥା ଦୈନନ୍ଦିନ ଜୀବନ ପ୍ରଣାଳୀକୁ ସେଥିରେ ଚିତ୍ର ରୂପ ଦେଇ ପରୋକ୍ଷରେ ଦେବଦେବୀ ଓ ପିତୃପୁରୁଷଙ୍କୁ ଆବାହନକରି ପୂଜାକରିଥାନ୍ତି। ସଉରାଙ୍କ ମୁଖ୍ୟ ପୂଜକଙ୍କୁ କୁଡାଙ୍ଗନ୍ମା ଓ ମହିଳା ପୂଜକଙ୍କୁ କୁଣ୍ଡାବୋଇ କୁହାଯାଏ। ଇଡିତାଲ ଆଙ୍କିବା ପାଇଁ କୁଡାଙ୍ଗନ୍ମା ନିମନ୍ତ୍ରଣ ହୋଇ ଆସିଥାନ୍ତି। ଗ୍ରାମରେ ପ୍ରଥମେ କେହି ନୂଆଘର ତିଆରିକଲେ ପୂଜକଙ୍କୁ ନିମନ୍ତ୍ରଣକରି ଚିତ୍ର ଅଙ୍କନ କାର୍ଯ୍ୟ ଆରମ୍ଭ କରିବା ପରମ୍ପରା ଏବେ ବି ପ୍ରଚଳିତ ରହିଛି। ରାୟଗଡ଼ା ଜିଲାର ଗୁଣପୁର ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଆ ସୌରା ବସତି ଅଞ୍ଚଳ ମଧ୍ୟରୁ ଜଲତାର, ଟଲଣା, କୁଲୁସିଂ ଓ ଚିନାସାରି ପଞ୍ଚାୟତରେ ବିଲୁପ୍ତପ୍ରାୟ ଏହି ଚିତ୍ରକଳା ଏବେ କିଛି ମାତ୍ରାରେ ଦେଖିବାକୁ ମିଳୁଛି। ହେଲେ ପୁଟାସିଂ ଓ ଶଗଡ଼ା ଅଞ୍ଚଳରେ ବିଶେଷତଃ ଏହି ଚିତ୍ରକଳା ବହୁଳ ଭାବରେ ଦେଖାଯାଇଥାଏ। ଏହି ଚିତ୍ରକଳା ଅଙ୍କନର ବିଶେଷ ବିଧି ରହିଛି। ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏହି ଚିତ୍ରକଳା ଅଙ୍କନ କରାଯାଇଥାଏ। ସାଧାରଣତଃ ଫାଲ୍‌ଗୁନରୁ ବୈଶାଖ ମାସ ମଧ୍ୟରେ ଗୃହକର୍ତ୍ତା ନୂଆ ଘର ତିଆରି କରିଥାନ୍ତି। ଏହି ନୂଆ ଘରର କାନ୍ଥରେ ଇଡିତାଲ ଅଙ୍କିତ ହୋଇଥାଏ। ଚିତ୍ରର ଆକାର ମଧ୍ୟ ଭିନ୍ନଭିନ୍ନ ରହିଥାଏ। ପ୍ରଥମେ କାନ୍ଥ ଉପରେ ଏକ କୋଠି ଅଙ୍କନ କରାଯାଇ ତା'ଭିତରେ ଗଛଲତା, ଜୀବଜନ୍ତୁ, ମନୁଷ୍ୟ ଇତ୍ୟାଦିର ରେଖାଚିତ୍ର ଅଙ୍କା ଯାଇଥାଏ। କାନ୍ଥରେ ଚିତ୍ର ଅଙ୍କନ ହେଲା ପରେ ତାହାକୁ ପ୍ରତିଷ୍ଠା କରାଯାଏ। ଏହି ସମୟରେ ଚିତ୍ର ପାଖରେ କୁକୁଡ଼ା ବଳି ପଡ଼େ। ପରିବାରର ସମସ୍ତେ ଇଡିତାଲ ପ୍ରତିଷ୍ଠା ବେଳେ ମଦ ପିଇ ମତୁଆଲା ହୋଇ ନାଚଗୀତରେ ମସ୍‌ଗୁଲ ରହିଥାନ୍ତି। ବର୍ଷର ବିଭିନ୍ନ ସମୟରେ ଅମଳ ହେଉଥିବା ଫଳ, ଫସଲ ଓ ନୂଆ ପରିବା ପ୍ରଥମେ ଘରକୁ ଆସିଲେ ଚିତ୍ର ପାଖରେ ତାହାକୁ ଅର୍ପଣକରି ପରେ ସମସ୍ତେ ଖାଇଥାନ୍ତି।

ଇଡିତାଲ ଚିତ୍ରକଳା ହେଉଛି ରେଖା ପ୍ରଧାନ। ସମସ୍ତ ଚିତ୍ରକଳାର ମୌଳିକ ରୂପ ଯେପରି ବିନ୍ଦୁ, ରେଖା ଓ ବୃତ୍ତ ଦ୍ୱାରା ନିୟନ୍ତ୍ରିତ। ଗବେଷକମାନେ ମତ ଦିଅନ୍ତି, ଇଡିତାଲର ମୁଖ୍ୟ ନିୟମ ହେଉଛି ଏହାର ପରିଧି ଚିତ୍ର। ଅଧିକାଂଶ ଚିତ୍ର ବର୍ଗାଗାର, ଆୟତାକାର, ତ୍ରିଭୁଜ ଓ ଗୋଲାକାର କ୍ଷେତ୍ରରେ ହୋଇଥାଏ। ଜୀବଜନ୍ତୁଙ୍କ ମଧ୍ୟରେ ହାତୀ, ଘୋଡ଼ା, ମାଙ୍କଡ଼, ଛେଳି, ହରିଣ, ବଳଦ, ଗାଈ, ବାଘଠାରୁ ଆରମ୍ଭକରି ବିଭିନ୍ନ ପକ୍ଷୀ ଯଥା ମୟୂର,ପାରା, ହଂସ ସହ ବିଭିନ୍ନ ପ୍ରକାର ସରୀସୃପ ସାପ, ବେଙ୍ଗ, ଝିଟିପିଟି ଇତ୍ୟାଦିର ଚିତ୍ର ଦେଖିବାକୁ ମିଳେ। ଏସବୁ ଚିତ୍ରକୁ ମଧ୍ୟ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରାଯାଇଥାଏ। ଆଜିକାଲି ଏଥିରେ ଆଧୁନିକତାର ସ୍ପର୍ଶ ଦେଖିବାକୁ ମିଳିଲାଣି। ବିଶେଷତଃ ବସ୍, ସାଇକେଲ, ରେଳଗାଡ଼ି ଓ ଉଡ଼ାଜାହାଜ ଆଦି ଚିତ୍ର ଇଡିତାଲରେ ସ୍ଥାନ ପାଉଥିବା ଲକ୍ଷ୍ୟ କରାଯାଉଛି। ଏହିପରି ଏକ ଅନନ୍ୟ ଚିତ୍ରକଳାକୁ ପ୍ରଚାର ଓ ପ୍ରସାର କରିବାରେ ଲାଞ୍ଜିଆ ସୌରା ଅଞ୍ଚଳର ଲକ୍ଷ୍ମଣ ଶବରଙ୍କ ଭୂମିକା ବହୁ ଗୁରୁତ୍ୱ ବହନ କରେ। ସେ ଏହି ଚିତ୍ରକଳାର ପ୍ରଚାର ଓ ପ୍ରସାର ପାଇଁ ଯଥେଷ୍ଟ ଉଦ୍ୟମ ଚାଲୁ ରଖିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ ଏହି ଚିତ୍ରକଳା ଶୋଭା ବର୍ଦ୍ଧନ କରୁଛି। ବିଭିନ୍ନ ପ୍ରଦର୍ଶନୀ ଏବଂ ଚିତ୍ରକଳା ପ୍ରଦର୍ଶନୀରେ ମଧ୍ୟ ଏହି କଳାକୁ ପ୍ରଦର୍ଶନ କରାଯାଉଛି।

ରିପୋର୍ଟ: **ପ୍ରଦୀପ କୁମାର ପାଢ଼ୀ**, ଗୁଣୁପୁର






## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିରରେ ନୂତନ ପରିଚାଳନା କମିଟି ଗଠିତ

ଜି.ଉଦୟଗିରି,୨୩।୧୧ (ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

ଜି.ଉଦୟଗିରି ସ୍ଥିତ ଜଗନ୍ନାଥ ମନ୍ଦିରର ପରିଚାଳନା ନିମନ୍ତେ ଆଗାମୀ ୩ବର୍ଷ ପାଇଁ ନୂତନ କମିଟି ଗଠନ ହୋଇଛି। ସଭାପତି ବିନୋଦ ବିହାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ବରିଷ୍ଠ ସଭ୍ୟ କେ.ରାମରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ଉପସ୍ଥିତ ଗ୍ରାମବାସୀଙ୍କ ସହମତି କ୍ରମେ ସଭାପତି ଭାବେ ସମୀର ପାଢ଼ୀ, ଉପ ସଭାପତି ଭାବେ ସଞ୍ଜୟ ଆଚାର୍ଯ୍ୟ, ସମ୍ପାଦକ ଭାବେ ଅରୁଣ ଷଡ଼ଙ୍ଗୀ, ସହ ସମ୍ପାଦକ ଲକ୍ଷ୍ମଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାବେ ଗଣେଶ ପାଢ଼ୀ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀଣୀ ସଭ୍ୟ ଭାବେ ଅଶ୍ୱିନୀ ପାତ୍ର, ସଂଜୟ ସୁବୁଦ୍ଧି, ହେମନ୍ତ ପାଣିଗ୍ରାହୀ, ପ୍ରଶାନ୍ତ ମୁନି, ପିତାମ୍ବର ସାହୁ, ଅଜିତ ପଣ୍ଡା ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ପୂର୍ବତନ ସଭାପତି ବିନୋଦ ବିହାରୀ ଦାଶ, ରାଜେନ୍ଦ୍ର ମହାପାତ୍ର, କେ.ରାମରାଓ ପାତ୍ର, କାଳୁ ଚରଣ ପଣ୍ଡା, ଅଶୋକ ପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି।

### ପିପୁଲ୍ଲି ହାଇସ୍କୁଲରେ ଏନ୍‌ସିସି ଦିବସ

ବୁଗୁଡା,୨୩।୧୧(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ଲି ହାଇସ୍କୁଲ ଏନସିସି ୱିଙ୍ଗ୍ ପକ୍ଷରୁ ୭୭ତମ ଏନ୍‌ସିସି ଦିବସ ପାଳିତ ହୋଇଛି। ଏନସିସି ଶିକ୍ଷକ ପ୍ରଶାନ୍ତ କୁମାର ଗୌଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ ଯୋଗ ଦେଇ ଏନସିସି ପତାକା ଉତ୍ତୋଳନ ସାଙ୍ଗକୁ କ୍ୟାଡେଟମାନଙ୍କ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ କ୍ରୀଡା ଶିକ୍ଷକ ବିଶ୍ୱେଶ୍ୱର ଗିରି, ଶିକ୍ଷୟତ୍ରୀ ଉଷାରାଣୀ ସିଂ ଯୋଗ ଦେଇ ଏନସିସି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

### ପୋଖରୀରୁ ମିଳିଲା ନିଖୋଜ ମଇଁଷି ଚରାଳିଙ୍କ ମୃତଦେହ

ଖଲ୍ଲିକୋଟ,୨୩।୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଣିଆ ଗ୍ରାମର କୈଳାଶ ଗୌଡ଼ (୪୫) ପ୍ରାୟ ୫୦ଟି ମଇଁଷି ପାଳନ କରୁଥିଲେ। ଶନିବାର ୧୦ ଟାରେ କୈଳାଶ ମଇଁଷି ପଲ ଚରେଇବା ପାଇଁ ବାଣିଆ ନିକଟସ୍ଥ ଖାରିଣୀପଡ଼ା ଗ୍ରାମକୁ ଯାଇଥିଲେ। ଦିନ ୧୨ ଟା ପରେ ମଇଁଷି ମାନେ ସେଠାରେ ଚରୁଥିବା ବେଳେ କୈଳାଶଙ୍କ ଦେଖା ନ ଥିଲା। ଏହା ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ଖାଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲା। ଖବର ପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ନିକଟରେ ଥିବା ଏକ ଦଳ ଦଳିଆ ପୋଖରୀରେ ଖାଜି ଥିଲେ ମଧ ସନ୍ଧାନ ନ ପାଇ ଫେରି ଯାଇଥିଲେ। ନିରାଶ ହୋଇ କୈଳାଶଙ୍କ ପତ୍ନୀ ବନିତା ଗୌଡ଼ ରବିବାର ଖଲ୍ଲିକୋଟ ଥାନାରେ ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ ଏତଲା ଦେଇଥିଲେ। ରବିବାର ମଧ୍ୟାହ୍ନରେ ପୁଣି ଅଗ୍ନିଶମ ବାହିନୀ ପୋଖରୀରେ ରବର ବୋଟ ଦ୍ୱାରା ଖୋଜାଖୋଜି କରିବା ପରେ କୈଳାଶ ଗୌଡ଼ଙ୍କ ମୃତଦେହ ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

### ବିଦ୍ୟାଳୟସ୍ତରୀୟ ନୈତିକ ଶିକ୍ଷା, ଯୋଗ ଶିବିର

ଗୋସାଣୀ,୨୩।୧୧ (ଗଣେଶ ପାତ୍ର)

ଗୋଷାଣି ବ୍ଲକ ଉପଲଡା ଗ୍ରାମସ୍ଥିତ ସରକାରୀ ଟାଗୋର ମେମୋରିଆଲ ହାଇସ୍କୁଲ ପରିସରରେ ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଦ୍ୟାଳୟସ୍ତରୀୟ ନୈତିକ ଶିକ୍ଷା ଓ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ସ୍ୱାମୀ ରାମଶରଣାନନ୍ଦ ସରସତୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗଗୁରୁ ରାମାୟ୍ୟା ପାଶୁପୁରେଡ଼ି, ଦିବ୍ୟଜୀବନ ସଂଘ କର୍ମକର୍ତ୍ତା ବି.ବୃନ୍ଦାବନ ରାଓ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ନୈତିକ ମୂଲ୍ୟବୋଧ ସହ ଶରୀର ଓ ମନର ସୁସ୍ଥତା ପାଇଁ ବିଭିନ୍ନ ଶିକ୍ଷଣ କଥା କହିଥିଲେ। ପ୍ରଧାନଶିକ୍ଷକ ଧର୍ମାରାଓ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୈତିକ ମୂଲ୍ୟବୋଧ, ପରୋପକାର, ଭଲ ଆଚରଣ, ବ୍ୟବହାରର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶିକ୍ଷକ ବିଷ୍ଣୁପ୍ରସାଦ, ବିଜୟ ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଧାନ ନଷ୍ଟ ହେବା ଚିନ୍ତାରେ ଚାଷୀ

ପାରଳାଖେମୁଣ୍ଡି,୨୩।୧୧ (ଗିରିଧାରୀ ପରିଚ୍ଛା)

**ଧାନ ଅମଳ କରି ଗଦାଇ ରଖିଛନ୍ତି ଚାଷୀ**




ଚାଷୀଙ୍କୁ ଘାରିଛି ପୁଣି ବାତ୍ୟା ଭୟ। ପାଣିପାଗ ବିଭାଗର ସୂଚନା ଅନୁସାରେ ଦକ୍ଷିଣ ଓଡିଶା ଉପକୁଳବର୍ତ୍ତୀ ଅଞ୍ଚଳରେ ବର୍ଷାର ସମ୍ଭାବନାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଏହି ବାତ୍ୟା ଯୋଗୁ ସୃଷ୍ଟି ହେବାକୁ ଥିବା ଲଘୁଚାପଜନିତ ବର୍ଷା ଗଜପତି ଜିଲାରେ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ କ୍ଷେତରେ ଧାନପାଚି ଠିଆ ହୋଇ ରହିଛି। ତାକୁ କିପରି ସୁରକ୍ଷା ଦେବେ ସେଥିନେଇ ଚାଷୀମାନେ ତରତର ହୋଇ ଅମଳ କରିବାରେ ବ୍ୟସ୍ତ ଅଛନ୍ତି। ଯଦି ବର୍ଷା ହୁଏ ତେବେ ଧାନ ବେରଙ୍ଗି ହେବା ସହ ଅଧିକ ବର୍ଷା ହେଲେ ଗଜା ହୋଇଯିବ। ପୂର୍ବରୁ ଗତମାସରେ ଦୁଇଟି ଲଘୁଚାପ ବର୍ଷାରେ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଜିଲାରେ ୩୦ପ୍ରତିଶତ ଧାନ ଓ ପନିପରିବା ନଷ୍ଟ ହୋଇଥିଲା। ଏବେ ପୁଣି ବାତ୍ୟା, ବର୍ଷା ହେଲେ ଯାହା ଧାନ ବଞ୍ଚିଛି ସେସବୁ ଉଜୁଡିଯିବା ଆଶଙ୍କାରେ ଚାଷୀଙ୍କ ଆଖିକୁ ନିଦ ନାହିଁ।

ଅନ୍ୟପକ୍ଷରେ ସାଧାରଣତଃ ଅକ୍ଟୋବର ମାସ ଶେଷ ସପ୍ତାହ ସୁଦ୍ଧା ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ସରିଯାଇଥାଏ। ଉକ୍ତ ବୈଠକରେ ଜିଲାରେ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ କରାଯାଏ। ବୈଠକ ପୂର୍ବରୁ ଧାନ ବିକ୍ରି ପାଇଁ ଯୋଗ୍ୟ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହେଉଥିଲା। ମାତ୍ର ଏଥର ତାହା ହୋଇ ନ ଥିଲା। ଚଳିତ ମାସ ୨୫ ତାରିଖରେ ଜିଲା ପ୍ରଶାସନ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିବ।

# ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୪ ଆହତ

କବିସୂର୍ଯ୍ୟନଗର,୨୩।୧୧ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଥାନା ନନ୍ଦିଆଗଡ଼ା ପଞ୍ଚାୟତର ହିଣ୍ଡଳ ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ଗୋଷ୍ଠୀର ୪ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସଦାଶିବ ପରିଡ଼ାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ପରିବାର ଲୋକେ ଆସିକା ମେଡିକାଲ ନେଇଥିଲେ। ମାତ୍ର ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୩ ଆହତ କବିସୂର୍ଯ୍ୟ ନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡିଛି। ସେମାନେ ହେଲେ ସୁରଜ ପୋଲାଇ, ସଞ୍ଜୟ ପୋଲାଇ ଓ ନୀଳାଞ୍ଚଳ ସ୍ୱାଇଁ।

କିଛି ଦିନ ତଳେ ହିଣ୍ଡଳ ଗ୍ରାମର ଟୁଲୁ ବିଷୋୟୀଙ୍କୁ କବିସୂର୍ଯ୍ୟନଗରରେ କେତେ ଜଣ ଯୁବକ କୌଣସି କାରଣରୁ ଆକ୍ରମଣ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଶନିବାର ହିଣ୍ଡଳ ଗ୍ରାମର ଜଣେ ଯୁବକଙ୍କୁ ନନ୍ଦିଆଗଡ଼ରେ କେତେ ଜଣ ଯୁବକ ଆକ୍ରମଣ କରିଥିଲେ। ଏହି ଖବର ଜାଣିବା ପରେ ହିଣ୍ଡଳ ଗାଁର ସୁରଜ, ସଞ୍ଜୟ ଓ ନୀଳାଞ୍ଚଳ ନନ୍ଦିଆଗଡ଼ାକୁ ଯାଇ ତାଙ୍କୁ ଉଦ୍ଧାର କରି ଆଣିଥିଲେ। ଏହି ସମୟରେ ଆକ୍ରମଣ ପ୍ରତି ଆକ୍ରମଣରେ ଉଭୟ ଗୋଷ୍ଠୀର ୪ଜଣ ଆହତ ହୋଇଥିଲେ। ତେବେ ଏନେଇ ଟୁଲୁ ବିଷୋୟୀଙ୍କ ଏତଲାକୁ ଭିତ୍ତିକରି କବିସୂର୍ଯ୍ୟନଗର ପୋଲିସ ନଂ. ୭୯୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କେତେ ଜଣଙ୍କୁ ପୋଲିସ ପଚରାଉଚରା କରିଛି।

# ଟାକରଡ଼ାରେ ଭାଜପାର ମିଶ୍ରଣ ପର୍ବ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ ।

ବୁଗୁଡ଼ା,୨୩।୧୧(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଟାକରଡା ଗ୍ରାମରେ ରବିବାର ଭାଜପା ପକ୍ଷରୁ କର୍ମୀ ସମ୍ମିଳନୀ ଓ ଟାକରଡା ଏବଂ ଭଗବାନପୁର ପଞ୍ଚାୟତର ବିଜେଡି କର୍ମୀଙ୍କୁ ନେଇ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଟାକରଡା ସରପଞ୍ଚ ଦିଲ୍ଲୀପ ପ୍ରଧାନଙ୍କ ତତ୍ତ୍ୱାବଧାନ ଓ କରଚୁଲୀ ମଣ୍ଡଳ ଭାଜପା ସଭାପତି ସୁନୀଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ନେବାପାଇଁ ଉତ୍ସାହିତ କରି ସଂଗଠନକୁ ସୁଦୃଢ଼ କରିବା ଆହ୍ୱାନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହେଇ ଗଙ୍ଗାଧର ନାୟକଙ୍କ ନେତୃତ୍ୱରେ ବିଜେଡ଼ି ଛାଡି ଭାଜପାରେ ସାମିଲ ହୋଇଥିବା ଟାକରଡା ଗ୍ରାମର ୱାର୍ଡ ମେମ୍ବର ପଞ୍ଚାନନ ପ୍ରଧାନ ଓ ପ୍ରଫୁଲ ସେଠୀ ଏବଂ ଭଗବାନପୁର ପଞ୍ଚାୟତର ଶ୍ରୀନିବାସ ପ୍ରଧାନ, ପ୍ରତାପ ଚନ୍ଦ୍ର ସାହୁ, ଶଙ୍କର୍ଷଣ ପ୍ରଧାନ, ସହଦେବ ସେଠୀ, ସନ୍ତୋଷ କୁମାର ପ୍ରଧାନ, ଉଦୟ ମୂଳୀ, ଅଭିମନ୍ୟୁ ବେହେରା, ବିଜୟ ମୂଳୀ, ଭରୀ ମୂଳୀ, ମନ୍ଦୋଦରୀ ବେହେରା, ଚିତ୍ରସେନ ଗୌଡ଼, ବାଦଲ ମୂଳୀ ସମେତ ଅନ୍ୟ କର୍ମୀମାନଙ୍କୁ ମନ୍ତ୍ରୀ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କେ. ନିଳମାଧବ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ନଗର ସଭାପତି କେଦାରନାଥ ମହାରଣା, ଜୟନ୍ତୀ ପଢିଆରୀ, ହରିକୃଷ୍ଣ ସାହୁ, ସଞ୍ଜିବ ପାତ୍ର, ସୁନୀଲ ପାଢ଼ୀ, ବାଲିପଦର ମଣ୍ଡଳ ସଭାପତି ଭଗବାନ ଜେନା, ଗୌର ପ୍ରଧାନ, ଶ୍ରୀହର୍ଷ ପ୍ରଧାନ, ସୁଶାନ୍ତ କୁମାର ରାଉତଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା, କର୍ମୀ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ଆକ୍ରମଣ, ପ୍ରତିଆକ୍ରମଣ ଘଟଣା, ୩ ଗିରଫ

ଗୋପାଳପୁର,୨୩।୧୧(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଧିନସ୍ଥ ଡୁରା ଓ ପଥରା ଗ୍ରାମର ଦଳିତ ସାହି ମଧ୍ୟରେ ଗତ ୨୦ ତାରିଖ ସନ୍ଧ୍ୟାରେ ହୋଇଥିବା ଆକ୍ରମଣ ପ୍ରତିଆକ୍ରମଣ ଘଟଣାରେ ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଥରା ଦଳିତ ସାହିର ବିଭୂତି ଭୂଷଣ ଦାସ (୨୧), ସଞ୍ଜୟ ଦାସ (୨୧) ଓ ସିଲୁ ଦାସ (୨୦)। ଅଭିଯୁକ୍ତମାନେ ଘଟଣା ବେଳେ ବ୍ୟବହାର କରିଥିବା ଇଟା, ପଥର, ଠେଙ୍ଗାକୁ ପୋଲିସ ଜବତ କରିଛି।

ଡୁରା ଓ ପଥରା ଦଳିତ ସାହି ମଧ୍ୟରେ ଦୀର୍ଘ ବର୍ଷ ହେଲା ବାଦବିବାଦ ଲାଗି ରହିଛି। ଗତ ଗୁରୁବାର ସନ୍ଧ୍ୟାରେ ଡୁରା ଦଳିତ ସାହିର ୭ ଯୁବକ କାମ କରି ଘରକୁ ଫେରୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପଥରା ଦଳିତ ସାହିର ୧୦ରୁ ଊର୍ଦ୍ଧ୍ୱ ଯୁବକ ସେମାନଙ୍କୁ ଗାଳି ଗୁଲଜ କରି ଇଟା, ପଥର ଠେଙ୍ଗାରେ ଆକ୍ରମଣ କରିଥିଲେ। ଆକ୍ରମଣ ଓ ପ୍ରତି ଆକ୍ରମଣ ଯୋଗୁ କିଛି ସମୟ ପାଇଁ ଗୋପାଳପୁର –ବ୍ରହ୍ମପୁର ମୁଖ୍ୟରାସ୍ତା ରଣକ୍ଷେତ୍ର ପାଲଟି ଯାଇଥିଲା। ଏଥିରେ ଡୁରା ଦଳିତ ସାହିର ୪/୫ ଜଣ ଆହତ ହୋଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏ ନେଇ ପ୍ରମିଳା ଦାସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୪୦୬/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟପଟେ ପଥରା ଦଳିତ ସାହି ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

## ଓଷ୍ଟାର ବୁଗୁଡ଼ା ବ୍ଲକସ୍ତରୀୟ ଶିଶୁ ଉତ୍ସବ

ବୁଗୁଡ଼ା,୨୩।୧୧(କାଳିଚରଣ ଦାଶ)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବ୍ଲକ ଓଷ୍ଟା ସଭାପତି ପ୍ରଶାନ୍ତ କୁମାର ଗୌଡଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର କୃତିବାସ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅଲଓଷ୍ଟାର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଓଷ୍ଟା ଜିଲା ସଭାପତି ସନ୍ତୋଷ କୁମାର ଜେନା, ଅଧାପକ ବିଭୂତି ଭୂଷଣ ମିଶ୍ର, ଓଷ୍ଟା ଜିଲା ଉପଦେଷ୍ଟା ପ୍ରଭାତ କୁମାର ଦାସ, ଜିଲା ସମ୍ପାଦକ ବିଜୟ କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ, ସମାଜସେବୀ ବଂଶୀଧର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ଚନ୍ଦ୍ର ମହାରଣା, ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବହୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାହ୍ନୁ ଚରଣ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ ପାଠ କରିଥିଲା ବେଳେ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାକ୍ଟର ଓଲଟି ଛାତ୍ରଙ୍କ ମୃତ୍ୟୁ

*ଦିଗପହଣ୍ଡି,୨୩।୧୧(ଅଶେଷ ନାଥ ମିଶ୍ର)*

ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ସମାସିଙ୍ଗି ଗ୍ରାମ ନିକଟ ବାହୁଦା ନଦୀ ପଠାରେ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି ୦୭ ଏଡି –୧୫୯୦) ରବିବାର ସକାଳ ୬ଟାରେ ଓଲଟି ପଡ଼ିବାରୁ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭ୍ରମରପୁର ଗ୍ରାମ ଦଳିତ ସାହିର ପ୍ରଫୁଲ୍ଲ ନାଇକଙ୍କ ପୁଅ ପ୍ରକାଶ (୧୦)। ଗ୍ରାମର ରବୀନ୍ଦ୍ର ସାହୁଙ୍କ ଟ୍ରାକ୍ଟରରେ ପ୍ରକାଶ କିଛି ଦିନ ହେଲା କାମ କରୁଥିଲେ। ରବିବାର ସକାଳେ ଅନ୍ୟମାନଙ୍କ ସହ ବାଲି ଉତ୍ତୋଳନ ପାଇଁ ନଦୀପଠାକୁ ଯାଇଥିଲେ। ସେଠାରେ ବାଲି ଲୋଡ ହେବା ପରେ ଟ୍ରାକ୍ଟରଟି ହିଡ଼କୁ ଉଠୁଥିବା ବେଳେ ଓଲଟି ପଡ଼ିଥିଲା। ଟ୍ରାକ୍ଟରରେ ବସିଥିବା ପ୍ରକାଶ ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ କେ.ନୂଆଗାଁ ପୋଲିସ ଭ୍ରମରପୁର ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶଙ୍କ ପରିବାର ଅତି ଗରିବ। ଦିନ ମଜୁରିଆ ଭାବେ କାମ କରନ୍ତି। ତାଙ୍କ ବାପା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ଏହି ଖବର ପାଇ ଦିଗପହଣ୍ଡି ତହସିଲଦାର ସନ୍ତୋଷ ସାହୁ ପ୍ରକାଶଙ୍କ ପରିବାରବର୍ଗଙ୍କୁ ଭେଟି ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

# ମିଳିଲାନି ଆବଶ୍ୟକ ଜମି, ଫେରିଯିବ ଟଙ୍କା

ଜି.ଉଦୟଗିରି,୨୩।୧୧ (ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

**ଶେଷ ପର୍ଯ୍ୟାୟରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ**



କନ୍ଧମାଳ ଜିଲାର ଜି.ଉଦୟଗିରି ପରି ଏକ ପୁରୁଣା ସହରରେ ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷିତ ଯାତ୍ରା ନିମନ୍ତେ ବସଷ୍ଟାଣ୍ଡଟିଏ ନ ରହିବା ପରିତାପର ବିଷୟ ଥିଲା। ଅଞ୍ଚଳବାସୀଙ୍କ ଦାବି ପରେ ୨୦୨୪ ମାର୍ଚ୍ଚରେ ତତକାଳୀନ ରାଜ୍ୟ ସରକାର ଶ୍ରୀରାମପଦାଠାରେ ଆମ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିଲେ। ସରକାରଙ୍କ ନିର୍ଦ୍ଦେଶରେ ପରିବହନ ବିଭାଗ ଅଧୀନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୯ କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପରିଷଦ ଅନ୍ତର୍ଗତ ଶ୍ରୀରାମପଦାଠାରେ ୩ ଏକର ଜମିରେ ସମସ୍ତ ସୁବିଧା ଥାଇ ଏକ ଆଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା। ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୋଲିସ ହାଉସିଂ କର୍ପୋରେଶନକୁ ଦାୟିତ୍ୱ ଦେଇ ଅର୍ଥ ମଞ୍ଜୁର କଲେ। କିନ୍ତୁ ରାଜସ୍ୱ ବିଭାଗ ଏଥିପାଇଁ ୩ ଏକର ପରିବର୍ତ୍ତେ ମାତ୍ର ୧.୬୦ ଏକର ଜାଗା ପ୍ରଦାନ କଲା, ଫଳରେ ପୂର୍ଣ୍ଣାଙ୍ଗ ବସଷ୍ଟାଣ୍ଡ ନିର୍ମାଣ ସମ୍ଭବ ହେଲା ନାହିଁ। ୩ ଏକର ଜାଗାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ହୋଇଥିବା ଡିପିଆରକୁ ପରିବର୍ତ୍ତନ କରି ୧.୬୦ ଏକର ଜାଗା ପାଇଁ ନୂତନ ଡିପିଆର ପ୍ରସ୍ତୁତ କରାଯାଇ ନିର୍ମାଣ କାମ କରାଗଲା। ରାଜ୍ୟ ପରିବହନ ବିଭାଗ ଓ ରାଜସ୍ୱ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ ଜାଗା ନ ମିଳିବାରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆସିଥିବା ଟଙ୍କାରୁ ୩ କୋଟି ଟଙ୍କା ଫେରିଯିବାକୁ ବସିଲାଣି। ଯାହା ଜାଗା ମିଳିଲା ସେଥିରେ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ବର୍ତ୍ତମାନ ନିର୍ମିତ ବସଷ୍ଟାଣ୍ଡରେ ବସ ରହିବା ପାଇଁ ଆବଶ୍ୟକ ସ୍ଥାନ ନାହିଁ। କେବଳ ଗୋଟିଏ ବ୍ୟବସାୟ ମଣ୍ଡିପରି ହୋଇଛି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ବସଷ୍ଟାଣ୍ଡ ପାଇଁ ଆବଶ୍ୟକ ଜମି ଯୋଗାଇ ଏକ ପୂର୍ଣ୍ଣାଙ୍ଗ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଗଲାଣି। ପୂର୍ବ ସରକାର ଅମଳରେ ଏହି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଯୋଗୁ ଏହି ସରକାର ଅମଳରେ ଆବଶ୍ୟକ ଜାଗା ନେଇ ପ୍ରତିବନ୍ଧକ ଦେଖାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ତୁରନ୍ତ ଆବଶ୍ୟକ ଜାଗା ଯୋଗାଇ ବସଷ୍ଟାଣ୍ଡ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।

# ରେଳ ଉପଭୋକ୍ତା କଲ୍ୟାଣ ସଂଘର ଦାବିପତ୍ର ପ୍ରଦାନ

ଛତ୍ରପୁର,୨୩।୧୧(ଦିଲୀପ ସାମଲ)

ରେଳ ଷ୍ଟେଶନର ବିକାଶ ଓ ଯାତ୍ରୀଙ୍କ ବିଭିନ୍ନ ସୁବିଧା ନିମନ୍ତେ ଛତ୍ରପୁର ରେଳ ଉପଭୋକ୍ତା କଲ୍ୟାଣ ସଂଘ ପକ୍ଷରୁ ଦାବି ଜୋର ଧରିଛି। ଜିଲାର ସଦର ମହକୁମା ଛତ୍ରପୁର ସହର ହୋଇଥିଲେ ସୁଦ୍ଧା ରେଳ ଷ୍ଟେଶନରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। ଏହାର ପ୍ରତିବାଦରେ ରବିବାର ନାଗୁଲୁପେଟାସ୍ଥିତ ରେଳ ଫାଟକ ନିକଟରେ ଛତ୍ରପୁର ରେଳ ଉପଭୋକ୍ତା କଲ୍ୟାଣ ସଂଘର କାର୍ଯ୍ୟକାରୀ ସଭାପତି ସିଏଚ. ମହେଶ୍ୱର ରାଓ ଓ ସଂପାଦକ ପି.ଭେଙ୍କଟ ପ୍ରସାଦ ଙ୍କ ନେତୃତ୍ୱ ସୀତାରାମପଲ୍ଲୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ପ୍ରତିବାଦ କରିବା ସହିତ ବିଭିନ୍ନ ଦାବି ସମ୍ପର୍କିତ ପତ୍ର ରେଳ ଷ୍ଟେଶନ ମ୍ୟାନେଜରଙ୍କୁ ପ୍ରଦାନ କରିଛନ୍ତି।




ସଂଘ ପକ୍ଷରୁ ଏକାଠି ହୋଇଥିବା ସଦସ୍ୟମାନେ।

ଦାବି ମଧ୍ୟରେ ବନ୍ଦ ହୋଇ ରହିଥିବା ବାଲି ଗେଟ ନଂ ୫୮୦/୫ କୁ ତୁରନ୍ତ ଖୋଲିବା,କୋର୍ଟ ଷ୍ଟେଶନରେ ପଡି ରହିଥିବା ଅଳିଆ ଆବର୍ଜନା ସଫେଇ କରିବା, ଅଚଳ ହୋଇ ରହିଥିବା ୨ଟି ନଳ କୂପକୁ କାର୍ଯ୍ୟକ୍ଷମ କରିବା, ପ୍ଲାଟଫର୍ମରେ ଅଧାପନ୍ତରିଆ ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା, ଟିକେଟ ଘରର ନଷ୍ଟ ହୋଇ ପଡ଼ିଥିବା ଝରକା ଓ କବାଟ ମରାମତି କରିବା, ଯାତ୍ରୀଙ୍କ ସୁବିଧା ନିମନ୍ତେ ପଲାସା–କଟକ ମେମୋ ଗାଡିରେ ଡବା ସଂଖ୍ୟା ବୃଦ୍ଧି କରିବା ଆଦି ରହିଛି।

# ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା




ଅତିଥି ଓ ଅଧିକାରୀଙ୍କ ଗହଣରେ ସମ୍ମାନିତ ହୋଇଥିବା ଚାଷୀମାନେ।

ଖଲ୍ଲିକୋଟ,୨୩।୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଟାଉନ ସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ ଖେଳ ପଡ଼ିଆରେ ରବିବାର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଚାଷୀ ମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ବିଭିନ୍ନ ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରଦର୍ଶନ କରାଯିବା ସହ ଚାଷୀ ବିଶେଷଜ୍ଞମାନଙ୍କୁ ନେଇ ଆଲୋଚନା ଚକ୍ର କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରତିନିଧି ଯଜ୍ଞ ନାରାୟଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଡ଼ିଓ ଦେବାଶିଷ ସାମଲ, ଅନିଲ କୁମାର ପଣ୍ଡା, ଅରୁଣ କୁମାର ଖୁଣ୍ଟିଆ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସଫଳ ଚାଷୀ ମାନଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# କେଏସୟୁବି କଲେଜର ଗର୍ବ, ଗୌରବ ଏନ୍‌ସିସି କ୍ୟାଡେଟ

ଭଞ୍ଜନଗର,୨୩।୧୧(ବାବୁଲା ପ୍ରଧାନ)




ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଏନ୍‌ସିସି ଆର୍ମି ୱିଙ୍ଗ ଏବଂ ନାଭାଲ ୱିଙ୍ଗ ପକ୍ଷରୁ ରବିବାର ଏନ୍‌ସିସି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ଏନ୍‌ସିସି ପତାକା ଉତ୍ତୋଳନ କରି ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ଏକ ସଭା ହୋଇଥିଲା। ସଭାରେ ତନରଡ଼ା ଆଇଆର୍‌ବି ୮ମ ସ୍ୱତନ୍ତ୍ର ବାଟାଲିୟନ କମାଣ୍ଡିଂ ଅଫିସର୍ ସୁଧାକର ମିଶ୍ର ମୁଖ୍ୟ ଅତିଥି ଏବଂ ଡେପୁଟି କମାଣ୍ଡାଣ୍ଟ ଲଳିତ କୁମାର ବାଗ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ପୂର୍ବତନ ନାଭାଲ ଅଫିସର ଡ. ରବୀନ୍ଦ୍ର କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏନସିସି କ୍ୟାଡେଟଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ କହିଥିଲେ। କଲେଜ ଅଧକ୍ଷ ଦାସ ସଭାରେ ଅଧକ୍ଷତା କରି ଏନସିସି କ୍ୟାଡେଟମାନେ ଆମ କଲେଜର ଗର୍ବ ଏବଂ ଗୌରବ ବୋଲି କହିଥିଲେ। ରାଜ୍ୟ ଏବଂ ଜାତୀୟ ସ୍ତରର ଅନେକ କ୍ୟାମ୍ପରେ କ୍ୟାଡେଟମାନେ ଯୋଗଦେଇ ପୁରସ୍କୃତ ହେଉଛନ୍ତି ବୋଲି ବକ୍ତାମାନେ କହିଥିଲେ। ଆର୍ମି ୱିଙ୍ଗ ସିଟିଓ ଅର୍ପଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଭାଲ ୱିଙ୍ଗ ସିଟିଓ ବିଭୂତି ଗୌଡ ଧନ୍ୟବାଦ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ୧୯୪୮ରେ ଏନସିସି ପ୍ରତିଷ୍ଠା ହୋଇଥିଲା। ତେଣୁ ପ୍ରତିବର୍ଷ ନଭେମ୍ବର ୪ର୍ଥ ରବିବାର ଏନସିସି ଦିବସ ପାଳନ ହେଉଛି। ଉକ୍ତ ଦିବସକୁ ମନେ ପକାଇବା ପାଇଁ କ୍ୟାଡେଟ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ସଭା ହେଉଛି। ଏହି କ୍ରମରେ ଗତ ଗୁରୁବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନସିସି ଆର୍ମି ୱିଙ୍ଗ ଏବଂ ନାଭାଲ ୱିଙ୍ଗ କ୍ୟାଡେଟଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ରବିବାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ କିରାଣି ପ୍ରଦୀପ ଖଣ୍ଡୁଆଳ, ତପନ ବେହେରା,କର୍ମଚାରୀ ସୁଧିର ବିଷୋୟୀ, ପ୍ରସନ୍ନ ପ୍ରଧାନ, ସୁଚିତ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଝରିଆଲର ପ୍ରସିଦ୍ଧ ଇନ୍ଦ୍ରଲାଟ୍ ମନ୍ଦିର ପରିସର ଅନାବନା ଘାସପୂର୍ଣ୍ଣ ହୋଇପଡିରହିଛି।

## ବୁଦା ଭିତରେ ବିରଳ ଐତିହ୍ୟ
## ରାଣୀପୁର-ଝରିଆଲର ଅବହେଳିତ ଇନ୍ଦ୍ରଲାଟ ମନ୍ଦିର

ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲସ୍ଥିତ ପ୍ରାଚୀନ ଐତିହ୍ୟ ଚଉଷଠୀ ଯୋଗିନୀ ପୀଠ ଏବଂ ଇନ୍ଦ୍ରଲାଟ୍ ମନ୍ଦିର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକ ବିରଳ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର ଭାବେ ପରିଚିତ। ଓଡ଼ିଶା ରାଜ୍ୟ ସରକାର ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ(ଏଏସ୍ଆଇ) ମଧ୍ୟ ଏହାକୁ ଏକ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଏବଂ ବିରଳ ଐତିହାସିକ ସ୍ମାରକୀ ଭାବେ ଚିହ୍ନଟ କରିଛନ୍ତି। ତେବେ ଏହାର ସାମ୍ପ୍ରତିକ ଦୁଃସ୍ଥିତି ଦେଖିଲେ ଜାଣିଶୁଣି ଏହି ପ୍ରସିଦ୍ଧ ପର୍ଯ୍ୟଟନ ଏବଂ ଐତିହ୍ୟସ୍ଥଳକୁ ଅବହେଳିତ ରଖାଯାଇଛି ତାହା ସ୍ପଷ୍ଟ ହୋଇଯାଉଛି।

ସାରା ଭାରତର ନଅଟି ଏବଂ ଓଡ଼ିଶାର ଦୁଇଟି ଯୋଗିନୀ ପୀଠ ମଧ୍ୟରୁ ରାଣୀପୁର-ଝରିଆଲସ୍ଥିତ ଯୋଗିନୀ ପୀଠ ପ୍ରାଚୀନ କଳା, ସ୍ଥାପତ୍ୟ, ପ୍ରତ୍ନତତ୍ତ୍ୱ ଏବଂ ଧାର୍ମିକ ପୀଠ ଦୃଷ୍ଟିରୁ ଗୁରୁତ୍ୱ ବହନ କରିଆସୁଛି। ମାତ୍ର ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ଅଭାବ କାରଣରୁ ଏହି ପୀଠ ସାଇନ୍‌ବୋର୍ଡର ପର୍ଯ୍ୟଟନ କ୍ଷେତ୍ର ପାଲଟି ଯାଇଛି। ରାଣୀପୁର-ଝରିଆଲ ସ୍ଥିତ ଇନ୍ଦ୍ରଲାଟ୍ ମନ୍ଦିର ସାରା ଓଡ଼ିଶା ତଥା ଦେଶର ଏକ ବିରଳ ମନ୍ଦିର ଭାବେ ଗଣାଯାଏ। ଏହି ମନ୍ଦିରଟି ପୋଡ଼ାଇଟାରେ ତିଆରି ହୋଇଛି। ୭୫ ଫୁଟ୍ ଉଚ୍ଚ ଏହି ମନ୍ଦିରରେ ରହିଛି ଅନେକ ବିରଳ କାରୁକାର୍ଯ୍ୟ। ଏଭଳି ମନ୍ଦିର ଓଡ଼ିଶାର ପୂର୍ବାଞ୍ଚଳରେ ସାଧାରଣତଃ ଦେଖାଯାଏ ନାହିଁ। ଏହି ମନ୍ଦିର ଏକ ପ୍ରାଚୀନ ବୈଷ୍ଣବ ମନ୍ଦିର ଭାବେ ପରିଚିତ। ସମ୍ପ୍ରତି ଏହି ପ୍ରସିଦ୍ଧ ଏବଂ ପ୍ରାଚୀନ ମନ୍ଦିରଟି ଘାସ, ବୁଦା ଭିତରେ ରହିଛି। ଏହି ପୀଠ ଏଏସ୍ଆଇ ଏବଂ ପର୍ଯ୍ୟଟନ ବିଭାଗ ଅଧୀନରେ ରହିଥିଲେ ମଧ୍ୟ ମନ୍ଦିର ହତା ଭିତରର ଘାସ ବି କଟାଯାଉ ନାହିଁ। ବୁଦା ଭିତରେ ମନ୍ଦିର ପିଢ଼ିକୁ ଚଢ଼ିବା ପାଇଁ ରାସ୍ତା ନାହିଁ କହିଲେ ଚଳେ। ଯେଉଁ ପର୍ଯ୍ୟଟକମାନେ ଏଠାକୁ ଆସୁଛନ୍ତି ଘାସ ଓ ବୁଦା ଭିତରକୁ ପଶି ମନ୍ଦିର ପିଢ଼ିକୁ ଚଢ଼ି ବୁଲି ଫେରୁଛନ୍ତି। ଖାଲି ଏତିକି ନୁହେଁ ମନ୍ଦିର ପାଖରେ ପିଇବା ପାଣି, ବସିବା ପାଇଁ ଜାଗା କି କୌଣସି କର୍ମଚାରୀ ନାହାନ୍ତି। ମନ୍ଦିର ପାଚେରି ସମ୍ମୁଖରେ ଏକ ଲୁହା ଗେଟ୍ ଲଗାଯାଇଛି। ସେହି ଗେଟ୍‌ଟି ଖୋଲା ରହିଛି। ମନ୍ଦିର ସମ୍ମୁଖରେ 'ନିଷିଦ୍ଧାଞ୍ଚଳ ଏବଂ ନିୟନ୍ତ୍ରିତ ଅଞ୍ଚଳ' ବୋଲି ଏକ ବୋର୍ଡ ଲଗାଯାଇଛି। ଉକ୍ତ ବୋର୍ଡରେ ପ୍ରାଚୀନ ସ୍ମାରକୀ, ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ (ସଂଶୋଧନ ଏବଂ ବୈଧକରଣ) ଅଧିନିୟମ ୨୦୧୦ର ଧାରା ୨୦(କ) ଏବଂ (ଖ) ଅନୁଯାୟୀ କୌଣସି କେନ୍ଦ୍ରୀୟ ସଂରକ୍ଷିତ ସ୍ଥଳ ବା ସ୍ମାରକୀ ସୀମାଠାରୁ ଚତୁଃପାର୍ଶ୍ୱ ସର୍ବନିମ୍ନ ୧୦୦ ମିଟର ଓ ଏହାଠାରୁ ଚତୁଃପାର୍ଶ୍ୱରେ ସର୍ବନିମ୍ନ ୨୦୦ ମିଟର ଅଞ୍ଚଳକୁ ଉତ୍‌ଖନନ ଏବଂ ନୂତନ ନିର୍ମାଣ ନିମିତ୍ତ ନିଷିଦ୍ଧାଞ୍ଚଳ ଓ ନିୟମିତ ଅଞ୍ଚଳ ଘୋଷିତ ହୋଇଛି। ଏହାକୁ ଉଲ୍ଲଂଘନ କଲେ ଅର୍ଥଦଣ୍ଡ ଓ ଜେଲଦଣ୍ଡ ବିଧାନ ଲେଖାଯାଇଛି। ତେବେ ଏହି ବୋର୍ଡ ଲଗାଯାଇ ପର୍ଯ୍ୟଟକଙ୍କୁ ସର୍ତକ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଆନୁଷଙ୍ଗିକ ଉନ୍ନତି ହେଉ ନ ଥିବାରୁ ଏହି ପୀଠକୁ ପର୍ଯ୍ୟଟକ ଯେ ଆସୁନାହାନ୍ତି ଏହାକୁ ଧ୍ୟାନ ଦିଆଯାଉ ନାହିଁ। ଘାସବୁଦା ଭିତରେ ଯେଉଁଳି ଭାବେ ଏହି ବିରଳ ଐତିହ୍ୟ ଓ ସ୍ମାରକୀ ରହିଛି ତାହା ବଲାଙ୍ଗୀର ଜିଲା ପ୍ରତି ଅବହେଳାକୁ ଦର୍ଶାଇବା ସହ ଏହି ଅଞ୍ଚଳର ରାଜନେତା, ବୁଦ୍ଧିଜୀବୀ ଏବଂ ଜନସାଧାରଣଙ୍କ ସ୍ଥାଣୁତାକୁ ପ୍ରଦର୍ଶିତ କରୁଛି। ପ୍ରାୟ ଦୁଇବର୍ଷ ହେବ ଜିଲାରେ ପର୍ଯ୍ୟଟନ ଅଧିକାରୀ ନ ଥିବାରୁ ଜିଲାର ସମସ୍ତ ପର୍ଯ୍ୟଟନ କ୍ଷେତ୍ର ଶ୍ରୀହୀନ ହୋଇପଡିଲାଣି। କେବଳ ସରକାରୀ ଘୋଷଣାରେ ଅନେକ କିଛି ଅଟକି ରହିଛି। ସମ୍ପ୍ରତି ୧୯ରୁ ୨୫ ନଭେମ୍ବର ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ପରିପ୍ରେକ୍ଷୀରେ ବଲାଙ୍ଗୀରର ରାଣୀପୁର-ଝରିଆଲ ପୀଠ ସରକାରୀ ଓ ପ୍ରଶାସନିକ ଅବହେଳାର ନିଦର୍ଶନ ପାଲଟିଛି।

ରିପୋର୍ଟ: **ବୀରେନ୍ଦ୍ର କୁମାର ଝାଙ୍କର,** ବଲାଙ୍ଗୀର




## ପାହାଡ଼ରେ ସୋରିଷ, ରାଶିଫୁଲର ମହକ



କେନ୍ଦୁଝର ଜିଲା ବାଂଶପାଳର ପାହାଡ଼ିଆ ଅଞ୍ଚଳରେ ହୋଇଥିବା ସୋରିଶ ଓ ରାଶି ଚାଷ

କେନ୍ଦୁଝର ଜିଲାର ପାହାଡ଼ିଆ ଅଞ୍ଚଳରେ ଶୀତ ଋତୁରେ ସୋରିଷ ଓ ରାଶି ଫୁଲର ମହକ କେବଳ ମହୁମାଛି ନୁହେଁ, ପର୍ଯ୍ୟଟକଙ୍କୁ ମଧ୍ୟ ବେଶ୍ ଆକୃଷ୍ଟ କରିଥାଏ। ବିଶେଷ କରି କେନ୍ଦୁଝର ଜିଲାର ବଣପାହାଡ଼ଘେରା ବାଂଶପାଳ ଓ ତେଲକୋଇ ବ୍ଲକ ଅଞ୍ଚଳରେ ଏହି ଦିନରେ ଏହାର ମହକ ବେଶ୍ ବାରି ହୋଇଥାଏ। ବହୁ ଦୂରରୁ ଏହାର ନିଆରା ବାସ୍ନା ବା ମହକ ଅନେକଙ୍କୁ ମତୁଆଲା କରିଥାଏ।

ବିଶେଷ କରି ଜୁଆଙ୍ଗ ଓ ଭୂୟାଁ ପୀଢ଼ ଅଞ୍ଚଳର ଗଡ଼ାଣିଆ ସ୍ଥାନରେ ତଇଳା କାଟି ଭୂୟାଁ ଓ ଜୁଆଙ୍ଗ ଆଦିବାସୀମାନେ ଏହି ଚାଷ କରିଥାନ୍ତି। ଏହି ଫୁଲର ହଳଦିଆ ରଙ୍ଗ ଦୂରରୁ ପାହାଡ଼ ଉପରେ ଏକ ହଳଦିଆ ଚାଦରର ଆସ୍ତରଣର ଭ୍ରମ ସୃଷ୍ଟି ହୋଇଥାଏ। ଯେଉଁ ଆଡ଼େ ଯିବେ ସବୁଠି ଏହି ରାଶି ଓ ସୋରିଷ ଫୁଲର ମନୋରମ ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହାର ମହକ ଦୂରଦୂରାନ୍ତକୁ ବ୍ୟାପି ଥାଏ। ପ୍ରକୃତିର ଏଭଳି ସୌନ୍ଦର୍ଯ୍ୟମୟ ଦୃଶ୍ୟକୁ ଦେଖିବାକୁ ପର୍ଯ୍ୟଟକ, ଭାବୁକ, ଲେଖକ ଏହି ଅଞ୍ଚଳକୁ ଗସ୍ତ କରି ଉପଭୋଗ କରିଥାନ୍ତି। ବିଶେଷ କରି କେନ୍ଦୁଝର ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହାର ମନୋରମ ଦୃଶ୍ୟ ଅତିରିକ୍ତ ଖୁସି ଦେଇଥାଏ।

ଅନେକ ସମୟରେ ଗାଡିରୁ ଓହ୍ଲାଇ କ୍ଷେତରେ ପ୍ରବେଶ କରି ଫଟୋ ବା ସେଲ୍‌ଫି ଉଠାଇ ଅନୁଭୂତି ସାଉଁଟିବା ସହ ଆନନ୍ଦ ଉପଭୋଗ କରିଥାନ୍ତି। ଏଠାରେ ସେଲ୍‌ଫିକୁ ନେଇ ଅନ୍ୟକୁ ଦେଖାଇବା ସହ ଏହାର ମନୋରମ ଦୃଶ୍ୟ ଏବେ ଫେସ୍‌ବୁକ୍, ଏକ୍ସ, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ ଆଦି ସାମାଜିକ ମିଡିଆରେ ପ୍ରଦର୍ଶନ କରିବା ସହ ଦୂର ଦୂରାନ୍ତରେ ରହୁଥିବା ନିଜର ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ଶେୟାର କରିଥାନ୍ତି। ଏହି ମନୋରମ ଦୃଶ୍ୟକୁ ଦେଖି କବିମାନେ ଭାବୁକ ହୋଇପଡ଼ନ୍ତି ଏବଂ ସେସବୁକୁ କବିତାରେ ରୂପ ଦେଇଥାନ୍ତି। ପ୍ରାବନ୍ଧିକ, ଲେଖକ, ଗାଳ୍ପିକମାନେ ଗପ, ପ୍ରବନ୍ଧ ଆଦି ଲେଖା ମାଧ୍ୟମରେ ପରିପ୍ରକାଶ କରିଥାନ୍ତି। ଚିତ୍ରକାର ନିଜର ତୂଳୀ ମୁନରେ ଏହି ଦୃଶ୍ୟକୁ ସାଇତି ରଖିବାକୁ ରଙ୍ଗ ଓ ତୂଳୀ ଧରି ଧାଇଁ ଯାଇଥାନ୍ତି। ଶୀତଦିନରେ ରାଶି ଓ ସୋରିଷ ଫୁଲର ସୌନ୍ଦର୍ଯ୍ୟ ଦୂରରୁ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ। ସବୁଜ ପାହାଡ଼ ବନାନୀ ମଧ୍ୟରେ ହଳଦିଆ ଫୁଲର ପ୍ରାକୃତିକ ସୌନ୍ଦର୍ଯ ଭିନ୍ନରୂପେ ଦୃଶ୍ୟମାନ ହୋଇଥାଏ। ସତେ ଯେପରି ଏକ ନାରୀର ସବୁଜ ଶାଢ଼ିରେ ହଳଦିଆ ଧଡି ବା ତରୁଣୀଟିଏ ସବୁଜ ରଙ୍ଗର ସାଲୱାର କମିଜରେ ହଳଦିଆ ରଙ୍ଗର ଚୁନରି ପକାଇ ସମସ୍ତଙ୍କୁ ଆକୃଷ୍ଟ କରିବାକୁ ଧରାପୃଷ୍ଠରେ ଅବତରଣ କରୁଛି ବୋଲି କବିମାନେ ବର୍ଣ୍ଣନା କରିଥାନ୍ତି।

ଏହାର ଅନ୍ୟଏକ ଦିଗ ରହିଛି ଆଦିବାସୀଙ୍କ ଜୀବନଜିବିକା। ଏହା ଦ୍ୱାରା ଆଦିବାସୀମାନେ ବେଶ୍ ଲାଭବାନ ହୋଇଥାନ୍ତି। କିନ୍ତୁ ଉପଯୁକ୍ତ ପ୍ରୋତ୍ସାହନ ତଥା ଉପଯୁକ୍ତ ବଜାର ସୁବିଧା ହେଲେ ସେମାନଙ୍କ ଦ୍ୱାରା ଉତ୍ପାଦିତ ସୋରିଷ ବା ରାଶିରୁ ଉଚିତ ମୂଲ୍ୟ ପାଇପାରନ୍ତେ। ବିଶେଷ କରି ପାହାଡ଼ିଆ ଅଞ୍ଚଳରେ ବାସ କରୁଥିବା ଆଦିବାସୀମାନେ ବହୁ କଷ୍ଟରେ ଗଡ଼ାଣିଆ ଓ ସମତଳ ଜମିରେ ତଇଳା କାଟି, ହଳ କରିବା ପରେ ରାଶି ଚାଷ କରି ଆସୁଛନ୍ତି। ଏଥିପାଇଁ ଖର୍ଚ୍ଚ କମ ହୋଇଥାଏ। ଜଳସେଚନ କିମ୍ବା କୌଣସି ରକ୍ଷଣାବେକ୍ଷଣର ସେଭଳି ଆବଶ୍ୟକତା ନ ଥାଏ। ଗୋରୁ, ହାତୀମାନଙ୍କ ଦ୍ୱରା ନଷ୍ଟ ହେବାର ଭୟ ମଧ୍ୟ ନାହିଁ। ସୋରିଷ ଓ ରାଶିରୁ ତେଲ ପ୍ରସ୍ତୁତ ହୋଇଥାଏ। ପ୍ରାକୃତିକ ପରିବେଶରେ ଏହି ଚାଷ ହେଉଥିବାରୁ ଏହାର ଚାହିଦା କେବଳ ଜିଲାରେ ନୁହେଁ ସାରା ରାଜ୍ୟର ବିଭିନ୍ନ ଜିଲାରେ ରହିଛି। ଏହି ରାଶିକୁ ସୋରିଷ ସହ ମିଶାଇ ପେଡି ତେଲ ବାହାର କରି ଖାଦ୍ୟରୂପେ ବ୍ୟବହାର କରାଯାଏ। ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର। ଜିଲାର ପାହାଡ଼ିଆ ଅଞ୍ଚଳ ସହ ବାଂଶପାଳ, ତେଲକୋଇ, ଘଟଗାଁ, ଝୁମ୍ପୁରା ସଦର ଆଦି ଅଞ୍ଚଳର ସମତଳ ଜମିରେ ଏହି ଚାଷ ଶହ ଶହ ଚାଷୀ କରିଥାନ୍ତି।

ବରିଷ୍ଠ ସାହିତ୍ୟିକ ଡ. ବିଦ୍ୟାଧର ବେହେରା କୁହନ୍ତି, ଏହି ଦିନରେ ସୋରିଷ ଆଉ ରାଶି ଫୁଲର ମହକ ଆକୃଷ୍ଟ କରିଥାଏ। ଏହି ଦୃଶ୍ୟ ଉପଭୋଗ କରିବାକୁ ଏଠାକୁ ଅନେକେ ଆସନ୍ତି। ପର୍ଯ୍ୟଟକ ବା ଯାତ୍ରୀମାନେ ଦୂରରୁ ରାସ୍ତାରେ ଗଲାବେଳେ ଏହାର ସୌନ୍ଦର୍ଯ୍ୟ ଉପଭୋଗ କରି ସାଉଁଟି ନେଇ ଫେରିଥାନ୍ତି ଅସରନ୍ତି ଭାବନା ଓ କାହାଣୀ। ପାଟେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପ୍ରକୃତିପ୍ରେମୀ ରମାକାନ୍ତ ସ୍ୱାଁଇ କୁହନ୍ତି, ଶୀତଦିନରେ ଶୀତର ମଜା ସାଙ୍ଗକୁ ରାଶି ଓ ସୋରିଷ ଫୁଲର ସୌନ୍ଦର୍ଯ୍ୟ ଅତୀବ ନିଆରା।

ରିପୋର୍ଟ: **ନରେଶ ଚନ୍ଦ୍ର ପଟ୍ଟନାୟକ,** କେନ୍ଦୁଝର






ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟ 'ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା' ପରିସରରେ ରବିବାର ଧରିତ୍ରୀ ପକ୍ଷରୁ ଆୟୋଜିତ 'ୟୁଥ୍ କନ୍‌କ୍ଲେଭ' ବା 'ଯୁବ ସମ୍ମିଳନୀ'ର ପଞ୍ଚମ ସଂସ୍କରଣର ପ୍ରଥମ ଦିନରେ 'ଗ୍ରୀନ୍ ହିରୋଜ୍ ସମ୍ମିଟ୍' ଶୀର୍ଷକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଉଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

# 'ପ୍ରକୃତି ହିଁ ଭଗବାନ'

## ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ଗ୍ରୀନ୍ ହିରୋ

ଭୁବନେଶ୍ୱର,୨୩।୧୧(ବନ୍ଦନା ସେଠୀ)

ପ୍ରକୃତି ହିଁ ଭଗବାନ। ଆଜିର ଯୁବପିଢ଼ି ନୂଆ ନୂଆ ଗାଡି ମଡେଲର ନାଁ ଜାଣୁଛନ୍ତି, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ନାଁ କହିପାରୁଛନ୍ତି। କିନ୍ତୁ ଆମ ଚାରିପାଖରେ କେତେ ପ୍ରକାର ଗଛ ଅଛି ତାହା ଜାଣିନାହାନ୍ତି, ଚଢ଼େଇ ଚିହ୍ନିପାରିବେ ନାହିଁ। ପୃଥିବୀରେ ଥିବା ୪୦% ପୋକଙ୍କୁ କୀଟନାଶକ ପକାଇ ମାରି ସାରିଲୁଣି। ୬୦% ଉଡ଼ନ୍ତା ପୋକ ଯଥା ବିରୁଡ଼ି, ମହୁମାଛି ଆଦିଙ୍କୁ ମାରିବା ସହିତ ଧୀରେ ଧୀରେ ପ୍ରକୃତିକୁ ନଷ୍ଟ କରି ଚାଲିଛୁ। ସୁସ୍ଥ ବାତାବରଣ ସୃଷ୍ଟି ପାଇଁ କେହି ବ୍ୟସ୍ତ ହେଉନାହାନ୍ତି। ମଣିଷ ଜାତିକୁ ମଣିଷ ହିଁ ଧ୍ୱଂସ କରୁଛି ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟ 'ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା'ଠାରେ ଧରିତ୍ରୀ ପକ୍ଷରୁ ରବିବାର ଆୟୋଜିତ 'ୟୁଥ୍ କନ୍‌କ୍ଲେଭ' ବା 'ଯୁବ ସମ୍ମିଳନୀ'ର ପଞ୍ଚମ ସଂସ୍କରଣର ପ୍ରଥମ ଦିନରେ 'ଗ୍ରୀନ୍‌ହିରୋଜ୍‌ସମ୍ମିଟ୍' ଶୀର୍ଷକ କାର୍ଯ୍ୟକ୍ରମ ଅବସରରେ ତଥାଗତ ଆହୁରି କହିଛନ୍ତି ଯେ, ଆଜିକାଲି ଅଭିଭାବମାନେ କେବଳ ଚାକିରି କରିବାକୁ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପରିସ୍ଥିତି ବିଷୟରେ ପିଲାଙ୍କୁ ସଚେତନ କରାଇପାରିଲେ ଏକ ନୂଆ ଯୁଗ ସୃଷ୍ଟି ହୋଇପାରିବ। ସେହିପରି ପରିବେଶ କ୍ଷେତ୍ରରେ କାମ କରି ମଧ୍ୟ ଆମେ ରୋଜଗାର ସହ ପୃଥିବୀର ମଙ୍ଗଳ କରିପାରିବା। ବିଶେଷକରି ବିନା ରାଜନୀତିରେ ପରିବେଶ ପାଇଁ କାମ କରିବା ଦରକାର। ଅନେକ ବର୍ଷ ହେବ ହାତୀ କରିଡର ବିଷୟରେ ଆଲୋଚନା ହେଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କରିହେଉ ନାହିଁ। ବିଭିନ୍ନ ସମୟରେ ନିଜର ସୁବିଧା ପାଇଁ ପ୍ରକୃତିକୁ ଆଘାତ ଦେଇ ଚାଲିଛୁ ଏବଂ ନିଜେ ନିଜକୁ ଏଭଳି ବିପରୀତ ପରିସ୍ଥିତିରେ ପକାଇଛୁ ବୋଲି ସେ କହିଛନ୍ତି। ଏଥିସହ ପରିବେଶ କ୍ଷେତ୍ରରେ କାମ କରୁଥିବା ଯୋଦ୍ଧାମାନଙ୍କୁ ଧରିତ୍ରୀ ପକ୍ଷରୁ ଦିଆଯାଉଥିବା 'କ୍ଲାଇମେଟ୍ ଗ୍ରାଣ୍ଟ'ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ, ଓଡ଼ିଶା ଲୋକାୟୁକ୍ତର ପୂର୍ବତନ ସଦସ୍ୟ ତଥା କ୍ଲାଇମେଟ୍ ଗ୍ରାଣ୍ଟ ଜୁରି ସଦସ୍ୟ ଦେବବ୍ରତ ସ୍ୱାଇଁ ଯୋଗଦେଇ ପୁରସ୍କାର ଚୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ। ଧରିତ୍ରୀ ୟୁଥ୍ କନ୍‌କ୍ଲେଭ ବା ଯୁବ ସମ୍ମିଳନୀ ଏକ ନିଆରା ପ୍ରୟାସ। ସେହିପରି ପରିବେଶ କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିଙ୍କ ପାଇଁ କ୍ଲାଇମେଟ୍ ଗ୍ରାଣ୍ଟ ଏକ ପ୍ରୋତ୍ସାହନ ବୋଲି ଦେବବ୍ରତ ମତ ରଖିଥିଲେ। ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ (ଓପ୍‌ସା)ର ମୁଖ୍ୟ ତଥା କ୍ଲାଇମେଟ୍ ଗ୍ରାଣ୍ଟର ଜୁରି ସଦସ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ କହିଲେ, ଏହି କାର୍ଯ୍ୟକ୍ରମ ଦ୍ୱାରା ପରସ୍ପରକୁ ଜାଣିବା ସହିତ ଆମର ନେଟ୍‌ୱର୍କ ବଢ଼ୁଛି। ସରକାରଙ୍କ 'ପ୍ରକୃତି ବନ୍ଧୁ' ପୁରସ୍କାରକୁ ବାଦ୍ ଦେଲେ 'ଧରିତ୍ରୀ' ପ୍ରଥମ ବେସରକାରୀ ସଂସ୍ଥା, ଯାହା ଆମକୁ ଗ୍ରାଣ୍ଟ ଦେବା ସହ ଉତ୍ସାହିତ କରୁଛି। 'କ୍ଲାଇମେଟ୍ ଗ୍ରାଣ୍ଟ' ପାଇଁ ପୂର୍ବବର୍ଷଠାରୁ ଏ ବର୍ଷ ଅଧିକ ଆବେଦନ ଆସିଥିଲା। ତେବେ ଯେଉଁମାନଙ୍କୁ ଗ୍ରାଣ୍ଟ ଦିଆଯିବ, ସେମାନେ ଆମ ପାଇଁ ଆଦର୍ଶ ହେବା ଦରକାର। ସେହିପରି ଯେଉଁମାନଙ୍କୁ ଗ୍ରାଣ୍ଟ ନ ମିଳିଛି, ସେମାନେ ଆହୁରି ଭଲ କାମ କରନ୍ତୁ ବୋଲି ସୌମ୍ୟରଞ୍ଜନ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଛନ୍ତି ଯେ, ସମସ୍ତେ ଗୋଟିଏ ପରିବାର ଭଳି ଯୋଡ଼ି ହୋଇ ଅଛୁ। ସମସ୍ତଙ୍କର ପରିବେଶ ପାଇଁ କାମ କରିବାର ଉତ୍ସାହ ଅଛି, ଯାହାକି ସମାଜ ପାଇଁ ଶୁଭଙ୍କର। ସମସ୍ତେ ପରସ୍ପରକୁ ଜାଣିବା, ବୁଝିବା ଏବଂ ମିଶିକି କାର୍ଯ୍ୟ କରିବା। ପରିବେଶ ପାଇଁ କାମ କରି ଆଗାମୀ ପିଢ଼ିକୁ ସାହାଯ୍ୟ କରିପାରିବା ବୋଲି ଆଦ୍ୟାଶା ମତ ରଖିଛନ୍ତି। କାର୍ଯ୍ୟକ୍ରମରେ 'ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି'ର ରାଜ୍ୟ ମୁଖ୍ୟ ମୀନା ଦାସ ମହାପାତ୍ର, ସେଲ୍‌ସିୟସ୍ ଫାଉଣ୍ଡେଶନ୍‌ର ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରିୟଦର୍ଶୀ ଛୋଟରାୟ ଯୋଗଦେଇ ପରିବେଶ ସୁରକ୍ଷା ନେଇ ଧରିତ୍ରୀର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ସେହିପରି ୨୦୨୪ର 'କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ଝୁଝୁନ୍ ସାହୁ, ତ୍ରିଲୋଚନ ସାହୁ, ଆଞ୍ଚଳିକ ବିକାଶ ପରିଷଦର ସାଗର କୁମାର ପାତ୍ର ଏବଂ ଜଙ୍ଗଲ ଲୋର୍ ଫାଉଣ୍ଡେଶନର ଆକାଶ ରଞ୍ଜନ ରଥ ଉପସ୍ଥିତ ରହି ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଶ ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ଗ୍ରୀନ୍ ହିରୋମାନେ ଏକତ୍ରିତ ହୋଇଥିଲେ। କ୍ଲାଇମେଟ୍ ଆଣ୍ଡ ଇନୋଭେଶନ୍, କ୍ଲାଇମେଟ୍ ପ୍ରିପେୟାର୍ଡନେସ, କୋଷ୍ଟାଲ କଞ୍ଜରଭେଶନ, ଫରେଷ୍ଟ କମ୍ୟୁନିଟି କଞ୍ଜରଭେଶନ ଇନ୍ ଇଷ୍ଟର୍ନ ଘାଟ୍, ପ୍ଲାଣ୍ଟେସନ ଆଣ୍ଡ କଞ୍ଜରଭେଶନ୍, ପଲ୍ୟୁସନ, ପ୍ଲାଷ୍ଟିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ୱେଷ୍ଟ, ଅର୍ବାନ ହିଟ୍ ଆଇସଲାଣ୍ଡ, ୱାଟରଲଗିଂ ଆଣ୍ଡ ଗ୍ରୀନ୍ ସିଟିଜ୍, ୱେଷ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ବାୟୋଡାଇଭରସିଟି କଞ୍ଜରଭେଶନ, ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆଣ୍ଡ କଞ୍ଜରଭେଶନ୍ ଏବଂ ୟୁଥ୍ ଆକ୍ସନ ଫର୍ କ୍ଲାଇମେଟ୍ ଆଦି ୧୦ଟି ବିଷୟବସ୍ତୁକୁ ନେଇ ଗ୍ରୀନ୍ ହିରୋମାନେ ୧୦ଟି ଗ୍ରୁପରେ ଭାଗ ହୋଇଥିଲେ। ସେମାନେ ପରସ୍ପର ମଧ୍ୟରେ ଆଲୋଚନା କରିବା ସହିତ ନିଷ୍କର୍ଷକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ମାନସୀ ମିଶ୍ର ସଂଯୋଜନା କରିଥିଲେ।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟର ଜୁରି ସଦସ୍ୟଙ୍କ ଗହଣରେ ଗ୍ରୀନ୍ ହିରୋମାନେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟର ଜୁରି ସଦସ୍ୟ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଦେବବ୍ରତ ସ୍ୱାଇଁ, ପରିବେଶବିତ୍ ଅରୁଣ କ୍ରିଷ୍ଣମୂର୍ତ୍ତି ଏବଂ ଓପ୍‌ସାର ମୁଖ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ।



୨୦୨୪ର ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ ବିଜେତାମାନେ ସେମାନଙ୍କ ପରିବେଶ କାର୍ଯ୍ୟ ସମ୍ପର୍କିତ ଅନୁଭୂତି ବଖାଣୁଛନ୍ତି।



## ୧୦ଟି ଟେବୁଲ୍‌ରେ 'ଗ୍ରୀନ୍ ହିରୋ'ଙ୍କ ଆଲୋଚନା, ମତ ଉପସ୍ଥାପନ










କାର୍ଯ୍ୟକ୍ରମରେ ନୂଆଦିଲ୍ଲୀର ସେଲ୍‌ସିୟସ୍ ଫାଉଣ୍ଡେଶନର ମ୍ୟାନେଜିଂ ଡାଇରେକ୍ଟର ଓମ୍ ପ୍ରିୟଦର୍ଶୀ ଏବଂ ଭୁବନେଶ୍ୱରସ୍ଥିତ ଓଡ଼ିଶା ଫାଉଣ୍ଡେଶନ୍ ଫର୍ ଇକୋଲୋଜିକାଲ ସିକ୍ୟୁରିଟିର ରାଜ୍ୟ ମୁଖ୍ୟ ମୀନା ଦାସମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।



























ବାର୍ତ୍ତା କାନ୍ଥରେ ମତ ଉଲ୍ଲେଖ କରୁଛନ୍ତି ସାତ୍ତ୍ୱିକ୍ ସୋଲ୍ ଫାଉଣ୍ଡେଶନ୍‌ର ସତ୍ୟବ୍ରତ ସାମଲ।



ବୃକ୍ଷ ଚିତ୍ରରେ ପରିବେଶ ସମ୍ପର୍କିତ ମତ ଲେଖୁଛନ୍ତି ଗ୍ରୀନ୍ ହିରୋମାନେ।



ଗ୍ରୀନ୍ ହିରୋଙ୍କ ସେଲ୍‌ଫି ପୋଜ୍।




ଫଟୋ: ବିକାଶ ନାୟକ, ମନୋରଞ୍ଜନ ମିଶ୍ର

କାର୍ଯ୍ୟକ୍ରମରେ ଉପସ୍ଥିତ ପରିବେଶପ୍ରେମୀ ଓ ଦର୍ଶକ।

# ସାମାଜିକ ପରିବର୍ତ୍ତନ ପାଇଁ ମଣିଷର ଚିନ୍ତାଧାରା ବଦଳିବା ଦରକାର: ଆକାଶ

## ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟରେ ୧୪ ଚଳଚ୍ଚିତ୍ର ପ୍ରଦର୍ଶିତ


ଫିଲ୍ମ ଫେଷ୍ଟର ମୁଖ୍ୟ ଅତିଥି ଅଭିନେତା ତଥା ବିଧାୟକ ଆକାଶ ଦାସନାୟକ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୨୩।୧୧(ସୁଚିସ୍ମିତା ସାହୁ)

ଧରିତ୍ରୀ ଯୁବ ସମ୍ମିଳନୀ ପଞ୍ଚମ ସଂସ୍କରଣର ପ୍ରଥମ ଦିବସ ରବିବାର 'ଦ ପ୍ରେସ କ୍ଲବ ଅଫ୍ ଓଡ଼ିଶା'ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ 'ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ' ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଭିନେତା ଆକାଶ ଦାସ ନାୟକ ଯୋଗଦେଇ କହିଲେ, ପରିବେଶଜନିତ ସମସ୍ୟା ସାରା ବିଶ୍ୱରେ ମୁଖ୍ୟ କାରଣ ପାଲଟିଛି। ସମାଜକୁ ପରିବର୍ତ୍ତନ କରିବା ପାଇଁ ହେଲେ ମନୁଷ୍ୟର ମନୋବଳ ଓ ଚିନ୍ତାଧାରାକୁ ବଦଳାଇବାକୁ ପଡିବ। ଏଥିପାଇଁ ସାହିତ୍ୟ, ସଙ୍ଗୀତ, ଫିଲ୍ମ ଏବଂ ସଚେତନତା ଭଳି ବିଭିନ୍ନ ଶୈଳୀକୁ ଆପଣେଇବାକୁ ହେବ। ଆମେ ବର୍ତ୍ତମାନ ଯଦି ପ୍ରାକୃତିକ ପରିବେଶକୁ ସୁରକ୍ଷିତ ନ ରଖିପାରିବା, ତେବେ ଆମ ଭବିଷ୍ୟତ ପିଢ଼ିଙ୍କୁ ଅମ୍ଳଜାନ କିଣିବାକୁ ପଡ଼ିବ। ଆମ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ସମସ୍ତଙ୍କୁ ଛୋଟଛୋଟ ପ୍ରୟାସ କରିବାକୁ ଆକାଶ ଆହ୍ୱାନ ଦେଇଛନ୍ତି।

ଚଳଚ୍ଚିତ୍ର ନିର୍ମାତା ସ୍ନେହାଶିଷ ଦାଶ ଜୁରି ସଦସ୍ୟ ଭାବେ ଯୋଗଦେଇ କହିଲେ, କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଯୁବପିଢ଼ି ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ନୂତନ ପ୍ରଣାଳୀକୁ ଆପଣାଇଛନ୍ତି। କୌଣସି ଜିନିଷକୁ କପି ନ କରି ନୂତନ ଭାବେ ଫିଲ୍ମ କରିବାକୁ ସେମାନେ ପ୍ରୟାସ କରୁଛନ୍ତି। ଏହିଭଳି ପ୍ରୟାସ ଜାରି ରହିଲେ ଆଗାମୀ ଭବିଷ୍ୟତ ସୁରକ୍ଷିତ ରହିପାରିବ। ସେହିପରି ଚଳଚ୍ଚିତ୍ର ନିର୍ମାତା ସୁଶାନ୍ତ ମିଶ୍ର ଜୁରି ସଦସ୍ୟ ଭାବେ ଯୋଗଦେଇ କହିଲେ, ପରିବେଶ ପାଇଁ ଯୁବପିଢ଼ିମାନେ ସଚେତନ ହେବାକୁ ଲାଗିଲେଣି। ଫିଲ୍ମ ମାଧ୍ୟମରେ ଭିନ୍ନ ଭିନ୍ନ ଶୈଳୀରେ ପରିବେଶ ସୁରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି। ଗ୍ରାମାଞ୍ଚଳର ଲୋକମାନେ ଯେପରି ପରିବେଶ ସୁରକ୍ଷା ଲାଗି ଆଗ୍ରହୀ, ସହରାଞ୍ଚଳ ବାସିନ୍ଦାମାନେ ମଧ୍ୟ ସେଭଳି ଆଗ୍ରହ ପ୍ରକାଶ କରନ୍ତୁ। ଏହି ଫିଲ୍ମ ଫେଷ୍ଟ କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ତଥାଗତ ସତପଥୀ ଅତିଥିଙ୍କୁ ସମ୍ବୋଧିତ କରିଥିଲେ।

ପରେ ପରିବେଶ ଆଧାରିତ ବିଷୟବସ୍ତୁକୁ ନେଇ ମନୋନୀତ ଓଡ଼ିଆ, ଇଂଲିଶ୍, ହିନ୍ଦୀ ଓ ସମ୍ବଲପୁରୀ ଭାଷାର ୧୪ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଫିଲ୍ମ ଫେଷ୍ଟରେ ସାମିଲ ହେବାକୁ ଓଡିଶାର ବିଭିନ୍ନ ପ୍ରାନ୍ତରୁ ପରିବେଶବିତ୍‌ମାନେ ନିଜ ପ୍ରୟାସରେ କ୍ଷୁଦ୍ର ଚଳଚ୍ଚିତ୍ର ପଠାଇଥିଲେ। ଏଥିରୁ ଚଳିତବର୍ଷର ଶ୍ରେଷ୍ଠ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରିଥିବା ୧୪ କ୍ଷୁଦ୍ର ଚଳଚ୍ଚିତ୍ରକୁ ପ୍ରଦର୍ଶନ ପାଇଁ ଜୁରି ସଦସ୍ୟମାନେ ଚୟନ କରିଥିଲେ। ତେବେ ଇତିଶ୍ରୀ ପଣ୍ଡାଙ୍କ କ୍ଷୁଦ୍ର ପରିବେଶ ଚଳଚ୍ଚିତ୍ର 'ସୁରଭି'କୁ ପ୍ରଥମ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅତସୀ ଅତିପ୍ରିୟା ରାଉତଙ୍କ '$O_2$ କୋଲାପ୍ସ'କୁ ଦ୍ୱିତୀୟ ଶ୍ରେଷ୍ଠ ପୁରସ୍କାର ମିଳିଥିବା ବେଳେ ଶୁଭ୍ରାଂଶୁ ଶତପଥୀଙ୍କ 'ଟେଲ୍ ଅଫ୍ ଟ୍ରି'କୁ ତୃତୀୟ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ବିଜେତାଙ୍କୁ ଯଥାକ୍ରମେ ୨୫ହଜାର, ୧୫ହଜାର ଏବଂ ୧୦ହଜାର ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ ପ୍ରଦର୍ଶିତ ଫିଲ୍ମ ମଧ୍ୟରେ ଅଭିନବ ପାଣ୍ଡେଙ୍କ 'ୱାନ୍ ଡିଗ୍ରୀ', ସାର୍ଥକ ନାୟକଙ୍କ 'ମାଟି ତଳେ ସ୍ୱପ୍ନ', ବିଶ୍ୱଜିତ ନାୟକଙ୍କ 'ଧୂଆଁ', ବୁକୁନ୍‌ମି ଓୟେଓଲଙ୍କ 'ଫରେଷ୍ଟ ଆଣ୍ଡ୍ ବାୟୋଡାଇଭର୍ସିଟି ହେଲ୍‌ଥ', ଜ୍ଞାନରଞ୍ଜନ ସାଟୁଆଙ୍କ 'ଆଉ ନୁହେଁ', ସୌରଭ ସାନ୍ୟାଲଙ୍କ 'ସଣ୍ଡର ?', ନୀହାରିକା ମହାନ୍ତିଙ୍କ 'ପ୍ରକୃତି କି ଡାଏରୀ', ପ୍ରୀଶା ରଥଙ୍କ 'ଅଫ୍ ସଏଲ୍ ଆଣ୍ଡ୍ ସୋଲ', ପ୍ରିୟାଞ୍ଜଳି ରାଏଙ୍କ 'ବ୍ରିଦିଙ୍ଗ ଟୁଗେଦର', ସାର୍ଥକ ନାୟକଙ୍କ 'ମନାର ଯୁଦ୍ଧ' ଓ ତ୍ରିଲୋଚନ ସାହୁଙ୍କ 'ପୃଥିବୀର ଘରପୋଡ଼ି' ଅନ୍ତର୍ଭୁକ୍ତ।



ଇତିଶ୍ରୀ ପଣ୍ଡାଙ୍କ କ୍ଷୁଦ୍ର ଚଳଚ୍ଚିତ୍ର 'ସୁରଭି'କୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଉଛି।

### ■ ଇତିଶ୍ରୀ ପଣ୍ଡାଙ୍କ 'ସୁରଭି'କୁ ଶ୍ରେଷ୍ଠ ପୁରସ୍କାର
### ■ ଅତସୀ ଅତିପ୍ରିୟା ରାଉତଙ୍କ '$O_2$ କୋଲାପ୍ସ' ଦ୍ୱିତୀୟ, ଶୁଭ୍ରାଂଶୁ ଶତପଥୀଙ୍କ 'ଟେଲ୍ ଅଫ୍ ଟ୍ରି'କୁ ତୃତୀୟ ପୁରସ୍କାର


ଜୁରି ସଦସ୍ୟ ସ୍ନେହାଶିଷ ଦାଶ


ଜୁରି ସଦସ୍ୟ ସୁଶାନ୍ତ ମିଶ୍ର



ଅତସୀ ଅତିପ୍ରିୟା ରାଉତଙ୍କ କ୍ଷୁଦ୍ର ଚଳଚ୍ଚିତ୍ର 'ଓଟୁ କୋଲାପ୍ସ' ଦ୍ୱିତୀୟ ଓ ଶୁଭ୍ରାଂଶୁ ଶତପଥୀଙ୍କ 'ଟେଲ୍ ଅଫ୍ ଟ୍ରି'କୁ ତୃତୀୟ ପୁରସ୍କାର ଦିଆଯାଉଛି।


କ୍ଷୁଦ୍ର ଚଳଚ୍ଚିତ୍ରରେ ପ୍ରଦର୍ଶିତ କିଛି ଦୃଶ୍ୟ


'ଦ ପ୍ରେସ କ୍ଲବ ଅଫ୍ ଓଡ଼ିଶା'ଠାରେ ଅନୁଷ୍ଠିତ 'ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ'ର ବିଜେତା, ଜୁରି ସଦସ୍ୟ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।


'ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ'ରେ ପ୍ରଦର୍ଶିତ କ୍ଷୁଦ୍ର ଚଳଚ୍ଚିତ୍ରକୁ ଦର୍ଶକମାନେ ଉପଭୋଗ କରୁଛନ୍ତି।

# ପାରିବାରିକ ବିବାଦରୁ ଯୁବକଙ୍କୁ ପିଟି ହତ୍ୟା

- ହତ୍ୟାକଲେ ୫ ସମ୍ପର୍କୀୟ
- ବାଉଁଶରେ ବାଡ଼େଇ, ହାତୁଡ଼ିରେ ଛେଚିଲେ
- ବୃନ୍ଦାବନପୁର ଗାଁରେ ଉତ୍ତେଜନା, ୨ ଅଟକ

ନୟାଗଡ଼,୨୩।୧୧(ଲୋକନାଥ ମିଶ୍ର)


ମୃତ ପିଣ୍ଟୁ ମାଝି

ନୟାଗଡ଼ ଟାଉନ ଥାନା ଘଡୁଆଲ ପଞ୍ଚାୟତ ବୃନ୍ଦାବନପୁର ଗାଁରେ ପିଣ୍ଟୁ ମାଝି (୨୭)ଙ୍କୁ ପାରିବାରିକ ବିବାଦରୁ ମନ୍ଦିରରୁ ଭିଡିଆଣି ଶନିବାର ରାତିରେ ଗାଁ ଦାଣ୍ଡରେ ହତ୍ୟା କରାଯାଇଛି। ପିଉସା ପୁଅ ଭାଇ, ପିଉସା, ପିଉସୀ, ପିଉସୀଙ୍କ ନାତି ଓ ନାତୁଣୀଙ୍କ ସମେତ ୫ ସମ୍ପର୍କୀୟ ମିଳିତ ଭାବେ ବାଉଁଶରେ ବାଡ଼େଇବା ସହ ପଥର ଓ ହାତୁଡିରେ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ଘଟଣାକୁ ନେଇ ବୃନ୍ଦାବନପୁର ଗାଁରେ ଉତ୍ତେଜନା ଦେଖାଦେଇଛି। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଘଟଣାରେ ପୋଲିସ ସଂଯୁକ୍ତା ପରିଡ଼ା ଓ ଝୁମୁରି ପରିଡ଼ାଙ୍କ ସମେତ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କ ସୂଚନା ଅନୁସାରେ ପାରିବାରିକ ବିବାଦରୁ ହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ତେବେ ହତ୍ୟା ପଛରେ ବିବାହ ପ୍ରସ୍ତାବ ମଧ୍ୟ ଏକ କାରଣ ବୋଲି ଜଣାପଡିଛି। ଅଭିଯୋଗ ପରେ ପୋଲିସ ନଂ.୪୫୩/୨୫ରେ ମାମଲା ରୁଜୁକରି ମୃତଦେହ ହସ୍ତାନ୍ତର କରିଛି ।

ଅଭିଯୋଗରୁ ପ୍ରକାଶ, ବୃନ୍ଦାବନପୁର ଗାଁର କୈଳାସ ମାଝି ଓ ଭିଣୋଇ ଯୁଗଳ ପରିଡାଙ୍କ ମଧ୍ୟରେ ପ୍ରାୟ ୫ ବର୍ଷ ହେଲା ପାରିବାରିକ ବିବାଦ ଲାଗି ରହିଥିଲା। ଏହାକୁ ନେଇ ଭଣଜା ଜଗୁଲି ପରିଡା କିଛି ଦିନ ହେବ ମାମୁଙ୍କ ଘର ଆଗରେ ଗାଳିଗୁଲଜ ସହ ଗଣ୍ଡଗୋଳ କରୁଥିଲେ। ଶୁକ୍ରବାର ଗାଳିଗୁଲଜ ପରେ ଶନିବାର ପୁଣି ସେଭଳି କରିବାରୁ ମାମୁ ପୁଅ ଭାଇ ପିଣ୍ଟୁ ଜଗୁଲିଙ୍କୁ ବିରୋଧ କରି ଏହାର ପ୍ରତିବାଦ କରିଥିଲେ। ବିଳମ୍ବିତ ରାତିରେ ପିଣ୍ଟୁ ଗାଁର ଶୁଳିଆ ମନ୍ଦିର ମଣ୍ଡପରେ ବସିଥିବା ବେଳେ ପିଉସା ପୁଅ ଯୁଗଳ ପରିଡ଼ା(୬୦), ପିଉସୀ ସଂଯୁକ୍ତା ପରିଡ଼ା(୫୨), ପିଉସୀ ପୁଅ ଭାଇ ଜଗୁଲି ପରିଡ଼ା(୨୮), ପିଉସୀଙ୍କ ନାତି ଆଲ୍ଲା ପରିଡ଼ା(୨୫), ନାତୁଣୀ ଝୁମୁରି ପରିଡ଼ା(୨୪) ମିଳିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ପିଣ୍ଟୁଙ୍କୁ ବାଉଁଶରେ ପିଟିଥିବା ବେଳେ ହାତୁଡି ଓ ପଥରରେ ଛେଚିଥିଲେ। ଘଟଣାସ୍ଥଳରେ ପିଣ୍ଟୁଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଅଙ୍କୁ ଆକ୍ରମଣ ଘଟଣା ଜାଣିପାରି ବାପା କୈଳାସ ଓ ମା' ମାଳିଆ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବା ପରେ ଉଭୟଙ୍କୁ ମଧ୍ୟ ଆକ୍ରମଣକାରୀ ପିଟିଥିଲେ। ପିଣ୍ଟୁଙ୍କ ମା' ବାପା ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାରିବାରିକ ବିବାଦକୁ ନେଇ ହତ୍ୟା ଅଭିଯୋଗ ହୋଇଥିବା ବେଳେ ଏହା ପଛରେ ବିବାହ ଘଟଣା ଲୁଚି ରହିଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଗାଁଲୋକଙ୍କ ସୂଚନା ଅନୁସାରେ ମୃତକ ପିଣ୍ଟୁ ଯେଉଁ ଯୁବତୀଙ୍କୁ ବିବାହ କରିଥିଲେ ଜଗୁଲି ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ପଠିଥିଲା। ଜଗୁଲିଙ୍କ ପ୍ରଥମ ସ୍ତ୍ରୀ ମରିଯିବା ଖବର ଜାଣିବା ପରେ ସମ୍ପୃକ୍ତ ଯୁବତୀଙ୍କ ପରିବାର ଜଗୁଲିଙ୍କୁ ବିବାହ କରିବାକୁ ରାଜି ନ ହୋଇ ପିଣ୍ଟୁଙ୍କୁ ବିବାହ କରାଇଥିଲେ। ଏହା ପରେ ଜଗୁଲି ପିଣ୍ଟୁଙ୍କ ପଛରେ ପଡିଯାଇଥିଲେ। ବିଭିନ୍ନ ସମୟରେ ପିଣ୍ଟୁ ଓ ତାଙ୍କ ପରିବାର ଲୋକଙ୍କୁ ସେ ଗାଳିଗୁଲଜ କରୁଥିଲେ । ଅନ୍ୟପକ୍ଷେ ପିଣ୍ଟୁଙ୍କ ସାନ ଭାଇ କୁମର ମାଝି କୁହନ୍ତି, ଜଗୁଲି ମୁଖ୍ୟ ହତ୍ୟାକାରୀ। ପ୍ରଥମାଷ୍ଟମୀ ଭାର ୫ଜଣ ମାମୁ ଦେଲେ, କେବଳ କୈଳାସ ମାମୁ କାହିଁକି ଦେଲେନି ବୋଲି ଆସି କିଛି ଦିନ ହେବ ଗାଳିଗୁଲଜ କରୁଥିଲେ। ୫ବର୍ଷ ହେଲା ପାରିବାରିକ ବିବାଦରୁ ସମ୍ପର୍କ ତୁଟି ଯାଇଥିବାରୁ ଭାର ଦିଆଗଲାନି ବୋଲି କୁହାଯାଇଥିଲେ ହେଁ, ସେ ଶୁଣି ନ ଥିଲେ। ପରେ ପିଉସା ପୁଅ ଭାଇ, ପିଉସା, ପିଉସୀ, ପିଉସୀଙ୍କ ନାତି ଏବଂ ନାତୁଣୀ ମିଶି ନୃଶଂସ ଭାବେ ହତ୍ୟା କରିଛନ୍ତି। ସମ୍ପୃକ୍ତ ହତ୍ୟାକାରୀଙ୍କୁ ଫାଶୀ ଦିଆଗଲେ ମୋ ଭାଇଙ୍କ ଆତ୍ମା ଶାନ୍ତି ହେବ ବୋଲି କହିଛନ୍ତି।

# ଠାକୁରାଣୀ ପୀଠରେ ବୃଦ୍ଧଙ୍କୁ ମାଡ଼ମାରି ହତ୍ୟା

ରାଜନଗର, ୨୩।୧୧
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ରିଘାଗଡ଼ର ମା' ଥାନପତି ଠାକୁରାଣୀ ପୀଠରେ ରନ୍ଧାଭୋଗ ପରେ ରବିବାର ଅପରାହ୍ନ ୩ଟାରେ ଜଣେ ବୃଦ୍ଧଙ୍କୁ ବାଡେଇ ବାଡେଇ ହତ୍ୟା କରାଯାଇଛି। ସେ ହେଲେ ରିଘାଗଡ଼ ଗାଁର ବୁଦ୍ଧିଆ ସାହୁ(୫୫)। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ଥାନାରେ ନଂ. ୪୧୧/୨୫ରେ ମାମଲା ରୁଜୁ ହୋଇଛି।

ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ଜଗନ୍ନାଥପୁର ଗାଁର କେତେଜଣ ଯୁବକ ଠାକୁରାଣୀଙ୍କ ପୀଠରେ ରନ୍ଧାଭୋଗ କରିଥିଲେ। ଭୋଗକୁ ପୂଜା କରି ଖାଇ ସାରିବା ପରେ ଟାଟା ଏସିଇ ଗାଡ଼ିରେ ରୋଷେଇ ସରଞ୍ଜାମ ଲଦି ଘରକୁ ନେଉଥିଲେ। ଏହି ସମୟରେ ୨ଜଣ ଯୁବକ ଗାଡ଼ି ଅଟକାଇ ମଦ ମାଗିଥିଲେ। ଡ୍ରାଇଭର ସହ ୨ ଯୁବକଙ୍କ ବଚସା ହୋଇଥିଲା। ୨ ଯୁବକ ଗାଡ଼ି ଡ୍ରାଇଭରକୁ ମାଡ଼ ମାରିଥିଲେ। ଏହାକୁ ନେଇ ସେଠାରେ ଜଗନ୍ନାଥପୁର ଗାଁର ଯୁବକମାନେ ପହଞ୍ଚି ଡ୍ରାଇଭରଙ୍କୁ ମାଡ଼ ମାରିଥିବା ଯୁବକ ଦ୍ୱୟଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଠାକୁରାଣୀ ପୀଠରେ ରିଘାଗଡ଼ ଗାଁ ଲୋକ ଏକାଠି ହୋଇ ଜଗନ୍ନାଥପୁର ଗାଁ ଲୋକଙ୍କୁ ଘେରି ଯାଇଥିଲେ। ଠାକୁରାଣୀଙ୍କ ପୀଠରେ ଉଭୟପକ୍ଷ ମଧ୍ୟରେ ବାଡ଼ିଆପିଟା ଯାଏ କଥା ଯାଇଥିଲା। ଗଣ୍ଡଗୋଳ ଭିତରେ ରିଘାଗଡ଼ ଗାଁର ବୁଦ୍ଧିଆଙ୍କୁ କିଏ ବାଡେଇକି ଠେଲି ଦେବାରୁ ସେ ତଳେ ପଡ଼ି ଯାଇଥିଲେ। ବୁଦ୍ଧିଆ ବେହୋସ ହୋଇପଡ଼ିଥିଲେ। ବୁଦ୍ଧିଆଙ୍କୁ ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସୂଚନା ମୁତାବକ, ଗାଁ ରାସ୍ତାରେ ଜଗନ୍ନାଥପୁର ଗାଁର କେତେଜଣ ଯୁବକ ଗାଡ଼ି ରଖି ରାସ୍ତା ଅବରୋଧ କରିବା ସହ ମଦ ପିଇ ହୋହଲ୍ଲା କରୁଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ତୀବ୍ର ରୂପ ନେଇଥିଲା। ଏହି ସମୟରେ ଥାନପତି କମିଟିର ସଦସ୍ୟ ବୁଦ୍ଧିଆ ଉତ୍ତ୍ୟକ୍ତ ଯୁବକମାନଙ୍କୁ ବୁଝାଶୁଝା କରିବା ସମୟରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ବୁଦ୍ଧିଆଙ୍କ ମୃତ୍ୟୁ ଘଟିଛି ବୋଲି କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଗଣ୍ଡଗୋଳ ସମୟ ଭିଡିଓରେ ଟାଟା ଏସିଇ ଗାଡ଼ି ରାସ୍ତା କଡ଼ରେ ଥିବା ଦେଖାଯାଉଛି।


ଉଭୟପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ମୋରଡ଼ା,୨୩।୧୧
(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ବାଡ଼ିରେ ପିଟି ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି ସ୍ୱାମୀ। ଶନିବାର ରାତିରେ ଏହି ଘଟଣା ଘଟିଥିବା ବେଳେ ମୃତ ମହିଳା ହେଲେ ପାଞ୍ଚଗୋଛିଆ ଗ୍ରାମର ରଇବାରୀ ଧଣିକ। ଏହି ଘଟଣାରେ ମୃତା ରଇବାରୀଙ୍କ ସ୍ୱାମୀ ଶଙ୍କର୍ଷଣ ଧଣିକଙ୍କୁ ରବିବାର ପୋଲିସ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ଶଙ୍କର୍ଷଣ ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ରଇବାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ଶଙ୍କର୍ଷଣ ଏକ ବାଉଁଶ ବାଡ଼ିରେ ରଇବାରୀଙ୍କ ମୁଣ୍ଡକୁ ପିଟି ରକ୍ତାକ୍ତ କରିଥିଲେ। କିଛି ସମୟ ପରେ ରଇବାରୀଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ଶଙ୍କର୍ଷଣ ଏ ବାବଦରେ କାହାକୁ କିଛି ଜଣାଇ ନ ଥିଲେ। ରବିବାର ସକାଳେ ପଡ଼ୋଶୀ ଘଟଣା ବାବଦରେ ଜାଣି ପୋଲିସକୁ ଖବର ଦେଇଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୪୧୩/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଏହି ଗ୍ରାମରେ ବର୍ଷତମାମ ବେଆଇନ ଭାବେ ଦେଶୀ ମଦ ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ସେମିତି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଓଡ଼ିଶାର ୩ ଜିଲାରେ ଛତିଶଗଡ଼ୀ ମାଓବାଦୀ

ଭୁବନେଶ୍ୱର, ୨୩।୧୧(ତ୍ରିନାଥ ମହାନ୍ତି)

**ଡିଜିପିଙ୍କ ଗ୍ରସ୍ତ ପରେ ଆରମ୍ଭ ହେଲା ଅପରେଶନ 'ନିପାତ'**

ଗତ କିଛିମାସ ହେବ ଛତିଶଗଡ଼ରେ ଜୋର୍‌ଦାର ମାଓବାଦୀ ଅପରେଶନରେ ଟପ୍ କ୍ୟାଡରଙ୍କ ମୃତ୍ୟୁ ଘଟିଛି। ଫଳରେ ଭୟରେ ଶତାଧିକ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି। ଏଥିସହ ସୁରକ୍ଷା ପାଇଁ ଛତିଶଗଡ଼ୀ ମାଓବାଦୀ ଏବେ ଓଡ଼ିଶାର ୩ ଜିଲାକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି। କନ୍ଧମାଳ, ଗଜପତି ଏବଂ ରାୟଗଡ଼ା ଜିଲାର ଜଙ୍ଗଲରେ ଛତିଶଗଡ଼ୀ ମାଓବାଦୀ ଲୁଚିଲୁଚି ବୁଲିବା ସହ ପାହାଡ଼ ଗୁମ୍ଫା ଭିତରେ କ୍ୟାମ୍ପ କରୁଛନ୍ତି। ସଂଗଠନ ଦୋହଲି ଯାଇଥିବାରୁ ସେମାନେ କନ୍ଧମାଳରେ ନିଜର ସ୍ଥିତି ଜାହିର କରିବାକୁ ବଡ଼ ଯୋଜନାରେ ଲାଗି ପଡ଼ିଛନ୍ତି। ସେଠାରେ ଗରିବ ଆଦିବାସୀଙ୍କୁ ମିଛ କଥା କହି ସଂଗଠନରେ ସାମିଲ କରିବା ସହ ପୋଲିସ ବିରୋଧରେ ସେମାନଙ୍କ ମନରେ ବିଷ ଭରୁଛନ୍ତି। ବଡ଼ କଥା ହେଲା ସୁରକ୍ଷାବାହିନୀ ହିଟ୍ ଲିଷ୍ଟରେ ରହିଛନ୍ତି ମାଓ ଦମ୍ପତି ନିଖିଲ ଓ ଇନ୍ଦୁ। ଏମାନଙ୍କ ନାଁରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ରହିଛି। ଏହି ଦୁଇ ମାଓବାଦୀ ଦମ୍ପତି ଯେଉଁଠି ଯାଇଛନ୍ତି ସେଠାରେ ସଂଗଠନ ମଜଭୁତ କରିବା ସହ ବ୍ୟାପକ ହିଂସା ଘଟାଇଥାନ୍ତି। ତେଣୁ କନ୍ଧମାଳରେ ଶରଣ ନେଇଥିବାରୁ ପୋଲିସର ଚିନ୍ତା ବଢ଼ିଛି। ତେବେ ଗତ କିଛିଦିନ ହେବ ପୋଲିସ ନିକଟକୁ ଛତିଶଗଡୀ ମାଓବାଦୀଙ୍କ ସଦସ୍ୟ ସଂଗ୍ରହ ଖବର ଆସିବା ପରେ କନ୍ଧମାଳରେ ବଡ଼ ଧରଣର ଅପରେଶନ କରିବାକୁ ଡିଜିପି ୱାଇ.ବି ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଡିଜିପି ଶନିବାର ଯବାନ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବା ପରେ ରବିବାର ଠାରୁ ଅପରେଶନ 'ନିପାତ'କୁ ଜୋରଦାର କରାଯାଇଛି। ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ ହୋଇ ଯବାନ ଏବଂ ପୋଲିସ ବାଲିଗୁଡ଼ା ସବ୍‌ଡିଭିଜନ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରାଯାଇଛି। ଡ୍ରୋନ ଉଡାଇ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି।

# କାଠଫାଳିଆରେ ପିଟି ଜଣଙ୍କୁ ହତ୍ୟା

କୋଟଗଡ଼/ ବାଲିଗୁଡ଼ା,୨୩।୧୧
(କାଳିପ୍ରସାଦ ତ୍ରିପାଠୀ/ ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ଥାନା ଯୁଗାପଦର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ କାଠଫାଳିଆରେ ପିଟିପିଟି ଜଣେ ଜଣଙ୍କୁ ହତ୍ୟା କରିଛନ୍ତି। ହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ମୃତକ ଜଣକ କଞ୍ଚାମେଣ୍ଡି ଗ୍ରାମର ଅଲେଖ ନାୟକ (୫୫) ବୋଲି ଜଣାପଡ଼ିଛି। ହତ୍ୟା ଅଭିଯୁକ୍ତ ଯୁଗାପଦର ଗ୍ରାମର ମିଥୁନ ମଲ୍ଲିକ (୩୪)ଙ୍କୁ ପୋଲିସ ଗିରଫ କରିଛି।

ସୂଚନା ପ୍ରକାରେ, ଭଣଜାଙ୍କର ମୃତ୍ୟୁ ହୋଇଥିବାରୁ ଶନିବାର ରାତିରେ ଅଲେଖ ଯୁଗାପଦର ସ୍ଥିତ ତାଙ୍କ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଅଲେଖ ପରିସ୍ରା କରିବା ପାଇଁ ବାହାରକୁ ଉଠିଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ମିଥୁନ ତାଙ୍କୁ କାଠଫାଳିଆରେ ପିଟି ହତ୍ୟା କରିଥିବା ଅଲେଖଙ୍କ ସମ୍ପର୍କୀୟ ପ୍ରକାଶ କରିଛନ୍ତି। ଖବରପାଇ ଘଟଣାସ୍ଥଳରେ କ.ନୁଆଗାଁ ପୋଲିସ ପହଞ୍ଚି ମିଥୁନଙ୍କୁ ନିଜ ହେପାଜତକୁ ନେଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ନଂ. ୧୮୦/୨୫ ରେ ମାମଲା ରୁଜୁ କରି ମିଥୁନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା କହିଛନ୍ତି।

## Business

# ଭାରତ-ଜର୍ଜିଆ ରେଶମ ଓ ବସ୍ତ୍ର ସହଯୋଗରେ ନୂଆ ଅଧ୍ୟାୟ

ଭୁବନେଶ୍ୱର,୨୩।୧୧

ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ନଭେମ୍ବର ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଜର୍ଜିଆ ଗସ୍ତ କରି ରେଶମ ଉତ୍ପାଦନ, ବସ୍ତ୍ର, ପୋଷାକ ଓ କାର୍ପେଟ ବାଣିଜ୍ୟ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ନୂଆ ଉଚ୍ଚତାକୁ ନେଇଛନ୍ତି। କେନ୍ଦ୍ରୀୟ ରେଶମ ବୋର୍ଡର ସଦସ୍ୟ-ସଚିବ ତଥା ଆନ୍ତର୍ଜାତିକ ରେଶମ କମିଶନର ମହାସଚିବ ପି. ଶିବକୁମାରଙ୍କ ନେତୃତ୍ୱରେ ଯାଇଥିବା ଏହି ଦଳ ଜର୍ଜିଆରେ ଅନୁଷ୍ଠିତ ୧୧ତମ ବାକ୍ୱା ଆନ୍ତର୍ଜାତିକ ସମ୍ମିଳନୀ 'କଲ୍ଚୁସେରି ୨୦୨୫'ରେ ଯୋଗଦାନ କରିଥିଲେ। ଶିବକୁମାର ଏହି ସମ୍ମିଳନୀର ଉଦଘାଟନୀ ଭାଷଣ ଦେଇ ଭାରତର ପାରମ୍ପରିକ ରେଶମ ଜ୍ଞାନ ଓ ସୃଜନଶୀଳ ସାଂସ୍କୃତିକ ଶିଳ୍ପ ସହ ତା'ର ସମ୍ପର୍କକୁ ଉଜାଗର କରିଥିଲେ। ସେ ଏକ ବୈଷୟିକ ପ୍ରବନ୍ଧ 'ଦ କ୍ରନିକଲସ୍ ଅଫ୍ ୱାଇଲ୍ଡ ସିଲ୍କ' ମଧ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ ରେଶମ ବୋର୍ଡର ନିର୍ଦ୍ଦେଶକ (ଟେକ) ଡ. ଏସ. ମଞ୍ଜିରା ମୂର୍ତ୍ତି ଭାରତ-ବୁଲଗେରିଆ ମିଳିତ ସହଯୋଗରେ ଭାରତ ପାଇଁ ଉନ୍ନତ ବାଇଭୋଲଟାଇନ ରେଶମ ଗୁଣ୍ଡ ହାଇବ୍ରିଡ ତିଆରି ବିଷୟରେ ଏକ ପ୍ରବନ୍ଧ ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ଭାରତର ଅଭିନବ ଉତ୍ପାଦ ୫-ଇନ-୧ ରେଶମ ଷ୍ଟୋଲକୁ ପ୍ରଦର୍ଶନ କରାଯାଇଥିଲା। ମଲବେରୀ, ଓକ ଟସର, ଟ୍ରପିକାଲ ଟସର, ମୁଗା ଓ ଏରି ଏହି ୫ ପ୍ରକାର ରେଶମକୁ ଏକାଠି ମିଶାଇ ତିଆରି ଏହି ପ୍ରିମିୟମ ଷ୍ଟୋଲ ଭାରତର ସମୃଦ୍ଧ ରେଶମ ଐତିହ୍ୟର ଅନନ୍ୟ ପ୍ରତୀକ ରୂପେ ପ୍ରଶଂସିତ ହୋଇଛି। ଏହାର ବଜାର ସମ୍ଭାବନା ମଧ୍ୟ ଅତ୍ୟଧିକ ବୋଲି ମତ ପ୍ରକାଶ ପାଇଛି। ପ୍ରତିନିଧି ଦଳ ଜର୍ଜିଆର ବିଶ୍ୱବିଦ୍ୟାଳୟ, ରେଶମ ଗବେଷଣାଗାର, ବସ୍ତ୍ର କମ୍ପାନୀ, ପୋଷାକ ଉତ୍ପାଦକ, କାର୍ପେଟ ବ୍ୟବସାୟୀ ଓ ଜର୍ଜିଆ ଚାମ୍ବର ଅଫ କମର୍ସ ଏବଂ ଇଣ୍ଡଷ୍ଟ୍ରି (ଜିସିସିଆଇ) ସହ ଆଲୋଚନା କରିଛନ୍ତି। ଦୁଇ ଦେଶ ମଧ୍ୟରେ ବସ୍ତ୍ର ବାଣିଜ୍ୟ ବୃଦ୍ଧି, ଶିଳ୍ପ ସହଯୋଗ ଓ ରେଶମ ଗବେଷଣାରେ ମିଳିତ ପ୍ରୟାସର ନୂଆ ସୁଯୋଗ ସୃଷ୍ଟି ହୋଇଛି।



# ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିକୁ ବିରଳ ସଫଳତା

ଭୁବନେଶ୍ୱର,୨୩।୧୧

ଭୁବନେଶ୍ୱର ଗଙ୍ଗନଗରସ୍ଥିତ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ପକ୍ଷରୁ ମାଗ୍ନିଫାଇଂ ଏଣ୍ଡୋସ୍କୋପି ବା ଜୁମ୍ ଏଣ୍ଡୋସ୍କୋପି ସମ୍ପର୍କିତ ଏକ ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରୁ ୩ଜଣ ପେଟ ଓ ଲିଭର ବିଶେଷଜ୍ଞଙ୍କ ସମେତ ସାରା ଦେଶରୁ ୧୫ଜଣ ବିଶେଷଜ୍ଞ ଯୋଗଦେଇଥିଲେ। ଏଥିରେ ଭାରତବର୍ଷରେ ପ୍ରଥମ ଥର ପାଇଁ ଓଲିମ୍ପସ୍ କମ୍ପାନୀ ସହଯୋଗରେ ସାଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା । ସାଇ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ଡାକ୍ତର ଆଶୁତୋଷ ମହାପାତ୍ର ମାଗ୍ନିଫାଇଂ ଏଣ୍ଡୋସ୍କୋପି ବା ଜୁମ୍ ଏଣ୍ଡୋସ୍କୋପି ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭିକ ଅବସ୍ଥାରେ ଗ୍ୟାଷ୍ଟ୍ରିକ କ୍ୟାନସର କିପରି ନିରୂପଣ କରିହେବ ସେହି ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଡା. ଚିତ୍ତରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭିକ ଅବସ୍ଥାରେ ଗ୍ୟାଷ୍ଟ୍ରିକ କ୍ୟାନସର ନିରୂପଣ ଓ ଏଣ୍ଡୋସ୍କୋପି ମାଧ୍ୟମରେ ଉନ୍ନତ ଧରଣର ଚିକିତ୍ସା ପଦ୍ଧତିରେ ଓଡ଼ିଶାର ଲୋକମାନେ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଡା. ପଣ୍ଡା ବିସ୍ତୃତ ଆଲୋଚନା କରିଥିଲେ। ଡା. ଆଶୁତୋଷ ମହାପାତ୍ରଙ୍କ ସୂଚନାନୁସାରେ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଦେଶରେ ପ୍ରାରମ୍ଭିକ ଅବସ୍ଥାରେ ଗ୍ୟାଷ୍ଟ୍ରିକ କ୍ୟାନସର ଚିହ୍ନଟ ଓ ଚିକିତ୍ସାରେ ଦେଶର ଅଗ୍ରଣୀ ସ୍ଥାନରେ ରହିଛି । ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡା. ମହାପାତ୍ର ଜାପାନର ନ୍ୟାଶନାଲ କ୍ୟାନସର ସେଣ୍ଟର ଟୋକିଓ ଏବଂ ଓସାକା ଇଣ୍ଟରନ୍ୟାଶନାଲ କ୍ୟାନସର ସେଣ୍ଟରରୁ ତାଲିମ ନେଇଛନ୍ତି। ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡାକ୍ତର ଶୋନମୁନ ମହାପାତ୍ର ପ୍ରଥମ ଭାରତୀୟ ଡାକ୍ତର, ଯିଏକି ଯୁକ୍ତରାଷ୍ଟ୍ର ଆମେରିକାର ମେୟୋ କ୍ଲିନିକ୍‌ରୁ ଇଏସ୍‌ଡି ଶିକ୍ଷାପ୍ରାପ୍ତ କରିଛନ୍ତି। ଅନୁଷ୍ଠିତ କର୍ମଶାଳାରେ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜିର ପ୍ରସିଦ୍ଧ ଡା. ଜାହିର ନବି ବିଷୟରେ ଆଡଭାନ୍ସଡ ଏଣ୍ଡୋସ୍କୋପି ଇମେଜିଂ ପ୍ରଶିକ୍ଷଣ ଦେଇଥିଲେ।



# ଓୟୁଟିଆର୍‌ରେ ମଡେଲ ମେକିଂ କର୍ମଶାଳା

ଭୁବନେଶ୍ୱର,୨୩।୧୧(ଅନୁରାଧା ମହାରଣା)

ଡିଜାଇନ ଇନୋଭେଶନ ସେଣ୍ଟର (ଡିଆଇସି) ଏବଂ ଆର୍କିଟେକ୍ଚର ବିଭାଗଙ୍କ ସଂଯୁକ୍ତ ଉଦ୍ୟମରେ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ରେ ଦିନିକିଆ ମଡେଲ ମେକିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଳପତି ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆ ଶିକ୍ଷା, ଡିଜାଇନ ଓ ପ୍ରୟୋଗମୂଳକ କୌଶଳ ଦିଗରେ ଛାତ୍ରମାନଙ୍କ ଅଭିବୃଦ୍ଧି ପାଇଁ ପ୍ରେରଣା ଦେଇଥିଲେ। ହସ୍ତକଳା ମାଧ୍ୟମରେ ପ୍ରୋଟୋଟାଇପ ତିଆରି, ଡିଜାଇନ ଚିନ୍ତନ, ନବୋନ୍ମେଷ ଧାରଣା ଓ ପ୍ରାୟୋଗିକ କୌଶଳ ଅର୍ଜନ କରାଇବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ୧ର ଛାତ୍ରୀଛାତ୍ରମାନେ ଯୋଗ ଦେଇ ଆର୍କିଟେକ୍ଚର ବିଭାଗର ଛାତ୍ରମାନଙ୍କ ସହଯୋଗରେ ନିଜର ମଡେଲ ଡିଜାଇନ ଦକ୍ଷତାକୁ ବୃଦ୍ଧି କରିପାରିବା ସୁଯୋଗ ପାଇଥିଲେ। ଡିଆଇସି ଇନଚାର୍ଜ ଅଧ୍ୟାପକ ସମରଜିତ ପଟ୍ଟନାୟକ ଏବଂ ଅଧ୍ୟାପକ ଦେବୀ ପ୍ରସାଦ ଦାସଙ୍କ ଉଦ୍ୟମରେ ଅନୁଷ୍ଠିତ କର୍ମଶାଳାରେ ବିଭାଗ ଅଧ୍ୟକ୍ଷ ପ୍ରଫେସର ପାର୍ଥ ପ୍ରତିମ କର୍ମାକର, ଅଧ୍ୟାପିକା ସୁସ୍ମିତା ବିଶ୍ୱାଳ, ଅଧ୍ୟାପକ ଅସିତ ରାଉତ ଏବଂ ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ।



# ବୁଢ଼ାବାବା ହସ୍ପିଟାଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୨୩।୧୧

ଗୁରୁ ବୁଢ଼ାବାବାଙ୍କ ୯୭ତମ ଜନ୍ମବାର୍ଷିକୀ ଅବସରରେ ରବିବାର ଦିନ ଯୋବ୍ରାସ୍ଥିତ ଲକ୍ଷ୍ମୀବଜାରଠାରେ ସ୍ଥାପିତ ବୁଢ଼ାବାବା ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ପରିସରରେ ଏକ ନିଃଶୁଳ୍କ ସାସ୍ଥ୍ୟ ଶିବିର ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅର୍ଥୋପେଡିକ୍ସ, ଗାଇନୋକୋଲୋଜି, ନ୍ୟୁରୋଲୋଜି, ଜେନେରାଲ ସର୍ଜରି ଏବଂ କାର୍ଡିଓଲୋଜିର ବିଶେଷଜ୍ଞ ଡାକ୍ତରମାନେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଏଥିସହିତ ସେମାନେ ନିଜର ବିଏମ୍‌ଡି, ଲିପିଡ ପ୍ରୋଫାଇଲ, ଏଲ୍‌ଏଫ୍‌ଟି ଏବଂ ବ୍ଲଡ ସୁଗାର ଆଦି ପରୀକ୍ଷା ବିନା ମୂଲ୍ୟରେ କରାଇଥିଲେ । ରକ୍ତର ଅଭାବକୁ ଦୃଷ୍ଟିରେ ରଖି ହସ୍ପିଟାଲ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ୬୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ହସ୍ପିଟାଲର ପ୍ରତିଷ୍ଠାତା ତଥା ସର୍ଜରି ବିଶେଷଜ୍ଞ ଡାକ୍ତର ଉମେଶ ରାୟ କହିଥିଲେ, ସେବା ଆମର ମୂଳ ଲକ୍ଷ୍ୟ ଏବଂ ଆମେ ଆମର ସେବା କାର୍ଯ୍ୟକୁ ଜାରି ରଖୁଛୁ। ଏହି ଶିବିରରେ ସ୍ଥାନୀୟ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଇଂ. ସୁବ୍ରତ ଘଡାଇ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ପ୍ରାଧ୍ୟାପକ ଡ. ସେକ କଲିମୁଲ୍ଲା, ସାମାଜିକ କର୍ମୀ ବିଶ୍ୱଜିତ ସ୍ୱାଇଁ, ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶିକା ମମତା ବେଉରା, ରାକେଶ ରାୟ, ଡା. ଅମରେଶ ମହାପାତ୍ର, ଡା. ମାନସୀ ମହାପାତ୍ର, ଡା. ମହୀଜା ସାହୁ, ଡା.ପ୍ରଦୀପ୍ତ କୁମାର ନାୟକ, ଡା. ସତ୍ୟଶିଷ କବି, କାର୍ଯ୍ୟନିର୍ବାହୀ ଅଧିକାରୀ ରିତେଶ କୁମାର ପୁହାଣ, ଏଚ୍‌ଆର ସୌରଜିତ ଦେ, ମାନସ ରଞ୍ଜନ ସିଂହ, ମାନସୀ ହରପ୍ରିୟା ପ୍ରଧାନ, ବିଜୟ ଗୋଚ୍ଛାୟତ, ନିର୍ମଳ କୁମାର ସେଠୀ, ସୁରଜିତ ଦେ, ବଳରାମ ରାଉତ, ରମେଶ ଶାହା ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ୭ମ ସ୍ଥାନରେ ଭିଆଇଟି

ଭୁବନେଶ୍ୱର,୨୩।୧୧
(ଅନୁରାଧା ମହାରଣା)

**ସଷ୍ଟେନେବିଲିଟି ର୍‍ୟାଙ୍କିଙ୍ଗ-୨୦୨୬**

ତାମିଲନାଡୁର ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଭିଆଇଟି) ପରିବେଶ ସ୍ଥିରତା ଓ ସାମାଜିକ ପ୍ରଭାବ କ୍ଷେତ୍ରରେ ବଡ଼ ସଫଳତା ହାସଲ କରିଛି। କ୍ୱାକରେଲି ସାଇମଣ୍ଡସ (କ୍ୟୁଏସ) ଦ୍ୱାରା ପ୍ରକାଶିତ 'କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ: ସଷ୍ଟେନେବିଲିଟି ୨୦୨୬'ରେ ଭିଆଇଟି ଭାରତରେ ୭ମ ସ୍ଥାନ ଏବଂ ବିଶ୍ୱରେ ୩୫୨ତମ ସ୍ଥାନ ଅଧିକାର କରି ନୂଆ ରେକର୍ଡ ସ୍ଥାପନ କରିଛି। ପରିବେଶ ପ୍ରଭାବ ବର୍ଗରେ ଭିଆଇଟି ବିଶ୍ୱରେ ୧୯୪ତମ ସ୍ଥାନ ପାଇଛି। ଏହି ର୍‍ୟାଙ୍କିଙ୍ଗରେ ମୋଟ ୭୪.୯ ସ୍କୋର ହାସଲ କରିଛି ବିଶ୍ୱବିଦ୍ୟାଳୟ। ଏହି ସଫଳତା ଘୋଷଣା କରି ଭିଆଇଟିର ଚାନ୍ସେଲର ଡ. ଜି. ବିଶ୍ୱନାଥନ କହିଛନ୍ତି, କ୍ୟୁଏସ ସଷ୍ଟେନେବିଲିଟି-୨୦୨୬ରେ ସମାନତା, ଜ୍ଞାନ ବିନିମୟ, ଶିକ୍ଷାର ପ୍ରଭାବ, ନିଯୁକ୍ତି ଓ ସୁଯୋଗ, ସ୍ୱାସ୍ଥ୍ୟ ଓ କଲ୍ୟାଣ, ପରିବେଶ ସ୍ଥିରତା, ପରିବେଶ ଶିକ୍ଷା, ପରିବେଶ ଗବେଷଣା ଓ ସାମାଜିକ ପ୍ରଭାବ ଏହି ୮ଟି ମାନଦଣ୍ଡରେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରାଯାଏ। ଏଥିରେ ଭିଆଇଟି ଅତ୍ୟନ୍ତ ଉତ୍କୃଷ୍ଟ ପ୍ରଦର୍ଶନ କରିଛି। ବିଶେଷକରି ସାମାଜିକ ପ୍ରଭାବ, ପରିବେଶ ପ୍ରଭାବ ଓ ଗଭର୍ନାନ୍ସ କ୍ଷେତ୍ରରେ ଅଗ୍ରଣୀ ରହିଥିବା ସେ କହିଛନ୍ତି। ଡ. ବିଶ୍ୱନାଥନ ଆହୁରି କହିଛନ୍ତି, ପରିବେଶ ପ୍ରଭାବ ବର୍ଗରେ ୭୮.୧ ସ୍କୋର ପାଇଁ ବିଶ୍ୱରେ ୧୯୪ତମ ସ୍ଥାନ ମିଳିଛି। ଗତ ବର୍ଷ ଆମେ ବିଶ୍ୱରେ ୩୯୬ତମ ସ୍ଥାନରେ ଥିଲୁ, ଏବର୍ଷ ୪୪ ର୍‍ୟାଙ୍କ ଉପରକୁ ଉଠି ୩୫୨ତମ ସ୍ଥାନ ପାଇଛୁ। ଏହି ର୍‍ୟାଙ୍କିଙ୍ଗରେ ୧୦୬ଟି ଦେଶରୁ ୨,୦୦୦ରୁ ଅଧିକ ବିଶ୍ୱବିଦ୍ୟାଳୟଙ୍କୁ ମୂଲ୍ୟାଙ୍କନ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲକ୍ଷ୍ୟ ସେନ୍ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ


ଚାମ୍ପିୟନ ଟ୍ରଫି ସହ ଲକ୍ଷ୍ୟ ସେନ୍।

**ସିଡ୍‌ନୀ, ୨୩।୧୧ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଷ୍ଟ୍ରେଲିଆନ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ଫାଇନାଲରେ ସେ ଜାପାନର ୟୁଶି ଟନକାଙ୍କୁ ହରାଇ ଦେଇଛନ୍ତି। ୨୦୨୫ ସିଜନରେ ଏହା ହେଉଛି ତାଙ୍କର ପ୍ରଥମ ଟାଇଟଲ। ପ୍ୟାରିସ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିବା ପରେ ଆଲମୋରାର ଏହି ୨୪ ବର୍ଷୀୟ ଖେଳାଳି ଖରାପ ସମୟ ଦେଇ ଗତି କରୁଥିଲେ। ରବିବାର ଫାଇନାଲରେ ସେ ୨୬ ବର୍ଷୀୟ ଟନକାଙ୍କୁ ୨୧-୧୫, ୨୧-୧୧ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ଲକ୍ଷ୍ୟ ୩୮ମିନିଟ ସମୟ ନେଇଥିଲେ। ଏଥିସହ ସେ ପୁରସ୍କାର ବାବଦରେ ୪୭୫,୦୦୦ ଆମେରିକୀୟ ଡଲାର ପକେଟସ୍ଥ କରିଛନ୍ତି। ଲକ୍ଷ୍ୟ କହିଛନ୍ତି, ଚଳିତ ସିଜନରେ ସେ ଉତ୍‌ଥାନ ଓ ପତନ ଦେଇ ଗତି କରିଛନ୍ତି। ଭଲ ଫଳାଫଳ ସହ ସିଜନ ଶେଷ କରିଥିବାରୁ ସେ ଖୁବ୍ ଆନନ୍ଦିତ। ଲକ୍ଷ୍ୟ ହେଉଛନ୍ତି ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା। ଗତଥର ସେ ତାଙ୍କର ଏକ ସୁପର ୩୦୦ ଟାଇଟଲ ୨୦୨୪ରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲରେ ଜିତିଥିଲେ। ମାତ୍ର ସେହିବର୍ଷ କାନାଡା ଓପନ ଜିତିବା ପରେ ଗୋଟିଏ ହେଲେ ବଡ଼ ଟୁର୍ଣ୍ଣାମେଣ୍ଟ ଜିତିପାରି ନ ଥିଲେ, ଯଦିଓ ସେପ୍ଟେମ୍ବରରେ ହଂକଂ ସୁପର ୫୦୦ରେ ସେ ରନରଅପ୍ ହୋଇଥିଲେ। ଏଠାରେ ସେ ଚଳିତବର୍ଷ ଓର୍ଲିନ୍ସ ମାଷ୍ଟର୍ସ ଓ ୟୁଏସ୍ ଓପନରେ ଦୁଇଟି ସୁପର ୩୦୦ ଟାଇଟଲ ବିଜେତା ବିଶ୍ୱର ୨୬ ନମ୍ବର ଟନକାଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ଜିତିଛନ୍ତି। ସେ ଉଚ୍ଚକୋଟୀର ପ୍ରଦର୍ଶନ ସହ ଗୋଟିଏ ହେଲେ ଗେମ୍ ଡ୍ରପ୍ ନ କରି ମ୍ୟାଚକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିଲେ।

# ପ୍ରଜ୍ୱଲଙ୍କୁ ପୁରୁଷ ସିଙ୍ଗଲ୍ସ ଟାଇଟଲ

## ଆଇଟିଏଫ୍ ୱାର୍ଲ୍ଡ ଟୁର୍ ଟେନିସ

**ଭୁବନେଶ୍ୱର, ୨୩।୧୧ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରଠାରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଏମ୍୧୫ରେ ଭାରତର ଏସ୍.ଡି. ପ୍ରଜ୍ୱଲ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ସେ ରୋମାଞ୍ଚକ ଫାଇନାଲରେ ନିଜ ଦେଶର ଦିଗ୍‌ବିଜୟ ପ୍ରତାପ ସିଂଙ୍କୁ ୭-୬ (୪), ୭-୬ (୧)ରେ ହରାଇ ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୨ ଘଣ୍ଟା ୮ମିନିଟ ଧରି ଚାଲିଥିଲା। ରବିବାର ଏହି ବିଜୟ ଦ୍ୱାରା ପ୍ରଜ୍ୱଲ ୨, ୧୬୦ ଆମେରିକୀୟ ଡଲାର ପୁରସ୍କାର ସହ ୧୫ ଏଟିପି ସିଙ୍ଗଲ୍ସ ର୍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ କରିଛନ୍ତି। ରନର-ଅପ୍ ଦିଗ୍‌ବିଜୟ ପ୍ରତାପ ସିଂ ୧, ୨୭୨ ଡଲାର ସହ ୮ ଏଟିପି ସିଙ୍ଗଲ୍ସ ର୍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ କରିଛନ୍ତି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ଯୁବସେବା ଓ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ୟେଦୁଲା ବିଜୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାଛଡ଼ା ଆଇଟିଏଫ୍ ଏବଂ ଓଡ଼ିଶା ଟେନିସ ଆସୋସିଏଶନ ଏବଂ ଟୁର୍ଣ୍ଣାମେଣ୍ଟର ନେତୃମଣ୍ଡଳ ଉପସ୍ଥିତ ଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ପୁରସ୍କାର ବିଜେତା।

## ଅସଦାଚରଣ ଅଭିଯୋଗ

# କୋଚ୍‌ଙ୍କୁ କ୍ଲିନ୍ ଚିଟ୍ ଦେଲା ହକି ଇଣ୍ଡିଆ

**ନୂଆଦିଲ୍ଲୀ, ୨୩।୧୧ (ପି.ଟି.)**

ହକି ଇଣ୍ଡିଆ (ଏଚ୍‌ଆଇ) ଜୁନିୟର ମହିଳା ହକି ଦଳର ଜଣେ କୋଚ୍‌ଙ୍କୁ ଅସଦାଚରଣ ଅଭିଯୋଗରୁ ଦୋଷ ମୁକ୍ତ ଘୋଷଣା କରିଛି। କେତେକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶିତ ଅଭିଯୋଗକୁ ଭିତ୍ତି କରି ହକି ଇଣ୍ଡିଆ ତରଫରୁ ଏହି ବିଷୟର ଆଭ୍ୟନ୍ତରୀଣ ତଦନ୍ତ ହୋଇଥିଲା। ମାତ୍ର ହକି ଇଣ୍ଡିଆ କିମ୍ବା ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ନିକଟରେ କେହି ଏ ସମ୍ପର୍କିତ କୌଣସି ଆନୁଷ୍ଠାନିକ ଅଭିଯୋଗ କରି ନ ଥିଲେ। କ୍ଲିନଚିଟ୍ ପାଇଥିବାରୁ କୋଚ୍ ଜଣକ ଏଥର ଚିଲିର ସାଣ୍ଟିଆଗୋରେ ଆୟୋଜିତ ବିଶ୍ୱକପ୍ ପାଇଁ ଦଳ ସହିତ ଗସ୍ତ କରିପାରିବେ।

## ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତା

# ଫାଇନାଲରେ ଇନକମ୍‌ଟାକ୍ସ ଚେନ୍ନାଇ

**ଢେଙ୍କାନାଳ, ୨୩।୧୧ (ରତନ ନାୟାର)**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତଯୋଗିତାରେ ରବିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଇନକମଟାକ୍ସ ଚେନ୍ନାଇ, ସନରାଇଜ୍ କ୍ଲବ କଟକକୁ ଟାଇବ୍ରେକର ଜରିଆରେ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ପ୍ରଥମ ସେମି ଫାଇନାଲ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ମଧ୍ୟରେ ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା । ଏହାପରେ ଟାଇବ୍ରେକର ତଥା ପେନାଲ୍‌ଟି ଶୁଟ୍‌ଆଉଟ୍ ମାଧ୍ୟମରେ ଇନକମଟାକ୍ସ ଚେନ୍ନାଇ ୭-୬ ଗୋଲରେ ସନରାଇଜ୍ କ୍ଲବ କଟକକୁ ପରାସ୍ତ କରିଥିଲା । ଏହି ମ୍ୟାଚରେ ଇନକମଟାକ୍ସ ଚେନ୍ନାର ଗୋଲ୍‌କିପର ଲକ୍ଷ୍ୟ ମ୍ୟାନ୍ ଅଫ୍ ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ରେଫରୀ ଆଶୀର୍ବାଦ କାନୁନ୍‌ଗୋ, ପ୍ରଦୀପ୍ତ ନାୟକ, ଦେବରାଜ ସ୍ୱାଇଁ, ଅନିଲ କୁମାର ନନ୍ଦ ଓ ଅରୁଣ ନାୟକ ମ୍ୟାଚକୁ ପରିଚାଳନା କରିଥିଲେ । ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ । ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ର ଓ ରାଜ୍ୟ ସମବାୟ ବ୍ୟାଙ୍କ ଓଡିଶାର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ । ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର ଓ ଗୌରାଙ୍ଗ ସେଠୀ, ମନୋଜ କୁମାର ପଟ୍ଟନାୟକ, ପ୍ରତାପ ମହାନ୍ତି, ମନୋଜ ଦାସ, ବାବୁ ପାଢୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ପ୍ରତୀକ ଭଞ୍ଜ, ପର୍ଶୁରାମ ମିଶ୍ର, ସରୋଜ କୁମାର ପାଢୀ, ବିଭୂତି ଭୂଷଣ ପଟ୍ଟନାୟକ, ଅମିୟ ଭୂଷଣ ସାହୁ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।


ଇନକମଟାକ୍ସ ଚେନ୍ନାଇ ଓ ସନରାଇଜ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ।

# ବେଙ୍ଗଲ ଦଳରେ ଶାମି, ଆକାଶ ଦୀପ

**କୋଲକାତା, ୨୩।୧୧ (ପି.ଟି.)**

ବର୍ତ୍ତମାନ ଭାରତୀୟ ଦଳ ବାହାରେ ଥିବା ପେସ୍ ବୋଲର ମହମ୍ମଦ ଶାମିଙ୍କୁ ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ବେଙ୍ଗଲ ଦଳରେ ସାମିଲ କରାଯାଇଛି। ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟରେ ସେ ୪ଟି ମ୍ୟାଚରେ ୨୦ ଉଇକେଟ ନେଇଥିଲେ। ଗୋଡ଼ ଇଞ୍ଜୁରୀରୁ ଉପଶମ ପାଇବା ପରେ ବର୍ତ୍ତମାନ ଫିଟ୍ ଥିବା ଶାମି ଚଳିତ ରଣ୍ଜୀ ଟ୍ରଫିରେ ବେଙ୍ଗଲ ଖେଳିଥିବା ୫ଟି ମ୍ୟାଚ ମଧ୍ୟରୁ ୪ଟିରେ ଖେଳିଛନ୍ତି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ତାଙ୍କ ୧୫ ଉଇକେଟ ସଫଳତା ଯୋଗୁ ବେଙ୍ଗଲ ଲଗାତର ଉତ୍ତରାଖଣ୍ଡ ଓ ଗୁଜରାଟ ବିପକ୍ଷରେ ମ୍ୟାଚ ଜିତିଥିଲା। ଶୁକ୍ରବାର ଘୋଷଣା କରାଯାଇଥିବା ୧୭ ଜଣିଆ ବେଙ୍ଗଲ ଦଳରେ ଶାମିଙ୍କ ସହ ଭାରତର ଆଉ ଜଣେ ପେସ୍ ବୋଲର ଆକାଶଦୀପ ସ୍ଥାନ ପାଇଛନ୍ତି। ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ଅଧିନାୟକ କରାଯାଇଛି। ଭାରତୀୟ ଚୟନକର୍ତ୍ତାମାନେ ଶାମିଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ ଏବଂ ପରେ ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଦଳରେ ସ୍ଥାନ ଦେଇ ନାହାନ୍ତି। କିନ୍ତୁ ଏହି ଭେଟେରାନ ପେସ୍ ବୋଲର ଦଳକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିବା ଲାଗି ଆଗ୍ରହୀ ଅଛନ୍ତି।


# Classified Everyday
0674-2580101, 9692975378


REAL ESTATE

SALE

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ– **9438362273.** D-12

LIG House (136, 137, 138, 139) for sale at Sector- 3, Niladri Vihar, Near Pani Tanki, Bhubaneswar. Contact- 9437229575. D-2649

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ– 9776974912. D- 10


CONSTRUCTION

Construct Your Home With Tata Rod, Ultratech Cement, Colour Electrical, PHD, Door Complete 1350/-. 9827152441. D-2650




All type of physiotherapy, contact Number- 9556924059/ 765696134, Jharapada. D-1603

The massage felt totally professional, & comfortable at all times- 7978109255. D-216

AFFIDAVIT

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, MUNIGUDA ON DATED- 1.11.2025 (SL. NO. 1893), I, DADINGA BREAKBREDEKA OF VILLAGE- BALADAGUDA, P.O.- DUKUM, P.S.- BISSAMCUTTACK, DIST.- RAYAGADA DECLARE THAT I HAVE CHANGED MY (MINOR) NAME FROM KASHI BREKBREDAKA TO SAMEER BREKBREDAKA. HENCEFORTH, MY SON SHALL BE KNOWN AS SAMEER BREKBREDAKA FOR ALL PURPOSE. D-2663

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, MUNIGUDA ON DATED- 4.11.2025 (SL. NO. 1899), I, MOHAN GADAKA OF VILLAGE- JAMBAKHAL, P.O.- HANUMANTHPUR, P.S.- CHANDRAPUR, DIST.- RAYAGADA DECLARE THAT I HAVE CHANGED MY (MINOR) NAME FROM LIPAMA GADAKA TO LIPSA GADAKA. HENCEFORTH, MY DAUGHTER SHALL BE KNOWN AS LIPSA GADAKA FOR ALL PURPOSE. D-2664

LOST

ବନମାଳୀପ୍ରସାଦ ମୌଜାର ବୃନ୍ଦାବନ ଭଞ୍ଜଙ୍କ ନାମରେ RSD No.- 649/1991, dt.- 12.02.1991 ଟି ତା. 20.11.25 ରେ କେଉଁଠାରେ ହଜିଯାଇଛି। ଯଦି କେହି ପାଆନ୍ତି 7008104110 ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୬୬୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଲକ୍ଷ୍ମୀଧର ସାହୁ (ଟିକମ)
ବାଲିଅନ୍ତା, (ଭୁବନପୁର)
ଆବିର୍ଭାବ– ୦୧.୦୧.୧୯୪୬
ତିରୋଧାନ– ୧୪.୧୧.୨୦୨୫
ହଠାତ୍ ଆମକୁ ଛାଡି କେଉଁ ଅଫେରା ରାଇଜକୁ ଚାଲିଗଲ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀନିକୁଞ୍ଜବିହାରୀଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବଡ ପୁଅ– ଦିଲୁ, ସାନପୁଅ– ନୀଲୁ, ଏକମାତ୍ର ଶଳା– ଅଭିନ, ଶଳା ଭାଉଜ– ସୁନିତା, ବୋହୂ– ଅରୁନ୍ଧତୀ, ସସ୍ମିତା, ଜ୍ୱାଇଁ– ସୁକାନ୍ତ, ଉମେଶ, ସନ୍ତୋଷ, କାର୍ତ୍ତିକ, ଝିଅ– ମାମିନା, କବି, ବବି, ରିତାନୀ, ନାତି– ଗୁଡୁ, ଲାଡୁ, ମୁନା, ସାଇରାଜଓ କ୍ରିଷ୍ଣା ଓ ସମସ୍ତ ବନ୍ଧୁ ପରିବାରବର୍ଗ।

ସପ୍ତମ ଶ୍ରାଦ୍ଧବାର୍ଷିକୀ



୰ଚନ୍ଦ୍ରଶେଖର ଖାଡଙ୍ଗା
ବଡପଦର, ବେଗୁନିଆ
ତିରୋଧାନ ଦିବସ
୧୧.୧୨.୨୦୧୮
ମାର୍ଗଶିର ଶୁକ୍ଳ ଚତୁର୍ଥୀ
ଆପଣଙ୍କ ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରଣତି।
ଶୋକସନ୍ତପ୍ତ
ପ୍ରମୋଦ, ପ୍ରତିମା, ପ୍ରଫୁଲ୍ଲ, ନିରୁପମା

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁରେଶ କୁମାର ସାହୁ
(ଶଙ୍କର ମହାଜନ)
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ
ହା. ସା– ଟଙ୍କପାଣି ରୋଡ, ଭୁବନେଶ୍ୱର
ଆବିର୍ଭାବ– ୧୪.୦୪.୧୯୫୧
ତିରୋଧାନ– ୧୩.୧୧.୨୦୨୫
ତୁମ ସ୍ନେହ ଶ୍ରଦ୍ଧା ଆଶିଷ ଆଉ କରୁଣା ବାରି, ବରଷୁଥାଉ ଏମିତି ତୁମ ସ୍ମୃତିରୁ ଝରି।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ପତ୍ନୀ– ଝରଣା ସାହୁ, ପୁତ୍ର– ବିଭୂ ପ୍ରସାଦ, ବନ୍ଧୁ ଓ ପରିବାରବର୍ଗ

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

LEGAL NOTICE

IN THE COURT OF HON'BLE CIVIL JUDGE (SR. DIVN.), AT- PARALAKHEMUNDI.
Exec. Pet. No. 04/2025.
(Out of C.S. 07/2018)

Smt. Kalamata Bhagyalaxmi. .....Decree Holder
Versus
Sri Prafulla Kumar Patro .....Judgement Debtor.

PUBLICATION UNDER ORDER V RULE 20 OF C.P.C.

To
Sri Prafulla Kumar Patro, S/o.- Late Hari Krushna Pattro, aged about 80 years, Hindu, Retd. Govt. Employee, resident of Chandraprabha Street, 2nd Lane, Town/P.O./ P.S.- Berhampur, Ganjam District, Odisha.

Whereas the Plaintiff / Petitioner has instituted the above proceeding against you for the reliefs claimed in the above petition. That inspite of the several steps taken by this Hon'ble Court in both ways such as through Court and postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 1st Day of Dec. 2025 at 10:30 AM to answer all material questions relating to the suit, failing which the suit/application will be disposed off in your absences according to law.

Given under my hand and seal of this Court this the 15th day of Nov 2025.

By Order
Sd/- Sheristadar.

Advocate for Decree Holder,
Smt. Itishree Mahapatra, D-2611

## ସନ୍ତୁଳିତ କୋଲେଷ୍ଟରଲ ଓ ଭିଟାମିନ-ଇ



ଭିଟାମିନ-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ବିଶେଷ ଭାବରେ ଏଥିରେ ଥିବା ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟପରି କାମ କରେ। ଏଭଳି ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରି ରହିଛି।

## ଉପକାରୀ ହଳଦୀ



ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କୁର୍‌କୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ୍ୟ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ୍ୟ ସାହାଯ୍ୟ କରେ।

# ବର୍ଜ୍ୟବସ୍ତୁ ପରିଚାଳନା ଓ ବାୟୋଚାର



ଡ. ଶିବାନୀ ମହାପାତ୍ର

''ବାୟୋଚାର ପ୍ରଯୁକ୍ତିବିଦ୍ୟା ହେଉଛି ଅପଚୟ ପରିଚାଳନା କ୍ଷେତ୍ର ମଧ୍ୟରେ ଜୈବ ଅପଚୟ ପରିଚାଳନାର ଏକ ନୂତନ ରୂପ। ଏହା ଅପଚୟ ପରିମାଣ ହ୍ରାସ କରେ, ଦୁର୍ଗନ୍ଧ ଦୂର କରେ ଏବଂ ଅପଚୟ ପରିଚାଳନା ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିପାରେ। ଏହା ସହିତ ବାୟୋଚାର ବିଷାକ୍ତ ପଦାର୍ଥ ଏବଂ ଭାରି ଧାତୁକୁ ବାହାର କରି ଅପଚୟ ଉତ୍ପାଦକୁ ସ୍ୱଚ୍ଛ ପାଣିରେ ପରିଣତ କରେ ଏବଂ ବୃତ୍ତାକାର ଅର୍ଥନୀତିରେ ଏହାର ଭୂମିକାକୁ ବୃଦ୍ଧି କରି ଅପଚୟ ଜଳକୁ ବିଶୋଧନ କରିପାରିଥାଏ।''



ବାୟୋଚାର ହେଉଛି ଏକ ପରିବର୍ତ୍ତନକାରୀ ସମାଧାନ, ଯାହା ଭବିଷ୍ୟତକୁ ଅଧିକ ସ୍ଥାୟୀ କରିବ। ଏହା ବର୍ଜ୍ୟ ପରିଚାଳନା ଏବଂ ବୃତ୍ତାକାର ଅର୍ଥନୀତି ମଧ୍ୟରେ ସମନ୍ୱୟ ସ୍ଥାପନ କରିବ। ଏହା ପାଇରୋଲିସିସ୍‌ରୁ ଏକ କାର୍ବନ-ସମୃଦ୍ଧ ଉତ୍ପାଦ, ଅର୍ଥାତ୍ ବାୟୋମାସର ବିଘଟନ, ଯାହା ଅପଚୟ ପୁନଃଚକ୍ରଣ, ପରିବେଶଗତ ଗୁଣବତ୍ତା ବୃଦ୍ଧି ଏବଂ ଆର୍ଥିକ ସ୍ଥିରତା ପାଇଁ ସମର୍ଥନ ନୀତି ଉପରେ ଆଧାରିତ। ପାଇରୋଲିସିସରେ ଅମ୍ଳଜାନ ବିନା ଅତି ଉଚ୍ଚ ତାପମାତ୍ରାରେ ଜୈବ ପଦାର୍ଥର ତାପଜ ବିଘଟନରୁ ଉତ୍ପନ୍ନ ହୋଇଥାଏ। ଏହି ପ୍ରକ୍ରିୟାରେ ଧାନ କୁଟା, ବନୀକରଣ ଅବଶିଷ୍ଟାଂଶ ଏବଂ ମ୍ୟୁନିସିପାଲିଟିର ଜୈବ ଅପଚୟ ପରି କୃଷି ଅବଶିଷ୍ଟାଂଶ ଇତ୍ୟାଦି ବହୁ ପରିମାଣରେ ବ୍ୟବହାର ହୋଇପାରେ। ପାଇରୋଲିସିସର ଉପ-ଉତ୍ପାଦଗୁଡ଼ିକ ପଚିଯିବା ଏବଂ ବାୟୁରେ ଛାଡ଼ିବା ପାଇଁ ଥିବା ସାମଗ୍ରୀଗୁଡ଼ିକୁ ସ୍ଥିର କରନ୍ତି, କାର୍ବନ ଡାଇଅକ୍ସାଇଡ ଏବଂ ମିଥେନକୁ କଠିନ କାର୍ବନ ଏବଂ ଶକ୍ତିରେ ନିର୍ଗତ କରନ୍ତି।

ପରିବେଶ ପାଇଁ ଏହାର ଲାଭ ସୁଦୂରପ୍ରସାରୀ। ପ୍ରଥମତଃ ବାୟୋଚାର ହେଉଛି କାର୍ବନ ସିକ୍ୱେଷ୍ଟରେସନର ଏକ ଉତ୍ତମ ଉପାୟ। ହଜାର ହଜାର ବର୍ଷ ଧରି ନିଷ୍କ୍ରିୟ ଭାବରେ ସଂଗୃହୀତ କାର୍ବନ ବାୟୋମାସ ଅପଚୟରୁ ଏହା ପ୍ରାପ୍ତ ହୁଏ। ଏଥିରେ କୃଷି ଏବଂ ବନୀକରଣ ଅବଶିଷ୍ଟାଂଶର ବିଶ୍ୱ ଉଷ୍ମତା ଉପରେ ପ୍ରଭାବକୁ ହ୍ରାସ କରିବାର କ୍ଷମତା ରହିଛି। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ମାଟିର ସ୍ୱାସ୍ଥ୍ୟକୁ ବୃଦ୍ଧି କରେ। ଏହା ଉର୍ବରତା ବୃଦ୍ଧି ସହିତ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରେ ଏବଂ ରାସାୟନିକ ସାର ବ୍ୟବହାର ହ୍ରାସ କରେ। ଏହା କୃଷିର ସବୁଜଗୃହ ଗ୍ୟାସ ନିର୍ଗମନକୁ ହ୍ରାସ କରେ ଏବଂ ସ୍ଥାୟୀ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିଥାଏ। ଏହା ବୃତ୍ତାକାର ଅର୍ଥନୀତିର ଧାରଣ ସମ୍ବଳର ନିରନ୍ତର ବ୍ୟବହାର ମାଧ୍ୟମରେ ଅପଚୟକୁ ଦୂର କରିବାକୁ ଚେଷ୍ଟା କରିଥାଏ। ଅର୍ଥନୈତିକ ଦୃଷ୍ଟିରୁ, ବାୟୋଚାର ଉତ୍ପାଦନ କମ୍ ମୂଲ୍ୟର ଜୈବ ଅପଚୟ ପରିଚାଳନାର ଏକ ନୂତନ ରୂପ। ଏହା ଅପଚୟ ପରିମାଣ ହ୍ରାସ କରେ, ଦୁର୍ଗନ୍ଧ ଦୂର କରେ ଏବଂ ଅପଚୟ ପରିଚାଳନା ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରେ। ଏହା ସହିତ ବାୟୋଚାର ବିଷାକ୍ତ ପଦାର୍ଥ ଏବଂ ଭାରି ଧାତୁକୁ ବାହାର କରି, ଅପଚୟ ଉତ୍ପାଦକୁ ସ୍ୱଚ୍ଛ ପାଣିରେ ପରିଣତ କରେ ଏବଂ ବୃତ୍ତାକାର ଅର୍ଥନୀତିରେ ଏହାର ଭୂମିକାକୁ ବୃଦ୍ଧି କରି ଅପଚୟ ଜଳକୁ ବିଶୋଧନ କରିପାରି ଥାଏ। ଯଦିଓ ଏହାର ଅନେକ ଲାଭ ଅଛି, ତଥାପି ଏହା ଆର୍ଥିକ ମାପକାଠି, ବଜାର ବିକାଶ ଏବଂ ବ୍ୟାପକ ସ୍ତରରେ ଗ୍ରହଣ ପାଇଁ ନିୟାମକ ସମର୍ଥନ ସହିତ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ବିଭିନ୍ନ ଆଞ୍ଚଳିକ ଏବଂ ଶିଳ୍ପ ପରିପ୍ରେକ୍ଷୀରେ ବାୟୋଚାର ସିଷ୍ଟମକୁ ଅପ୍ଟିମାଇଜ କରିବା ପାଇଁ ନିରନ୍ତର ଗବେଷଣା ଏବଂ ବିକାଶର ଆବଶ୍ୟକତା ରହିଛି। ଏହାଫଳରେ କାର୍ବନ ସିକ୍ୱେଷ୍ଟରେସନ ଏବଂ ବର୍ଜ୍ୟବସ୍ତୁ ହ୍ରାସରେ ଏହାର ଭୂମିକା ଜଡ଼ିତ ନୀତିଗୁଡ଼ିକ ବୃତ୍ତାକାର ଅର୍ଥନୀତି ସହିତ ବାୟୋଚାର ଏକୀକରଣରେ ସହାୟକ ହୋଇପାରେ।

ଅପଚୟକୁ ଏକ ଉଚ୍ଚ ମୂଲ୍ୟର ସାମଗ୍ରୀରେ ପରିଣତ କରେ, ଯାହା ଚାଷୀ, ବନ ବିଭାଗ ଏବଂ ଅପଚୟ ପରିଚାଳକଙ୍କ ପାଇଁ ରାଜସ୍ୱର ଏକ ନୂତନ ଉତ୍ସ ଖୋଲିଥାଏ। ଏହା ପ୍ରକ୍ରିୟା କୃଷି ଉପରେ ନିର୍ଭରଶୀଳ ଅର୍ଥନୀତିକୁ ପରିବର୍ତ୍ତନ କରିପାରି ଥାଏ। ଉଦାହରଣ ସ୍ୱରୂପ, ପୁନଃବନୀକରଣ ଏବଂ ସ୍ଥାୟୀ କୃଷି ଭଳି ପ୍ରକଳ୍ପ ଆର୍ଥିକ ଦୃଷ୍ଟିରୁ ଲାଭପ୍ରଦ ହୋଇପାରି ଥାଏ।

ବାୟୋଚାର ପ୍ରଯୁକ୍ତିବିଦ୍ୟା ହେଉଛି ଅପଚୟ ପରିଚାଳନା କ୍ଷେତ୍ର ମଧ୍ୟରେ

ବାୟୋଚାର ହେଉଛି ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବୃତ୍ତାକାର ଅର୍ଥନୀତି ମଧ୍ୟରେ ଏକ କେନ୍ଦ୍ରବିନ୍ଦୁ। ତେଣୁ ଏହା ଉଭୟ ପାଇଁ ସ୍ଥାୟୀ ଭବିଷ୍ୟତ ଆଣିବାର ପ୍ରତିଶ୍ରୁତି ଦେଉଛି। ପ୍ରକୃତରେ ବାୟୋଚାର ଉତ୍ପାଦନ ଦ୍ୱାରା ଅପଚୟକୁ ଏକ ସମ୍ବଳରେ ପରିବର୍ତ୍ତନ କରିବା ଯାହା ଶେଷରେ କୃଷି ଉତ୍ପାଦନକୁ ଲାଭଦାୟକ କରିବ ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ସାହାଯ୍ୟ କରିବ। ତା' ସହ ବୃତ୍ତାକାର ଅର୍ଥନୀତିକୁ ପ୍ରତିପାଦିତ କରିବ ଏବଂ ଏକ ଅଧିକ ସ୍ଥିର ଏବଂ ସ୍ଥାୟୀ ବିଶ୍ୱ ଆଡ଼କୁ ଏକ କାର୍ଯ୍ୟକ୍ଷମ ପଦକ୍ଷେପ ପ୍ରଦାନ କରିବ। ଏହି ପଦକ୍ଷେପର ଅର୍ଥ ହେବ ପରିବେଶଗତ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ଥାୟୀ ଭବିଷ୍ୟତର ପୂର୍ଣ୍ଣ ସାକାର ପାଇଁ ବିଶ୍ୱବ୍ୟାପୀ ବର୍ଜ୍ୟବସ୍ତୁ ପରିଚାଳନା ରଣନୀତି ପ୍ରସ୍ତୁତି ଏବଂ ସେମାନଙ୍କର ଆର୍ଥିକ ବ୍ୟବସ୍ଥାରେ ବାୟୋଚାର ଉତ୍ପାଦନ ଓ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିବା।

-ସହକାରୀ ପ୍ରଫେସର (ଗବେଷଣା),
ଜୈବ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୬୩୭୨୫୯୮୯୯୩

## ବ୍ରେନ୍ ଟ୍ୟୁମର : କିଛି କଥା



ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡିକକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ। ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସରି ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ମସ୍ତିଷ୍କ ଟ୍ୟୁମରର ପ୍ରମୁଖ ଲକ୍ଷଣଗୁଡ଼ିକ ମଧ୍ୟରେ ରହିଛି ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି, ଆଖିକୁ ଭଲ ଦେଖାନଯିବା ଏବଂ କାନକୁ ଭଲ ଶୁଣା ନ ଯିବା। ମାନସିକ ଅସ୍ଥିରତା ମଧ୍ୟ ଦେଖିବାକୁ ମିଳିଥାଏ। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ। ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ, ଏମ୍‌ଆର୍‌ଆଇ ସ୍କାନ, ପେଟ୍ ସ୍କାନ, ଇସିଜି, ଆଞ୍ଜିଓଗ୍ରାମ୍, ଭେଣ୍ଟିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରାଯାଇଥାଏ।

## ଜାଣିରଖନ୍ତୁ



➔କେତେକ ବ୍ୟକ୍ତି ଖାଇବା ପରେ ନିଶାଦ୍ରବ୍ୟ ସେବନ କରିଥାଆନ୍ତି। ଏଭଳି ଅଭ୍ୟାସ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ତେଣୁ ଏହାକୁ ବର୍ଜନ କରନ୍ତୁ। ତା' ସହ ଖାଇବା ପରେ ପରେ କଦାପି ଚା, କଫି କିମ୍ବା ଥଣ୍ଡା ପାନୀୟ ମଧ୍ୟ ପିଅନ୍ତୁ ନାହିଁ।

➔ଖାଇବା ଭିତରେ କେତେକେ ବାରମ୍ବାର ପାଣି ପିଅନ୍ତି। ଏହା ଏକ ଭଲ ଅଭ୍ୟାସ ନୁହେଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ବିଶେଷଭାବରେ ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏଥିପ୍ରତି ସତର୍କ ରହିବା ଦରକାର। ଖାଇବା ପରେ ପରେ ମଧ୍ୟ ପାଣି ପିଅନ୍ତୁ ନାହିଁ। ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।

➔ଯଦି କିଛି ଦାନ୍ତଜନିତ ସମସ୍ୟା ବିଷୟରେ ଜାଣିପାରୁଛନ୍ତି ତେବେ ତାହାକୁ ଅବହେଳା କରନ୍ତୁ ନାହିଁ। ଅଭିଜ୍ଞ ଦନ୍ତ ଡାକ୍ତରଙ୍କ ସହ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ।

➔ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ପାଚନ କ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ମିଳିଥାଏ।

➔ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

## ବାତ ମାରିବା ସମୟରେ ସାବଧାନତା

ମନେରଖିବା କଥା ଯେ ରୋଗୀଠାରେ ବାତ ମାରିବା ଲକ୍ଷଣ ଅସ୍ଥାୟୀ ଏବଂ ତାହା ମନକୁ ମନ ଉପଶମ ହୋଇଯାଏ। ବାତ ମାରିଲେ ରୋଗୀ ଦୁଲ୍‌କରି ପଡ଼ିଯାଇପାରେ। ତା'ର ଦେହ ଓ ମୁଣ୍ଡ ନିକଟରେ ରହିଥିବା କୌଣସି କଠିନ ପଦାର୍ଥରେ ହଠାତ୍ ବାଡ଼େଇ ହୋଇଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ୍। ମୁଣ୍ଡ ଯେପରି ଚଟାଣରେ ବାଡ଼େଇ ନ ହେବ, ସେଥିପାଇଁ ମୁଣ୍ଡ ତଳେ ନରମ ପତଳା ତକିଆ ରଖିବା ନିରାପଦ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ିବସି ଧରିବା ଠିକ୍ ନୁହେଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦିଅନ୍ତୁ। ଏହାଦ୍ୱାରା ତା'ର ଶ୍ୱାସକ୍ରିୟା ପ୍ରଭାବିତ ହୋଇ ନ ଥାଏ। ତା'ର ବେକ ଓ ଅଣ୍ଟା ପାଖରୁ ବୋତାମ କି ଗଣ୍ଠି ଫିଟେଇ ହୁଗୁଳା କରଦିଅନ୍ତୁ। ଆକ୍ରାନ୍ତ ବ୍ୟକ୍ତିଙ୍କ ପାଟିରେ କୌଣସି କାଠି କି ଚାମଚ ରଖନ୍ତୁ ନାହିଁ କି ତା' ପାଟି ଭିତରକୁ ନିଜ ଆଙ୍ଗୁଠି ଭର୍ତ୍ତି କରିବା ମଧ୍ୟ ନିରାପଦ ନୁହେଁ। ନିଜେ ଶାନ୍ତ ରହିବା ସହ ଅନ୍ୟମାନଙ୍କୁ ଶାନ୍ତ ରହିବା ପାଇଁ ପରାମର୍ଶ ଦିଅନ୍ତୁ। ରୋଗୀର ବାତ ମାରିବା ବନ୍ଦ ହୋଇ ଚେତା ଫେରିଆସିଲେ ତାକୁ ସାନ୍ତ୍ୱନା ଦିଅନ୍ତୁ। ବ୍ୟସ୍ତ ନ ହେବା ପାଇଁ ବୁଝାନ୍ତୁ। କିନ୍ତୁ ବାତ ମାରିବା ବନ୍ଦ ନ ହେଲେ, କିମ୍ବା ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକାଇ ରୋଗୀକୁ ତୁରନ୍ତ ହସ୍ପିଟାଲ୍ ନେଇଯାଆନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

➤ନିଜକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି କି? ତେବେ ଖାଦ୍ୟପେୟ ଏବଂ ଏକ ସନ୍ତୁଳିତ ଜୀବନଶୈଳୀ ବ୍ୟତୀତ ଆଉ ଏକ ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ନିଶାଦ୍ରବ୍ୟ ସେବନ ଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ।

➤ଅଧିକ ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।

➤ପ୍ରତିଦିନ ରାତିରେ ଉଷୁମ କ୍ଷୀର ପିଅନ୍ତୁ। ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି।

➤ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହାକୁ ନିୟମିତ ଖାଇଲେ ତାହା ଶରୀରକୁ ସତେଜ ରଖିଥାଏ।

➤କୌଣସି କାମ କରୁଥିବା ସମୟରେ ଯଦି ହାଲିଆ ଲାଗୁଛି, ତେବେ କିଛି ସମୟ ବାହାରେ ବୁଲି ଆସନ୍ତୁ। ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ କାମ ତୁଲାଇବାକୁ ଆହୁରି ଆଗ୍ରହ ସୃଷ୍ଟି ହେବ।

➤ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଡାକ୍ତରଙ୍କୁ ରୋଗ ବିଷୟରେ ସବିଶେଷ ବିବରଣୀ ଦିଅନ୍ତୁ।



# ନିଆରା ନୋବେଲ ବିଜ୍ଞାନୀ ଜନ୍ ବାର୍ଡିନ୍



ଭୀଷ୍ମ ଦେବ ବାଗ୍

''ସେ ଏକମାତ୍ର ବ୍ୟକ୍ତି, ଯିଏ ପଦାର୍ଥ ବିଜ୍ଞାନରେ ଦୁଇଥର ନୋବେଲ ପୁରସ୍କାର ଲାଭ କରିଛନ୍ତି। ୧୯୦୧ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ପଦାର୍ଥ ବିଜ୍ଞାନରେ ୧୧୯ ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ପଦାର୍ଥ ବିଜ୍ଞାନୀ ଜନ୍ ବାର୍ଡିନ୍ ଦୁଇଥର ଏହି ବିଶିଷ୍ଟ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ଜୀବନ ଏବଂ କାର୍ଯ୍ୟଶୈଳୀ ବିଶ୍ୱ ଉପରେ ଗୋଟିଏ ମନର ଅସାଧାରଣ ପ୍ରତିଭାକୁ ଉଦାହରଣ ଦିଏ।''



ଜନ୍ ବାର୍ଡିନ୍ ଆଧୁନିକ ବିଜ୍ଞାନ ଇତିହାସରେ ଏକ ଦୀପ୍ତିମନ୍ତ ପ୍ରତିଭା। ସେ ଏକମାତ୍ର ବ୍ୟକ୍ତି, ଯିଏ ପଦାର୍ଥ ବିଜ୍ଞାନରେ ଦୁଇଥର ନୋବେଲ ପୁରସ୍କାର ଲାଭ କରିଛନ୍ତି। ୧୯୦୧ ମସିହାରୁ ୨୦୨୫ ମସିହା ଯାଏ ପଦାର୍ଥ ବିଜ୍ଞାନରେ ୧୧୯ ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ପଦାର୍ଥ ବିଜ୍ଞାନୀ ଜନ୍ ବାର୍ଡିନ୍ ଦୁଇଥର ଏହି ବିଶିଷ୍ଟ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ଜୀବନ ଏବଂ କାର୍ଯ୍ୟଶୈଳୀ ବିଶ୍ୱ ଉପରେ ଗୋଟିଏ ମନର ଅସାଧାରଣ ପ୍ରତିଭାକୁ ଉଦାହରଣ ଦିଏ। ତାଙ୍କ ଅବଦାନ ଆଜିର ଅଧିକାଂଶ ପ୍ରଯୁକ୍ତି ବିଦ୍ୟାର ମୂଳଦୁଆ ପକାଇଛି। ସେ ୧୯୦୮ ମେ ୨୩ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ମାଡିସନ୍ ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଚାର୍ଲ୍ସ ବାର୍ଡିନ୍ ୱିସ୍କନସିନ ମେଡିକାଲ ସ୍କୁଲ ବିଶ୍ୱବିଦ୍ୟାଳୟରେ ଡିନ୍ ଥିଲେ। ବାର୍ଡିନ ପିଲାଦିନରୁ ଗଣିତ ଏବଂ ବିଜ୍ଞାନ ବିଷୟରେ ପ୍ରତିଭା ଦେଖାଇଥିଲେ। ସେ ବହୁତ କମ ବୟସରେ ହାଇସ୍କୁଲ ପଢ଼ା ସମାପ୍ତ କରିଥିଲେ। ସେ ୨୧ ବର୍ଷ ବେଳକୁ ବୈଦ୍ୟୁତିକ ଯାନ୍ତ୍ରିକ ବିଦ୍ୟାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିସାରିଥିଲେ। କିଛି ବର୍ଷ ଚାକିରି କରିବା ପରେ ସେ ପୁଣି ଶିକ୍ଷାକ୍ଷେତ୍ରକୁ ଫେରି ଆସିଲେ ଓ ଗାଣିତିକ ପଦାର୍ଥ ବିଜ୍ଞାନରେ ପିଏଚ୍.ଡି. ଆରମ୍ଭ କଲେ। ୧୯୩୬ ମସିହାରେ ସେ ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟରୁ ପି.ଏଚ୍‌ଡି. ପାଇଲେ।

ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ବାର୍ଡିନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ଟ୍ରାଞ୍ଜିଷ୍ଟର। ଏହି ଉଦ୍ଭାବନ ପ୍ରଯୁକ୍ତିବିଦ୍ୟା ଯୁଗକୁ ପରିଭାଷିତ କରିଛି। ଟ୍ରାଞ୍ଜିଷ୍ଟର ଉଦ୍ଭାବନ ପାଇଁ ସେ ୧୯୫୬ ମସିହାରେ ଆଉ ଦୁଇଜଣ ବିଜ୍ଞାନୀଙ୍କ ସହିତ ନୋବେଲ ପୁରସ୍କାର ଗ୍ରହଣ କରିଥିଲେ। ଟ୍ରାଞ୍ଜିଷ୍ଟର ପୂର୍ବରୁ ଇଲେକ୍ଟ୍ରୋନିକ୍ସ ଉପକରଣଗୁଡ଼ିକ ଭାକ୍ୟୁମ୍ ଟ୍ୟୁବ୍ ଉପରେ ନିର୍ଭର କରୁଥିଲେ, ଯାହା ବାରମ୍ବାର ବିଫଳତାର ଶିକାର ହେଉଥିଲା। ଟ୍ରାଞ୍ଜିଷ୍ଟର ଉଦ୍ଭାବନ ପରେ ସର୍କିଟର କ୍ଷୁଦ୍ରକରଣ ପୂର୍ବକ ଇଲେକ୍ଟ୍ରୋନିକ୍ସ ଉପକରଣର ବିକାଶ ହେଲା। ଏହା ସମନ୍ୱିତ ସର୍କିଟ ମାଇକ୍ରୋପ୍ରୋସେସର ଏବଂ ଶେଷରେ ଆଧୁନିକ କମ୍ପ୍ୟୁଟର, ସ୍ମାର୍ଟଫୋନ ଏବଂ ଅଗଣିତ ଡିଜିଟାଲ ପ୍ରଯୁକ୍ତି ବିଦ୍ୟାର ବିକାଶକୁ ସକ୍ଷମ କରିଥିଲା। ଆଜିକାଲି ପ୍ରାୟତଃ ପ୍ରତ୍ୟେକ ଇଲେକ୍ଟ୍ରୋନିକ୍ସ ଉପକରଣରେ ଟ୍ରାଞ୍ଜିଷ୍ଟର ରହିଛି।

ବାର୍ଡିନ୍‌ଙ୍କର ଦ୍ୱିତୀୟ ପ୍ରମୁଖ ବୈଜ୍ଞାନିକ ସଫଳତା ପଦାର୍ଥ ବିଜ୍ଞାନର ଏକ ଭିନ୍ନ କ୍ଷେତ୍ରରେ ଆସିଥିଲା, ଯାହାର ନାମ ଅତିପରିବାହିତା (ସୁପର କଣ୍ଡକ୍ଟର) ତତ୍ତ୍ୱ। ବାର୍ଡିନ୍‌ଙ୍କ ସହଯୋଗରେ ଲିଓନ କୁପର୍ ଏବଂ ରବର୍ଟ ଶ୍ରିଫର୍ ୧୯୫୭ ମସିହାରେ ସୁପର କଣ୍ଡକ୍ଟର ତତ୍ତ୍ୱକୁ ବିକଶିତ କରିଥିଲେ, ଯାହା ପ୍ରଥମ ଥର ପାଇଁ ସୁପରକଣ୍ଡକ୍ଟିଭିଟିର ଘଟଣାବଳୀକୁ ସଫଳତାର ସହିତ ବ୍ୟାଖ୍ୟା କରିଥିଲା। ଏହି ସଫଳତା ପାଇଁ ତିନିଜଣ ପଦାର୍ଥ ବିଜ୍ଞାନୀଙ୍କୁ ୧୯୭୨ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କର ସେହି ତତ୍ତ୍ୱକୁ ବି-ସି-ଏସ୍ ଥିଓରି ନାମରେ ଏବେ ବି.ଏସ୍‌ସି. ଓ ଏମ୍.ଏସ୍‌ସି. ପିଲାଙ୍କୁ ପଢାଯାଉଛି। ସୁପରକଣ୍ଡକ୍ଟିଭିଟି ହେଉଛି ଏପରି ଜିନିଷ, ଯାହା ଶୂନ୍ୟ ଡିଗ୍ରୀ ସେଣ୍ଟିଗ୍ରେଡ୍‌ଠାରୁ ଆହୁରି କମ୍ ତାପମାତ୍ରାରେ ପରିଲକ୍ଷିତ ହୁଏ। ସୁପରକଣ୍ଡକ୍ଟିଭିଟି ଅବସ୍ଥାରେ ବୈଦ୍ୟୁତିକ ପ୍ରତିରୋଧ ଶୂନ୍ୟକୁ ଖସିଯାଏ। ଏହାର ଅର୍ଥ ହେଉଛି ତାର ଭିତରେ ଶକ୍ତିର ଅପଚୟ ହେବ ନାହିଁ ଓ ବିଦ୍ୟୁତ ପ୍ରବାହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରବାହିତ ହୋଇପାରିବ। ୧୯୧୧ ମସିହାରେ ହାଇକି କାମରଲିଙ୍ଗଙ୍କ ଦ୍ୱାରା ଆବିଷ୍କୃତ ଅତିପରିବାହିତା ପରିଘଟଣା ଦଶନ୍ଧି ଧରି ଏକ ରହସ୍ୟ ହୋଇ ରହିଥିଲା। କାରଣ ପାରମ୍ପରିକ ପଦାର୍ଥ ବିଜ୍ଞାନ ଏହାକୁ ବ୍ୟାଖ୍ୟା କରିପାରି ନଥିଲା। ବି-ସି-ଏସ୍ ଥିଓରି ପ୍ରସ୍ତାବ ଦେଇଥିଲା ଯେ କମ୍ ତାପମାତ୍ରାରେ ଇଲେକ୍ଟ୍ରନଗୁଡ଼ିକ ପରସ୍ପରକୁ ବିକର୍ଷଣ ନକରି ଆକର୍ଷଣ କରନ୍ତି ଏବଂ କୁପର-ଯୋଡ଼ା ଗଠନ କରନ୍ତି। କୁପର-ଯୋଡ଼ା ବିକ୍ଷିପ୍ତ ନ ହୋଇ ଗତି କରେ ଓ ପ୍ରତିରୋଧକୁ ଶୂନ୍ୟ କରେ। ସୁପରକଣ୍ଡକ୍ଟିଂ ଚୁମ୍ବକ ବ୍ୟବହାର କରି ମାଗଲେଭ୍ ଟ୍ରେନ୍ ଆଜି ଚାଲିପାରୁଛି। ତାଙ୍କର ନୋବେଲ ବିଜେତା କାର୍ଯ୍ୟ ସହିତ ବାର୍ଡିନ୍ ବିଜ୍ଞାନ ଏବଂ ଇଞ୍ଜିନିୟରିଂରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

ବୈଦ୍ୟୁତିକ ଇଞ୍ଜିନିୟରିଂ ଏବଂ ପଦାର୍ଥ ବିଜ୍ଞାନ ବିଭାଗରେ ତାଙ୍କର ଦୁଇଟି ସିଦ୍ଧାନ୍ତ ଏବଂ ତାହାର ବ୍ୟବହାରିକ ପ୍ରୟୋଗ ତାଙ୍କର ଅନନ୍ୟ କ୍ଷମତାକୁ ସ୍ପଷ୍ଟ କରିଥିଲା। ବାର୍ଡିନଙ୍କ ବୁଦ୍ଧି, ନମ୍ରତା ଏବଂ ଜ୍ଞାନର ଅକ୍ଳାନ୍ତ ଅନୁସନ୍ଧାନ ମାଧ୍ୟମରେ ଇଲେକ୍ଟ୍ରୋନିକ୍ସ ଯୁଗ ଆରମ୍ଭ ହୋଇଥିଲା। ସେ ଭବିଷ୍ୟତର ପ୍ରଯୁକ୍ତି ବିଦ୍ୟା ବିପ୍ଳବର ମୂଳଦୁଆ ସ୍ଥାପନ କରିଥିଲେ। ଆଜି ତାଙ୍କର ଅବଦାନ ସେ ଜିତିଥିବା ପୁରସ୍କାର କିମ୍ବା ସେ ବିକଶିତ କରିଥିବା ତତ୍ତ୍ୱରେ ନାହିଁ ବରଂ ଆମେ ବ୍ୟବହାର କରୁଥିବା ଦୈନନ୍ଦିନ ଉପକରଣ ଓ ଚିକିତ୍ସା ପ୍ରଯୁକ୍ତିବିଦ୍ୟାରେ ବିଦ୍ୟମାନ ଅଛି।

- ବିଲେଇଗଡ଼, ଭଷ୍ମା, ସୁନ୍ଦରଗଡ଼
ମୋ : ୯୪୩୯୫୮୫୫୮୯

# ଜୋର୍ ଧରିଲା ବିଜେଡିର ଉତ୍ତରାଧିକାରୀ ଘୋଷଣା ଚର୍ଚ୍ଚା

ଭୁବନେଶ୍ୱର,୨୩।୧୧ (ରବିନାରାୟଣ ଜେନା)

ବିଜୁ ଜନତା ଦଳ(ବିଜେଡି)ର ପରବର୍ତ୍ତୀ ଉତ୍ତରାଧିକାରୀ କିଏ ହେବ ତାକୁ ନେଇ ଦୀର୍ଘଦିନ ଧରି ଚାଲୁ ରହିଥିବା କଳ୍ପନା ଜଳ୍ପନା ପୁଣି ତେଜିଛି। ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ରବିବାର ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କ ଉତ୍ତରକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଦେବୀପ୍ରସାଦ କହିଛନ୍ତି, ଡିସେମ୍ବର ୨୬ରେ ବିଜେଡିର ପ୍ରତିଷ୍ଠା ଦିବସ ପାଇଁ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ସଭାପତିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଡିସେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ସମସ୍ତ କାର୍ଯ୍ୟକ୍ରମ ଆପାତତଃ ସ୍ଥିର ହେବ। ବିଜେଡିର ଉତ୍ତରାଧିକାରୀ ସୁଜାତା ରାଉତ କାର୍ତ୍ତିକେୟନ ହେବେ କି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ସଭାପତି ଯେତେବେଳେ ଘୋଷଣା କରିବେ ସେବେ ଜଣାପଡ଼ିବ। ଯଦି ଦଳର ସେଭଳି କିଛି ବିଧିବଦ୍ଧ ନିଷ୍ପତ୍ତି ହୁଏ ବା ସଭାପତି ନିର୍ଦ୍ଦେଶ ଦିଅନ୍ତି ତେବେ ସମସ୍ତେ ନିଶ୍ଚିତ ଜାଣି ପାରିବେ। କିନ୍ତୁ ତା' ପୂର୍ବରୁ ଚାଲିଥିବା ଚର୍ଚ୍ଚା ଆଲୋଚନାକୁ ନେଇ ଆମେ କିଛି କହିପାରିବୁ ନାହିଁ।

ଏହି ଅବସରରେ ସେ କହିଥିଲେ, ସଂସଦଠୁ ନେଇ ବିଧାନସଭା ପର୍ଯ୍ୟନ୍ତ, ସବୁଠି ସରକାର ବିରୋଧୀ ସ୍ୱରକୁ ଆହୁରି ଶାଣିତ କରାଯିବାକୁ ସଭାପତି ଶନିବାର ରାଜନୈତିକ ବ୍ୟାପାର କମିଟି ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସଭାପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଲୋକଙ୍କ ସମସ୍ୟାକୁ ଆମେ ଆହୁରି ଠିକଣା ଢଙ୍ଗରେ ଆଗାମୀ ଦିନରେ ଉତ୍ଥାପନ କରିବୁ। ଦେବୀପ୍ରସାଦ କହିଥିଲେ, ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ରାଜନୈତିକ ବ୍ୟାପାର କମିଟି ସଭାପତିଙ୍କୁ ଅବଗତ କରାଇଛି। ଜିଲା ସଙ୍ଗଠନ, ବ୍ଲକ ସ୍ତରୀୟ ଓ ନଗର କମିଟି ବିଷୟରେ ଆଲୋଚନା ହୋଇଛି। ପ୍ରାୟ ୯୪ ନିର୍ବାଚନମଣ୍ଡଳୀରେ ନଗର ବ୍ଲକ ସଭାପତି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ବାକିଗୁଡ଼ିକ ଡିସେମ୍ବର ପ୍ରଥମ ସପ୍ତାହରେ ଶେଷ କରାଯିବ। ନୂଆପଡ଼ା ନିର୍ବାଚନକୁ ନେଇ ଲୋକଙ୍କର ଅନେକ ଅଭିଯୋଗ ଆସୁଛି। ନୂଆପଡ଼ାରୁ ବି ଅନେକ ଲୋକ ସଭାପତିଙ୍କୁ ଚିଠି ଲେଖି କିଛି କଥା ଅବଗତ କରାଇଛନ୍ତି। ସବୁ ଅଭିଯୋଗକୁ ତର୍ଜମା କରି ରିପୋର୍ଟ ଦେବା ପାଇଁ ସଭାପତି ରାଜନୈତିକ ବ୍ୟାପାର କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଏସଂକ୍ରାନ୍ତରେ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ରିପୋର୍ଟ ପ୍ରଦାନ କରାଯିବ ବୋଲି ଦେବୀପ୍ରସାଦ କହିଛନ୍ତି।




# ବ୍ୟାଙ୍କ ଜବତ କଲା ଘର, ମାତାପିତା ଅନ୍ୟଘରେ ଆଶ୍ରିତ


ସିଜ୍ ହୋଇଥିବା ଘର।

ସନ୍ତ୍ରାଛକ,୨୩।୧୧ (ସନ୍ତୋଷ ପରିଡ଼ା)

ବୃଦ୍ଧ ବୟସରେ ମାତାପିତାଙ୍କୁ ଆଶ୍ରୟ ଦେବା ସହ ରକ୍ଷଣାବେକ୍ଷଣ କରିବା ବଦଳରେ ଜାଲିଆତି କରି ବେଘର କରିଛନ୍ତି ପୁଅ। ଏପରି ଏକ ଘଟଣା ଅନୁଗୋଳ ଜିଲା ବଅଁରପାଳ ଥାନା ବୁଢାପଙ୍କ ଅଞ୍ଚଳରେ ଦେଖିବାକୁ ମିଳିଛି। ଜାଲିଆତି କରି ଚାକିରିଆ ପୁଅ ଅନୁଗୋଳର ଏକ ଘରୋଇ ବ୍ୟାଙ୍କରୁ ଲୋନ୍ ଆଣିଥିଲେ। ହେଲେ କିସ୍ତି ଟଙ୍କା ନ ଶୁଝିବାରୁ ରବିବାର ଘର ବନ୍ଧକ ରଖି ଟଙ୍କା ଦେଇଥିବା ବ୍ୟାଙ୍କ ଘର ସିଜ୍ କରିଛି।

ସୂଚନା ଅନୁଯାୟୀ, ଏମ୍‌ସିଏଲ୍ ଦ୍ୱାର ବିସ୍ଥାପିତ ହେବା ପରେ ମୋହନ ନାୟକ(୭୦) ବୁଢ଼ାପଙ୍କଠାରେ ଏକ ସ୍ଥାୟୀ ଗୃହ ପାଇଥିଲେ। ତାଙ୍କର ୨ପୁଅ ଓ ୧ଝିଅ। ବଡ଼ପୁଅ ମଳୟ ନାୟକ ତାଳଚେର ଲିଙ୍ଗରାଜ ଖଣିରେ ଚାକିରି କରନ୍ତି। ହେଲେ ୨୦୨୨ରେ ମଳୟ ୨୨ଲକ୍ଷ ଟଙ୍କା ଏକ ଘରୋଇ ବ୍ୟାଙ୍କରୁ ଋଣ ଆଣିଥିଲେ। ଆଠ ଦଶଟି କିସ୍ତି ଶୁଝିଲା ପରେ ଆଉ କିସ୍ତି ଦେଲେନାହିଁ। ଏଥିଯୋଗୁ ଋଣ ଦେଇଥିବା ବ୍ୟାଙ୍କ ବାସଗୃହକୁ ସିଜ୍ କରିଛି। ଫଳରେ ମୋହନ ଏବଂ ତାଙ୍କ ସ୍ତ୍ରୀ ଏବେ ପର ପିଣ୍ଡାରେ ବନ୍ଧୁବାନ୍ଧବଙ୍କ ସାହାରାରେ ଅଛନ୍ତି। ମଳୟ ତାଙ୍କ ପରିବାର ସହ କ୍ୱାର୍ଟର୍ସରେ ରହୁଥିବାବେଳେ ମାତାପିତାଙ୍କ ଦାୟିତ୍ୱ ନେଉ ନ ଥିବା ଅଭିଯୋଗ କରିଛନ୍ତି ମୋହନ। ଏନେଇ ସେ ଜିଲା ପ୍ରଶାସନଙ୍କ ଦ୍ୱାରସ୍ଥ ହେବା ସହ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବେ ବୋଲି ଦର୍ଶାଇଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ବାସଗୃହ ତାଙ୍କୁ ଫେରାଇଦେବାକୁ ଆକୁଳ ନିବେଦନ କରିଛନ୍ତି।

# ଭକ୍ତଙ୍କୁ ରାହୁଲଙ୍କ ଗୁରୁମନ୍ତ୍ର

ଭୁବନେଶ୍ୱର,୨୩।୧୧ (ରବିନାରାୟଣ ଜେନା)

ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ଶନିବାର ପିସିସି ସଭାପତି ଭକ୍ତ ଚରଣ ଦାସ ଭେଟି ରାଜ୍ୟର ସାଂପ୍ରତିକ ପରିସ୍ଥିତି ନେଇ ଚର୍ଚ୍ଚା ଆଲୋଚନା କରିଛନ୍ତି। ଏନେଇ ଭକ୍ତ ରବିବାର ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ କଂଗ୍ରେସ ସାଙ୍ଗଠନିକ ସ୍ଥିତିକୁ କିଭଳି ସୁଦୃଢ଼ କରାଯାଇପାରିବ ଏବଂ ଅନ୍ୟାନ୍ୟ ବିଷୟରେ ରାହୁଲ କେତେକ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଜିଲା ସାଙ୍ଗଠନିକ ସଭାପତି ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ରବିବାର ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ତା' ଉପରେ ବିସ୍ତୃତ ଆଲୋଚନା ହୋଇଛି।

ସେ କହିଥିଲେ, ରାହୁଲଙ୍କୁ ସାକ୍ଷାତ ଅବସରରେ ନୂଆପଡ଼ା ଉପନିର୍ବାଚନରେ ଫଳାଫଳ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଛି। ନୂଆପଡ଼ା ଉପନିର୍ବାଚନରେ ସରକାରୀ କଳର ମାତ୍ରାଧିକ ଅପବ୍ୟବହାର ସତ୍ତ୍ୱେ କଂଗ୍ରେସକୁ ନୂଆପଡ଼ାବାସୀ ଦ୍ୱିତୀୟସ୍ଥାନ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ରାହୁଲ ନିର୍ଦ୍ଦେଶ ଦେଇଥିବା ଭକ୍ତ କହିଛନ୍ତି।

# ଖୁବ୍‌ଶୀଘ୍ର ସାଙ୍ଗଠନିକ ଜିଲା ସଭାପତି ଚୟନ: ଭକ୍ତ

ଭୁବନେଶ୍ୱର,୨୩।୧୧ (ରବିନାରାୟଣ ଜେନା)

- ୨୬ରେ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ: ଲଲ୍ଲୁ
- ୧୪ରେ ଦିଲ୍ଲୀ ଚଲୋ

ଖୁବ୍‌ଶୀଘ୍ର କଂଗ୍ରେସର ସାଙ୍ଗଠନିକ ଜିଲା ସଭାପତି ଚୟନ କାର୍ଯ୍ୟ ଶେଷ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ପ୍ରଦେଶ କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ସାଙ୍ଗଠନିକ ଜିଲା ସଭାପତି ଚୟନ ଟିକେ ବିଳମ୍ବ ହୋଇଛି। ଏଆଇସିସିର ସଂଗଠନ ସୃଜନ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ୩୫ ସାଂଗଠନିକ ଜିଲାରେ ସଭାପତିମାନଙ୍କୁ ଚୟନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ନବନିଯୁକ୍ତ ସଭାପତିମାନେ 'ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ' ତଥା ନୂଆପଡ଼ା ଉପନିର୍ବାଚନରେ ବ୍ୟସ୍ତ ଥିବାରୁ ନିଜ ନିଜ ଜିଲା ଟିମ୍ ଗଠନ କରିପାରି ନ ଥିଲେ। ଏବେ କିନ୍ତୁ ଏହି କାର୍ଯ୍ୟକ୍ରମକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯିବ।

ଏହି ଅବସରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଦେଶରେ ଗଣତନ୍ତ୍ର ବିପଦରେ ଥିବାବେଳେ ସମ୍ବିଧାନ ପ୍ରତି ଆହ୍ୱାନ ସୃଷ୍ଟି ହୋଇଛି। ଏହାକୁ ନେଇ ଏଆଇସିସିର ପରାମର୍ଶକ୍ରମେ ନଭେମ୍ବର ୨୬ରେ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ କରାଯିବ। ସେ କହିଥିଲେ, ଉକ୍ତଦିନ ଓଡ଼ିଶାର ସମସ୍ତ ଜିଲାରେ ଡିସିସିମାନଙ୍କ ପକ୍ଷରୁ ପ୍ରଭାତଫେରି, ଆଲୋଚନାଚକ୍ର, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ଖେଳକୁଦ, ସାଧାରଣ ସଭା ଆଦି ଆୟୋଜନ ଜରିଆରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ। ସେହିପରି ଡିସେମ୍ବର ୬ ତାରିଖ ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ ହେବାକୁ ଥିବାବେଳେ ୧୪ ତାରିଖ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ସମାବେଶ ଆୟୋଜିତ ହେବ ବୋଲି ଲଲ୍ଲୁ କହିଥିଲେ। 'ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ'ରେ ଦେଶର କୋଟିକୋଟି ଲୋକ ଭାଗ ନେଇଥିବାରୁ ସେଦିନ ବିଭିନ୍ନ ରାଜ୍ୟରୁ ଆସି ଉକ୍ତ ମୈଦାନରେ ଲକ୍ଷାଧିକ ଲୋକ ଠୁଳ ହେବାକୁ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫ ହଜାର ଲୋକ ଭାଗ ନେବାକୁ ଦିଲ୍ଲୀ ଯିବେ ବୋଲି ଲଲ୍ଲୁ କହିଛନ୍ତି। ଏହି ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।















ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ନଭେମ୍ବର ୨୪/୨୦୨୫ Bhubaneswar, Monday, November 24/ 2025

# ଦକ୍ଷିଣ ଆଫ୍ରିକା ୪୮୯ ; ଭାରତ ୯/୦

## ଦ୍ୱିତୀୟ ଟେଷ୍ଟ

### ମୁଥୁସାମିଙ୍କ ଶତକ

**ଗୁଆହାଟୀ, ୨୩।୧୧**

ସ୍ଥାନୀୟ ବର୍ସାପାରା କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚ୍ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ରହିଛି। ପ୍ରଥମ ଭଳି ଦ୍ୱିତୀୟ ଦିନ ମଧ୍ୟ ଭାରତୀୟ ବୋଲର ପ୍ରଭାବହୀନ ସାବ୍ୟସ୍ତ ହୋଇଛନ୍ତି। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ଇନିଂସରେ ସେନୁରାନ ମୁଥୁସାମିଙ୍କ ଶତକ ବଳରେ ୪୮୯ ରନରେ ସୀମିତ ରହିଛି। ଜବାବରେ ଭାରତ ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ପ୍ରଥମ ଇନିଂସରେ ବିନା ଉଇକେଟରେ ୯ ରନ କରିଛି। ଆଲୋକ ଅଭାବ କାରଣରୁ ଧାର୍ଯ୍ୟ ସମୟ ପୂର୍ବରୁ ଷ୍ଟମ୍ପ ଅପସାରଣ କରାଯାଇଥିଲା। ଘରୋଇ ଭାରତୀୟ ଦଳକୁ ଇନିଂସ ଅଗ୍ରଣୀ ପାଇଁ ୪୮୧ ରନ ଦରକାର ଥିବା ବେଳେ ହାତରେ ସମସ୍ତ ୧୦ ଉଇକେଟ ରହିଛି।

ଦ. ଆଫ୍ରିକା ତା'ର ଅସମାପ୍ତ ପ୍ରଥମ ଇନିଂସ ୨୪୭/୬ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ମୁଥୁସାମି ଓ କାଇଲି ଭେରେନେ ପୂରା ପ୍ରଥମ ସେସନ ଭାରତୀୟ ବୋଲରଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ଦୁହେଁ ସପ୍ତମ ଉଇକେଟରେ ୮୮ ରନ ଯୋଡ଼ିଥିଲେ। ଭେରେନେ (୪୫)ଙ୍କୁ ଆଉଟ୍ କରି ରବୀନ୍ଦ୍ର ଜାଡେଜା ଭାରତକୁ ବହୁପ୍ରତୀକ୍ଷିତ ବ୍ରେକଥ୍ରୁ ଆଣି ଦେଇଥିଲେ। ଏହାପରେ ମୁଥୁସାମୀ ଓ ମାର୍କୋ ଜାନସେନ ଆଟାକିଂ ବ୍ୟାଟିଂ କରି ଅଷ୍ଟମ ଉଇକେଟରେ ୯୭ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୪୩୧ ହୋଇଥିବା ବେଳେ ମୁଥୁସାମି ୧୦୯ ରନ କରି ମହମ୍ମଦ ସିରାଜଙ୍କ ବଲରେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୧୦ ଚୌକା ଓ ୨ ଛକା ସାମିଲ ଥିଲା। ଏହି ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କର ଏହା ପ୍ରଥମ ଟେଷ୍ଟ ଶତକ ଥିଲା। ଏହିଠାରୁ ଜାନସେନ ଏକାକୀ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଶତକ ଆଡ଼େ ଅଗ୍ରସର ହେଉଥିବା ଜାନସେନଙ୍କୁ କ୍ଲିନ ବୋଲ୍ଡ କରି କୁଲଦୀପ ଯାଦବ ଦକ୍ଷିଣ ଆଫ୍ରିକାର ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଜାନସେନ ୯୧ ବଲରେ ୬ ଚୌକା ଓ ୭ ଛକା ସହିତ ୯୩ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ୪୮୯ ରନରେ ଅଲଆଉଟ୍ ହୋଇଥିଲା। ଭାରତ ପାଇଁ ବୋଲିଂରେ କୁଲଦୀପ ୪ ଉଇକେଟ ନେଇଥିବା ବେଳେ ଯଶପ୍ରୀତ ବୁମରା, ସିରାଜ ଓ ଜାଡେଜା ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ତା'ର ପ୍ରଥମ ଇନିଂସ ବ୍ୟାଟିଂ କରି ଆଲୋକ ଅଭାବ କାରଣରୁ ଖେଳ ଶେଷ ହେବା ସୁଦ୍ଧା ୬.୧ ଓଭରରେ ବିନା ଉଇକେଟରେ ୯ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲୋକେଶ ରାହୁଲ ୨ ଓ ଯଶସ୍ୱୀ ଜୟସ୍ୱାଲ ୭ ରନରେ ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/ଅଲଆଉଟ୍ (ସେନୁରାନ ମୁଥୁସାମି-୧୦୯, ମାର୍କୋ ଜାନସେନ-୯୩, କାଇଲି ଭେରେନେ-୪୫, କୁଲଦୀପ ଯାଦବ-୪/୧୧୫, ଯଶପ୍ରୀତ ବୁମରା-୨/୭୫, ରବୀନ୍ଦ୍ର ଜାଡେଜା-୨/୯୪, ମହମ୍ମଦ ସିରାଜ-୨/୧୦୬)।


ଶତକ ହାସଲ ପରେ ସେନୁରାନ ମୁଥୁସାମି।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ

## ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସ

**ଭୁବନେଶ୍ୱର, ୨୩।୧୧ (ଅନାଦି କର)**

ଥାଇଲାଣ୍ଡର ନାଖୋନ ରାତ୍‌ଚାସିମାଠାରେ ଚାଲିଥିବା ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସର ଅନ୍ତିମ ଦିନରେ ଓଡ଼ିଶା ପାରା ଆଥଲେଟ୍ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତିଛନ୍ତି। ସେମାନଙ୍କର ଏହି ଉଲ୍ଲେଖନୀୟ ଉପଲବ୍ଧି ପୁଣି ଥରେ ବିଶ୍ୱ ପାରା ସ୍ପୋର୍ଟ୍ସ ସ୍ତରରେ ଓଡ଼ିଶାର ବୃଦ୍ଧି ପାଉଥିବା ପ୍ରଭୁତ୍ୱକୁ ଦର୍ଶାଇଛି।


ପଦକ ବିଜୟୀ ଓଡ଼ିଶା ଆବିଲିଟିସ୍ପୋର୍ଟ ଦଳ।

ମହିଳା ଜାଭେଲିନ ଥ୍ରୋ ଏଫ୍‌୫୫/୫୬ କାଟେଗୋରିରେ ଭାରତର ସୁଚିତ୍ରା ପରିଡ଼ା (ଏଫ୍-୫୫) ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ସର୍ବାଧିକ ୧୭.୩୩ ମିଟର ଦୂରତା ହାସଲ କରି ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଏହି ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ଚାଇନିଜ ତାଇପେର ଚି-ଲିଙ୍ଗ ଚାଙ୍ଗ (୮.୯୭ ମି.) ସୁଚିତ୍ରାଙ୍କଠାରୁ ଖୁବ୍ ପଛରେ ରହିଥିଲେ। ପୁରୁଷ ଶଟ୍ ପୁଟ୍ ଏଫ୍‌୫୨/ଏଫ୍ ୫୩ କାଟେଗୋରିରେ କମଳାକାନ୍ତ ନାୟକ ୫.୮୭ ମିଟର ଦୂରତା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ରଞ୍ଜନା ନାହକ ମହିଳା ଜାଭେଲିନ ଥ୍ରୋ ଏଫ୍‌୫୪ କାଟେଗୋରିରେ ୧୩.୧୧ ମି. ଦୂରତା ସହ ରୌପ୍ୟ ପଦକ ଅଧିକାର କରିଛନ୍ତି। ଓଡ଼ିଶା ପାରା ଆଥଲେଟ୍‌ଙ୍କର ଏଭଳି ପ୍ରଦର୍ଶନ ଯୋଗୁ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୨ କୁ ବୃଦ୍ଧି ପାଇଛି। ଏହି ତାଲିକାରେ ୬ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ରହିଛି।


ଶନିବାର ମୁମ୍ବାଇରେ ଭୁବନେଶ୍ୱରସ୍ଥିତ ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫର୍ମାନ୍ସ ଏଚ୍‌ପିସିରେ କାର୍ଯ୍ୟରତ ମୁମ୍ବାଇ ବାସିନ୍ଦା ଶ୍ୱେତା ଆତିଲିଙ୍କ ସହ ଓଡ଼ିଶାର ସ୍ପ୍ରିଣ୍ଟ ତାରକା ଅମିୟ ମଲିକଙ୍କ ବିବାହ ସମ୍ପନ୍ନ ହୋଇଛି।

# ରାହୁଲଙ୍କୁ ନେତୃତ୍ୱ ; ଜାଡେଜା ଫେରିଲେ

## ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍

### ବୁମରା, ସିରାଜଙ୍କୁ ବିଶ୍ରାମ

**ନୂଆଦିଲ୍ଲୀ, ୨୩।୧୧ (ପି.ଟି.)**

ଆସନ୍ତା ୩୦ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ସିନିୟର ବ୍ୟାଟର ଲୋକେଶ ରାହୁଲଙ୍କ ନେତୃତ୍ୱରେ ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୮ ମାସର ବ୍ୟବଧାନ ପରେ ରବୀନ୍ଦ୍ର ଜାଡେଜା ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି।

ରାହୁଲଙ୍କୁ କେବଳ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌କୁ ଦୃଷ୍ଟିରେ ରଖି ନେତୃତ୍ୱ ଦିଆଯାଇଛି। ଗତ ୧ ବର୍ଷ ମଧ୍ୟରେ ମାତ୍ର ଗୋଟିଏ ଦିନିକିଆ ମ୍ୟାଚ୍ ଖେଳିଥିବାରୁ ରିଷଭ ପନ୍ତଙ୍କୁ ଏହି ଗୁରୁଦାୟିତ୍ୱ ଲାଗି ଗୁରୁତ୍ୱ ଦିଆଯାଇ ନାହିଁ। ଗିଲ୍ ସୁସ୍ଥ ହୋଇ ଆସନ୍ତା ବର୍ଷ ଜାନୁଆରୀରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ଲାଗି ଦିନିକିଆ ଦଳକୁ ଫେରିବେ ଆଶା କରାଯାଉଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଆସନ୍ତା ୩୦ ତାରିଖରେ ରାଞ୍ଚିଠାରେ ଆରମ୍ଭ ହେବାକୁ ସିରିଜ୍‌ର ଅନ୍ତିମ ଦୁଇ ମ୍ୟାଚ୍ ରାଇପୁର (ଡିସେମ୍ବର ୩) ଓ ବିଶାଖାପାଟଣା (ଡିସେମ୍ବର ୬)ରେ ଖେଳାଯିବ।


ଲୋକେଶ ରାହୁଲ

ଭେଟେରାନ ଅଲରାଉଣ୍ଡର ଜାଡେଜା ଦଳକୁ ଫେରିଛନ୍ତି। ସେ ଅନ୍ତିମ ଥର ଦୁବାଇଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଖେଳିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳିଥିବା ଅକ୍ଷର ପଟେଲ, ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ଅନ୍ତିମ ଥର ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳିଥିବା ବୁମରାଙ୍କୁ ତାଙ୍କ ୱାର୍କଲୋଡ୍ ମ୍ୟାନେଜମେଣ୍ଟ କାରଣରୁ ଦିନିକିଆ ସିରିଜ୍‌ରେ ଖେଳାଯିବ ନାହିଁ। ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଗିଲ୍‌ଙ୍କ ଅନୁପସ୍ଥିତିରେ ଯଶସ୍ୱୀ ଜୟସ୍ୱାଲ ଓପନିଂ କରିବେ। ଗତ ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ଅନ୍‌ଅଫିସିଆଲ ଦିନିକିଆ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିବା ଋତୁରାଜ ଗାଏକ୍ୱାଡଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଗାଏକ୍ୱାଡ ଏପର୍ଯ୍ୟନ୍ତ ୬ ଦିନିକିଆ ଖେଳିଛନ୍ତି। ହର୍ଷିତ ରାଣା, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା ଓ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ପେସ ବିଭାଗ ସମ୍ଭାଳିବେ।

**ଭାରତୀୟ ଦିନିକିଆ ଦଳ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା, ଲୋକେଶ ରାହୁଲ (ଅଧିନାୟକ ଓ ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍ୱାଡ, ପ୍ରସିଦ୍ଧ କ୍ରିଷ୍ଣା, ଧ୍ରୁବ ଜୁରେଲ ଓ ଅର୍ଶଦୀପ ସିଂ।

# ମନ୍ଧାନାଙ୍କ ବିବାହ ସ୍ଥଗିତ

**ସାଙ୍ଗ୍ଲି, ୨୩।୧୧ (ପି.ଟି.):** ଭାରତର ଷ୍ଟାର ମହିଳା କ୍ରିକେଟର ସ୍ମୃତି ମନ୍ଧାନାଙ୍କ ବିବାହ ରବିବାର ହେବାର ଥିଲା, ମାତ୍ର ତାଙ୍କ ପିତା ଶ୍ରୀନିବାସ ଆକସ୍ମିକ ଅସୁସ୍ଥ ହୋଇପଡ଼ିବାରୁ ଏହାକୁ ସ୍ଥଗିତ ରଖାଯାଇଛି। ତାଙ୍କ କ୍ରିକେଟ ଯାତ୍ରାରେ ପିତା ସର୍ବଦା ସମର୍ଥନର ଉତ୍ସ ହୋଇ ଆସିଛନ୍ତି। ମନ୍ଧାନାଙ୍କ ମ୍ୟାନେଜର ତୁହିନ ମିଶ୍ରା କହିଛନ୍ତି, ବ୍ରେକ୍‌ଫାଷ୍ଟ ବେଳେ ମନ୍ଧାନଙ୍କ ପିତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରେ ଲାଗିଥିଲା। ସ୍ୱାସ୍ଥ୍ୟାବସ୍ଥା ସୁଧୁରିଯିବ ବୋଲି ଆମେ ଆଶା କରିଥିଲୁ। ମାତ୍ର ଉନ୍ନତି ପରିଲକ୍ଷିତ ହେଲା ନାହିଁ। ଆମେ ରିସ୍କ ନ ନେଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛୁ। ସେ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବିବାହ ଉତ୍ସବକୁ ସ୍ଥଗିତ ରଖିବା ଲାଗି ମନ୍ଧାନା ନିଷ୍ପତ୍ତି ନେଇଛନ୍ତି।

# ଲାସ୍‌ଭେଗାସ ଗ୍ରାଁ ପ୍ରି ଜିତିଲେ ଭର୍ଷ୍ଟାପେନ୍

**ଲାସ୍‌ଭେଗାସ, ୨୩।୧୧ (ଏପି)**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଲାସ୍‌ଭେଗାସ ଫର୍ମୁଲା-୧ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ୬୯ତମ ବିଜୟ। ଗତ ୪ଟି ରେସ୍‌ରେ ଭର୍ଷ୍ଟାପେନଙ୍କର ଏହା ହେଉଛି ଦ୍ୱିତୀୟ ବିଜୟ। ଲାସ୍‌ଭେଗାସ ଷ୍ଟ୍ରିଟ୍‌ରେ ଶନିବାର ରାତିରେ ଏହି ବିଜୟ ଦ୍ୱାରା ଚାରିଥର ଫର୍ମୁଲା-୧ ଚାମ୍ପିୟନ ଭର୍ଷ୍ଟାପେନ୍ ଏଥର ଟାଇଟଲ ଜିତିବା ସମ୍ଭାବନା ସୃଷ୍ଟି କରିପାରିଛନ୍ତି। ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି କ୍ରମାଗତ ୮ମ ପୋଡିୟମ ଫିନିଶ। ସେ ପଏଣ୍ଟ ଲିଡର ଲାଣ୍ଡୋ ନୋରିସଙ୍କୁ ୨୦ ସେକେଣ୍ଡରୁ ଅଧିକ ସମୟ ବ୍ୟବଧାନରେ ପଛରେ ପକାଇ ଦେଇଛନ୍ତି। ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନରୁ ଆରମ୍ଭ କରି ପ୍ରଥମ ଟର୍ନରୁ ରେସ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ମର୍ସିଡିଜର ଜର୍ଜ ରସେଲ ଓ କିମି ଆଣ୍ଟୋନେଲି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ବୈଷୟିକ ଉଲ୍ଲଂଘନ ପାଇଁ ଚାମ୍ପିୟନଶିପ୍ ଲିଡର ଲାଣ୍ଡୋ ନୋରିସ ଓ ତାଙ୍କ ମ୍ୟାକ୍‌ଲରେନ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରି ଲାସଭେଗାସ ଗ୍ରାଁପ୍ରିରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ରେସ୍‌ରେ ଯଥାକ୍ରମେ ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକ୍‌ଲେର୍କ୍ (ଫେରାରି), କାର୍ଲସ ସେଞ୍ଜ ଜୁନିୟର (ୱିଲିୟମ୍ସ), ଇସାକ୍ ହାଜାର (ଆର୍‌ବି), ନିକୋ ହକେନବର୍ଗ (ସୌବେର), ଲୁଇସ୍ ହାମିଲ୍‌ଟନ (ଫେରାରି), ଇଷ୍ଟବାନ୍ ଓକନ୍ (ହାସ୍)ଓ ଅଲିଭର ଓକନ୍ (ହାସ୍)।




# କିଶୋର ସ୍ପୋର୍ଟିଂ, ମୁକ୍ତେଶ୍ୱର ଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୨୩।୧୧ (ଅନାଦି କର)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟବଲ ଲିଗ୍‌ରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ମୁକ୍ତେଶ୍ୱର ଏଫ୍‌ସି ଓ କିଶୋର ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ମୁକ୍ତେଶ୍ୱର ଏଫ୍‌ସି ୨-୧ ଗୋଲରେ ରାମେଶ୍ୱର ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଚନ୍ଦନ ମୁଣ୍ଡା ଓ ରାମ ଚନ୍ଦ୍ର ମୁର୍ମୁ ଗୋଟିଏ ଲେଖାଏ ଗୋଲ କରିଥିବା ବେଳେ ରାମେଶ୍ୱର ଏଫ୍‌ସି ପକ୍ଷରୁ ଅନୁଜ କୁମାର ପାଣ୍ଡେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଗୋନେଶ୍ୱର ସିଦ୍ଧୁଙ୍କୁ ଅତିଥି ଭାବେ ଯୋଗ ଦେଇଥିବା ବିଏଏର ବରିଷ୍ଠ ସଦସ୍ୟ ରବି ନାରାୟଣ ମହାରଣା ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ କିଶୋର ସ୍ପୋର୍ଟିଂ ୧୧-୦ ଗୋଲରେ କଳିଙ୍ଗ ସ୍ପୋର୍ଟ୍ସକୁ ହରାଇଛି। ବିଜୟୀ ଦଳ ପାଇଁ ରୁଦ୍ର ପ୍ରତାପ ମାନସିଂହ ସର୍ବାଧିକ ୬ ଗୋଲ କରିଥିବା ବେଳେ ସାହେବ ରାଉତ ଓ ସୁଚିତ ମହାନ୍ତି ଦୁଇଟି ଲେଖାଏ ଓ ସତ୍ୟମ ସିଂ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ରୁଦ୍ର ପ୍ରତାପ ମାନସିଂହଙ୍କୁ ଅତିଥି ଭାବେ ଯୋଗ ଦେଇଥିବା ଆଥଲେଟ୍ କୋଚ୍ ନୀଳ ମାଧବ ଦେଓଙ୍କୁ ପୁରସ୍କୃତ କରିଛନ୍ତି।


ପ୍ଲେୟର ଅଫ୍ ଦି ମ୍ୟାଚ୍ ରୁଦ୍ର ପ୍ରତାପ ମାନସିଂହଙ୍କୁ ପୁରସ୍କୃତ କରାଯାଉଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ